
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୫ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 NOVEMBER 2021
Vol.No. 32 ■ No. 291 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର୍ ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୭୭ ଜଣ ମନ୍ତ୍ରୀଙ୍କୁ ୮ଟି ଗ୍ରୁପରେ ଭାଗ କଲେ ମୋଦି



ନୂଆଦିଲ୍ଲୀ,୧୪/୧୧: ଶାସନ କ୍ଷେତ୍ରରେ ଦକ୍ଷତା ଓ ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିବା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଥିବା ସମସ୍ତ ୭୭ ଜଣଙ୍କ ସଦସ୍ୟଙ୍କୁ ସେ ୮ଟି ଗ୍ରୁପରେ ବିଭକ୍ତ କରିଛନ୍ତି। ଟେକ୍ନୋଲୋଜି ଭିତ୍ତିକ ଉତ୍ସଗୁଡ଼ିକର ବିକାଶ ଓ ପ୍ରଫେସନାଲମାନଙ୍କର ଏକ ଟିମ ଗଠନ କରି ସେମାନଙ୍କୁ ନିଜ ସହ ସାମିଲ କରିବାକୁ ମୋଦି କହିଛନ୍ତି। ସରକାରୀ ସୂତ୍ରରୁ ଏପରି ତଥ୍ୟ ସାମ୍ନାକୁ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା ଚିନ୍ତନ ଶିବିରରେ ଏହି ଏସବୁ ବିଷୟରେ ନିଷ୍ପତ୍ତି ନିଆଯାଇଛି। ଏହାପରେ ସମସ୍ତ ମନ୍ତ୍ରୀଙ୍କୁ ୮ଟି ଗ୍ରୁପରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ବୈଠକ ପ୍ରାୟ ପାଞ୍ଚ ଘଣ୍ଟା ଲେଖାଏ ଚାଲିଥିଲା। ମୋଟ ଉପରେ ୫ଥର ବୈଠକ ବସିଛି। ପ୍ରତ୍ୟେକ ବୈଠକରେ ବ୍ୟକ୍ତିଗତ ଦକ୍ଷତା, ମନ୍ତ୍ରଣାଳୟର ଅଂଶୀଦାରଙ୍କ ଯୋଗଦାନ, ପାର୍ଟି ସମନ୍ୱୟ, ଉନ୍ନତ ଯୋଗାଯୋଗ ଏବଂ ସଂସଦୀୟ ଅଭ୍ୟାସ ଉପରେ ଆଲୋଚନା କରାଯାଇଥିଲା। ଶେଷ ବୈଠକରେ ଲୋକସଭା ବାଚସ୍ପତି ଓମ ବିର୍ଲା ଓ ରାଜ୍ୟସଭା ଅଧକ୍ଷ ଏମ ଭେଙ୍କୟା ନାଇଡୁ ମଧ ଯୋଗ ଦେଇଥିଲେ। ଉଭୟ ଗୃହରେ ମନ୍ତ୍ରୀମାନଙ୍କ ଭୂମିକା କିପରି ପ୍ରଭାବଶାଳୀ ହୋଇପାରିବ ସେ ବିଷୟରେ କହିଥିଲେ। ଏହି ଚିନ୍ତନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦକ୍ଷତା ବୃଦ୍ଧି କରିବା ଓ ମୋଦି ସରକାରଙ୍କ ଯୋଜନାକୁ ସୂଚାର ରୂପେ ଲୋକଙ୍କ ପାଖରେ ପହଞ୍ଚାଇବା। ଏଥିସହ ଶାସନ ବ୍ୟବସ୍ଥାରେ ଅଧିକ ଉନ୍ନତି ଆଣିବା ପାଇଁ ହିଁ ମନ୍ତ୍ରୀମାନଙ୍କୁ ଗ୍ରୁପରେ ବିଭକ୍ତ କରାଯାଇଛି। ୭୭ ଜଣ ମନ୍ତ୍ରୀଙ୍କୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯିବାର ଅର୍ଥ ପ୍ରତି ଟିମ୍‌ରେ ୯ରୁ ୧୦ ଜଣ ମନ୍ତ୍ରୀ ରହିଛନ୍ତି। ସମସ୍ତେ ମିଳିତ ଭାବେ ଉତ୍ତମ ଶାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବେ। ପ୍ରତି ଗ୍ରୁପରେ ଜଣେ ମନ୍ତ୍ରୀ ସଂଯୋଜକ ଭାବେ କାର୍ଯ୍ୟ କରିବେ। ଏହି ଗ୍ରୁପ ଗୁଡ଼ିକ ପ୍ରତ୍ୟେକ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ପୋର୍ଟାଲ୍ ବିକଶିତ କରିବେ ଯାହା ସରକାରଙ୍କ ଫ୍ଲାଗଶିପ୍ ସ୍କିମ୍ ଓ ନୀତିଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ଅପଡେଟ ଦେବ। ସଂପୃକ୍ତ ମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଉପରେ ନଜର ରଖିବା ପାଇଁ ଏକ ଡ୍ୟାସବୋର୍ଡ ରହିବ। ଗ୍ରୁପ ଗୁଡ଼ିକୁ ହିତାଧିକାରୀ ଯୋଗଦାନ କାର୍ଯ୍ୟକ୍ରମକୁ ବିକଶିତ କରିବା ସହ ସମସ୍ତ ରାଜ୍ୟ, ଜିଲ୍ଲା ଓ ମନ୍ତ୍ରଣାଳୟର ପ୍ରୋଫାଇଲ୍ ତିଆରି କରିବାକୁ କୁହାଯାଇଛି। ଗୋଟିଏ ଗ୍ରୁପକୁ ଯୋଗାଯୋଗ, ଅନୁସନ୍ଧାନ ଓ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ର ଉପରେ ଭଲ ଦକ୍ଷତା ରଖିଥିବା ତିନି ଜଣ ଯୁବ ପ୍ରତିଭାଙ୍କୁ ନେଇ ଗୋଟିଏ ଟିମ ଗଠନ ପାଇଁ ଦାୟିତ୍ୱ ଦିଆଯାଇଛି। ଅନ୍ୟ ଏକ ଗ୍ରୁପ ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଜ୍ଞତା ଓ ମତାମତକୁ ନେଇ ଏକ ପୋର୍ଟାଲ୍ ବିକଶିତ କରିବେ। ଗ୍ରୁପର ସଂଯୋଗ ଭାବେ କାର୍ଯ୍ୟ କରିବାକୁ ଥିବା କେନ୍ଦ୍ର ମନ୍ତ୍ରୀଙ୍କ ମଧ୍ୟରେ ହରଦୀପ ସିଂହ ପୁରୀ, ନରେନ୍ଦ୍ର ସିଂହ ତୋମାର, ପୀୟୁଷ ଗୋୟଲ, ▶▶ପୃଷ୍ଠା ୭

## ଏଣିକି ୫ ବର୍ଷ ଯାଏ କାର୍ଯ୍ୟ କରିବେ ସିବିଆଇ ଓ ଇଡି ମୁଖ୍ୟ, ଆସିଲା ଅଧ୍ୟାଦେଶ




ନୂଆଦିଲ୍ଲୀ,୧୪/୧୧ (ନି.ପ୍ର): ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ଏଣିକି ୨ ବର୍ଷ ବଦଳରେ ଏହି କେନ୍ଦ୍ରୀୟ ଏଜେନ୍ସିର ମୁଖ୍ୟମାନେ ୫ ବର୍ଷ ଯାଏ କାର୍ଯ୍ୟ କରିବେ। ଏନେଇ ଆଜି କେନ୍ଦ୍ର ସରକାର ସ୍ୱତନ୍ତ୍ର ଅଧ୍ୟାଦେଶ ଆଣିଛନ୍ତି। ଅଧ୍ୟାଦେଶ ବଳରେ ହିଁ ସିବିଆଇ ଓ ଇଡି ମୁଖ୍ୟଙ୍କ କାର୍ଯ୍ୟକାଳକୁ ବଢ଼ା ଯାଇଛି। ଏହି ଅଧ୍ୟାଦେଶ ଉପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୋହର ମାରିଛନ୍ତି। ବର୍ତ୍ତମାନର ନିୟମ ଅନୁଯାୟୀ, ସିବିଆଇ ମୁଖ୍ୟ ଓ ଇଡି ମୁଖ୍ୟ ସର୍ବାଧିକ ୨ ବର୍ଷ ଯାଏ ଏହି ପଦରେ କାମ କରୁଥିଲେ। କେବଳ କିଛି ସର୍ତ୍ତକୁ ଛାଡ଼ି ଦେଲେ ସେମାନଙ୍କୁ ଏହି ପଦରୁ ସରକାର ଚାହିଁଲେ ବି ବିଦା କରିପାରିବେ ନାହିଁ। ସରକାର ଚାହିଁଲେ ଏମାନଙ୍କର କାର୍ଯ୍ୟକାଳକୁ ବୃଦ୍ଧି ମଧ କରିପାରୁଛନ୍ତି। ୧୯୭୭ ପୂର୍ବରୁ ସିବିଆଇ ମୁଖ୍ୟ କେତେ ଦିନ କାର୍ଯ୍ୟ କରିବେ, ସେଥିପାଇଁ କୌଣସି ସମୟସୀମା ଧାର୍ଯ୍ୟ ହୋଇ ନଥିଲା। ସେହିପରି ସରକାର ଯେତେବେଳେ ଚାହିଁବେ, ତାଙ୍କୁ ପଦରୁ ବିଦା କରିବାର ଅଧିକାର ବି ପାଇଥିଲେ। କିନ୍ତୁ ସୁପ୍ରିମକୋର୍ଟ ବୀନିତ ନାରାଇନଙ୍କ ମାମଲାରେ ସିବିଆଇ ମୁଖ୍ୟଙ୍କ ▶▶ପୃଷ୍ଠା ୭

## ଡିସେମ୍ବର ପହିଲାରୁ ବିଧାନସଭା ଶୀତ ଅଧିବେଶନ



ଭୁବନେଶ୍ୱର,୧୪/୧୧(ନି.ପ୍ର): ଡିସେମ୍ବର ପହିଲାରୁ ବିଧାନସଭା ଅଧିବେଶନ । ଡିସେମ୍ବର ୧ ତାରିଖରୁ ରାଜ୍ୟ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଯାହାକି ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଶୀତକାଳୀନ ଅଧିବେଶନରେ ମୋଟ ୨୬ଟି କାର୍ଯ୍ୟଦିବସ ଥିବାବେଳେ ୫ଟି ଛୁଟି ଦିବସ ରହିଛି । ତେବେ କରୋନା କାଳରେ କୋଭିଡ ସଂକ୍ରମଣକୁ ଆଖି ଆଗରେ ରଖି ଶୀତ ଅଧିବେଶନରେ ସମସ୍ତ ପ୍ରକାର କୋଭିଡ୍ କଟକଣା ପାଳନ ହେବ । ଏଥିପାଇଁ ବିଧାୟକଙ୍କର ପୂର୍ବଭଳି କୋଭିଡ୍ ଟେଷ୍ଟ ମଧ କରାଯିବ । ପୂର୍ବରୁ ବିଧାନସଭା ଅଧିବେଶନ ଯେଉଁଭଳି ଭାବେ ହେଉଥିଲା, ଆଗାମୀ ଶୀତ ଅଧିବେଶନ ମଧ ସେହିପରି ହୋଇପାରେ । ଅନ୍ୟପଟେ ଏଥର ଶୀତ ଅଧିବେଶନରେ ବିରୋଧୀମାନେ ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳକୁ ଘେରିପାରନ୍ତି ।

### ଲଘୁଚାପର ରୂପ ନେଲା ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୧୪/୧୧(ନି.ପ୍ର): ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି । ଆଗାମୀ ୧୫ ତାରିଖ ବେଳକୁ ଏହା ଆଣ୍ଡାମାନ ଉପକୂଳରେ ପହଂଚିବ । ସେହିପରି ଅବପାତର ରୂପ ନେଇ ୧୮ ତାରିଖ ସଂଧ୍ୟାରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ତେବେ ଏହା ▶▶ପୃଷ୍ଠା ୭

## ୪ଟି ଜିଲ୍ଲାର ୧୩୮ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୪/୧୧ (ନି.ପ୍ର): ରାଜ୍ୟରେ ଚାଲିଛି ସ୍କୁଲ ରୂପାନ୍ତର ପର୍ବ । ୫-ଟି ସ୍କୁଲ ଟ୍ରାନ୍ସଫରମେସନ୍ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ଟି ଜିଲ୍ଲାର ୧୦୭୫ଟି ରୂପାନ୍ତରିତ ସ୍କୁଲର ଲୋକାର୍ପଣ ଚାଲିଛି । ସାତ ଦିନର ଏହି କାର୍ଯ୍ୟକ୍ରମରେ ଆଜି ଦ୍ୱିତୀୟ ଦିନ ଶିଶୁ ଦିବସରେ ବୌଦ, ସୋନପୁର, ଭଦ୍ରକ ଓ କେନ୍ଦୁଝର ଆଦି ୪ଟି ଜିଲ୍ଲାର ୧୩୮ଟି ରୂପାନ୍ତର ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଲୋକାର୍ପିତ କରିଛନ୍ତି। କେବଳ କେନ୍ଦୁଝର ରେ ଶହେ ରୂପାନ୍ତରିତ ସ୍କୁଲ ଲୋକାର୍ପିତ ହୋଇଛି । ପ୍ରଥମ ଦିନରେ ୫ଟି ଜିଲ୍ଲାର ୧୪୨ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ ହୋଇଥିଲା। ଆଜି ସୁଦ୍ଧା ୩୩୦ଟି ରୂପାନ୍ତରିତ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ଏଥିରେ ହିଞ୍ଜିଳି ଓ ଶେରଗଡର ୫୦ଟି ସ୍କୁଲ ମଧ ସାମିଲ । ଆଜି ଲୋକାର୍ପିତ ହୋଇଥିବା ୧୩୮ଟି ସ୍କୁଲ ମଧ୍ୟରୁ ବୌଦର୧୦ଟି, ସୋନପୁର .୧୧ଟି, ଭଦ୍ରକର ୧୭.ଟି, ଓ କେନ୍ଦୁଝରର..୧୦୦ଟି ସ୍କୁଲ ରହିଛି । ଏହି ଅବସରରେ ଶିଶୁ ଦିବସ ପାଇଁ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଶିକ୍ଷା ବିକାଶ କ୍ଷେତ୍ରରେ ରାଜ୍ୟରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଶିକ୍ଷା ହେଉଛି ରୂପାନ୍ତର ର ପ୍ରଥମ ପାହାଚ। ଶିକ୍ଷା ଭିତିଭୂମି ର ରୂପାନ୍ତର ପିଲାମାନଙ୍କ ମନରେ ଅଶେଷ ପ୍ରେରଣା ଓ ଉତ୍ସାହ ଭରି ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

### ମହିଳାଙ୍କ ସହ ଗଣଦୁଷ୍କର୍ମ ଅଭିଯୋଗ: ପୁଲିସର ତନାଘନା

ନିମାପଡ଼ା, ୧୪/୧୧ (ନି.ପ୍ର): ମହିଳାଙ୍କୁ ଗଣଦୁର୍ଷ୍କମ ଅଭିଯୋଗ । ପୁରୀ ଜିଲ୍ଲା ଅଧିନ ନିମାପଡ଼ା ଥାନା ଅଂଚଳରେ ଏଭଳି ଏକ ଲଜ୍ୟା ଜନକ ଘଟଣା ଘଟିଯାଇଛି । ଗତ ୧୨ ତାରିଖ ରାତି ୧୧ଟାରେ ମହିଳା ଜଣଙ୍କ ଶୌଚ ହେବା ପାଇଁ ସ୍ୱାମୀଙ୍କ ସହ ନିକଟସ୍ଥ କୁଶଭଦ୍ରା ନଦୀକୁ ଯାଇଥିଲେ । ସ୍ୱାମୀ ଆଗରେ ଘରକୁ ଚାଲି ଆସିଥିଲେ । ପରେ ସେଠାରେ ଥିବା ୪ଜଣ ଯୁବକ ତାଙ୍କ ପାଟିରେ ଗାମୁଛା ଦେଇ ଟାଣି ନେଇଯାଇଥିଲେ । ଏବଂ ସେହିଠାରେ ତାଙ୍କ ସହ ଗଣଦୁଷ୍କର୍ମ କରିଥିଲେ । ମହିଳା ଜଣଙ୍କ ଘରକୁ ଆସିବାରେ ବିଳମ୍ବ ହେବାରୁ ସ୍ୱାମୀ ନଦୀ ପାଖକୁ ଯିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ସେହି ସମୟରେ ମହିଳାଙ୍କ ସ୍ୱାମୀ ଜଣେ ଅଭିଯୁକ୍ତଙ୍କୁ ଚିହ୍ନି ପାରିଥିବା ନିମାପଡା ଥାନାରେ ଅଭିଯୋଗ ହୋଇଛି । ଗଣ ଦୁର୍ଷ୍କମ ନେଇ ମହିଳା ଜଣଙ୍କ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ମହିଳାଙ୍କ ଅଭିଯୋଗକୁ ଭିତି କରି ପୁଲିସ ୪ ଜଣ ଯୁବକଙ୍କୁ ଅଟକ ରଖି ପଚାରଉଚରା କରୁଛି ।

## ମେଣ୍ଟ କରିବନି କଂଗ୍ରେସ, ସବୁ ଆସନରେ ପ୍ରାର୍ଥୀ ଦେବ



ଲକ୍ଷ୍ନୌ୧୪/୧୧ (ନି.ପ୍ର): ଆସନ୍ତା ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ନେତୃତ୍ୱରେ କଂଗ୍ରେସ ଜୋରଦାର ପ୍ରସ୍ତୁତି ଚଳାଇଛି। ପ୍ରିୟଙ୍କା ନିଜେ ପ୍ରଚାରର ମଙ୍ଗ ଧରିଥିବା ବେଳେ ଲୋକଙ୍କୁ ନିଜ ଆଡ଼କୁ ଆଣିବା ପାଇଁ ପ୍ରତିଶ୍ରୁତି ବର୍ଷା କରି ଚାଲିଛନ୍ତି। ଏସବୁ ଭିତରେ କଂଗ୍ରେସର ୟୁପି ନିର୍ବାଚନ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି ପ୍ରିୟଙ୍କା। ଆସନ୍ତା ନିର୍ବାଚନରେ କଂଗ୍ରେସ କାହା ସହ ମେଣ୍ଟ କରିବ ନାହିଁ। ରାଜ୍ୟର ସମସ୍ତ ୪୦୩ଟି ଆସନରେ ଦଳ ପକ୍ଷରୁ ନିଜ କର୍ମକର୍ତ୍ତାଙ୍କୁ ପ୍ରାର୍ଥୀ କରାଯିବ ବୋଲି ପ୍ରିୟଙ୍କା କହିଛନ୍ତି। ଏହାପୂର୍ବରୁ କଂଗ୍ରେସ ୨୦୧୭ ଭଳି ୨୦୨୨ରେ ମଧ ସପା, ବିଏସ୍‌ପି କିମ୍ବା ଅନ୍ୟ କିଛି ଆଞ୍ଚଳିକ ଦଳ ସହ ମେଣ୍ଟ କରିବ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ବର୍ତ୍ତମାନ ସ୍ଥିତିରେ କାହା ସହ କଂଗ୍ରେସ ମେଣ୍ଟ କରିବ ନାହିଁ ବୋଲି ପ୍ରିୟଙ୍କା ସ୍ପଷ୍ଟ କରିଛନ୍ତି। ରବିବାର ଉତ୍ତର ପ୍ରଦେଶର ବୁଲନ୍ଦସହରରେ କଂଗ୍ରେସ ପକ୍ଷରୁ ଆୟୋଜିତ 'ପ୍ରତିଜ୍ଞା ସମ୍ମିଳନୀ-ଲକ୍ଷ୍ୟ ୨୦୨୨'ରେ କଂଗ୍ରେସ ଏକାକୀ ବିଧାନସଭା ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଛନ୍ତି। ଆଗ୍ରା, ଅଲୀଗଡ଼, ହାଥରସ ଓ ବୁଲନ୍ଦସହର ଭଳି ୧୪ଟି ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ନିକଟରେ ପ୍ରିୟଙ୍କା ସହ ବୈଠକ କରିଥିଲେ। ସେମାନେ କଂଗ୍ରେସ ଏକାକୀ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଲଢ଼ୁ ବୋଲି ପ୍ରସ୍ତାବ ଦେଇଥିଲେ। ଏହାପରେ ପ୍ରିୟଙ୍କା ଏପରି ଘୋଷଣା କରିଛନ୍ତି।

## ନକ୍ସଲଙ୍କ ବର୍ବର କାଣ୍ଡ: ୪ ଜଣଙ୍କୁ ଘରୁ ଟାଣି ଆଣି ଫାଶିରେ ଝୁଲାଇଦେଲେ

ପାଟନା,୧୪/୧୧ (ନି.ପ୍ର): ପୁଣି ରକ୍ତର ହୋଲି ଖେଳିଛନ୍ତି ନକ୍ସଲ। ବିହାର ଗୟାର ମୁନବାର ଗାଁରେ ନକ୍ସଲମାନେ ବର୍ବର କାଣ୍ଡ ଘଟାଇଛନ୍ତି। ଘର ଭିତରୁ ଟାଣି ଆଣି ୪ ଜଣଙ୍କୁ ଫାଶିରେ ଝୁଲାଇ ଦେଇଛନ୍ତି ନକ୍ସଲ। ଏଥିସହ ଡିନାମାଇଟ ଲଗାଇ ସେମାନଙ୍କ ଘର ମଧ ଉଡାଇ ଦେଇଛନ୍ତି। ପ୍ରତିଶୋଧ ପରାୟଣ ହୋଇ ନକ୍ସଲମାନେ ଏହି କାଣ୍ଡ ଘଟାଇଥିବା କୁହାଯାଉଛି। ସୂଚନା ମୁତାବକ, ଗୟା ଠାରୁ ୭୦ କିଲୋମିଟର ଦୂରରେ ଥିବା ଡୁମରିଆ ବ୍ଲକର ମୁନବାର ଗାଁରେ ଦୁଇ ମହିଳାଙ୍କ ସମେତ ମାଓବାଦୀମାନେ ଚାରି ଜଣଙ୍କୁ ହତ୍ୟା କରିଛନ୍ତି। ଚାରିଜଣଙ୍କୁ ଘର ବାହାରେ ଥିବା ଏକ ଖୁଣ୍ଟରେ ଝୁଲାଇ ଫାଶି ଦେଇଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ହତ୍ୟାକାରୀଙ୍କ ମଧରେ ଗୋଟିଏ ଘରର ହିଁ ଦୁଇଜଣ ସ୍ୱାମୀ ଏବଂ ସେମାନଙ୍କ ପତ୍ନୀ ଅଛନ୍ତି। ସେମାନଙ୍କ ଘରକୁ ବୋମାରେ ଉଡାଇବା ସହ ତାଙ୍କ ଗାଡିରେ ନିଆଁ ଲଗାଇ ଦେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ କହିବା ମୁତାବକ, ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ମୃତକଙ୍କ ମଧରେ ସତେନ୍ଦ୍ର ସିଂ, ମହେନ୍ଦ୍ର ସିଂ, ମନୋରମା ଦେବୀ ଏବଂ ସୁନୀତା ସିଂ ଅଛନ୍ତି। ମାଓବାଦୀମାନେ ମୃତଦେହ ନିକଟରେ ଏକ ପୋଷ୍ଟର ମାରିଛନ୍ତି। ଏଥିରେ ଲେଖାଯାଇଛି ଯେ ମାନବିକତାର ହତ୍ୟାକାରୀ, ଦେଶଦ୍ରୋହୀ ▶▶ପୃଷ୍ଠା ୭

## ଡିଆଇଜି ବିଜେଡିର ମୁଖପାତ୍ର ଭାବେ ପ୍ରତିକ୍ରିୟା ଦେଉଛନ୍ତି : ବିଜେପି

ଭୁବନେଶ୍ୱର,୧୪/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତରେ ଯାଇ ସଭା ମଂଚରେ ମମିତା ହତ୍ୟାକାଣ୍ଡର ମୁଖ୍ୟ ଷଡଯନ୍ତ୍ରକାରୀ ତଥା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହିତ ବସି ପୋଲିସ ଉପରେ ଚାପ ପକାଉଛନ୍ତି । ରାଜ୍ୟ ସରକାର ସତ୍ୟତାକୁ ଲୁଚାଇବା ପାଇଁ ଓ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ସୁରକ୍ଷା ଦେବା ପାଇଁ ସଂପୂର୍ଣ୍ଣ ଚେଷ୍ଟା ଜାରୀ ରଖିଛନ୍ତି। ଗତ କାଲି ଡିଆଇଜି ଦୀପକ କୁମାର ପୋଲିସ ଅଧିକାରୀ ଭାବେ ନୁହେଁ ବରଂ ଶାସକ ବିଜେଡିର ମୁଖପାତ୍ର ଭାବେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଘଟଣା ଘଟିବାର ମାସେରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ହତ୍ୟାକାଣ୍ଡର କାରଣ ସଂପର୍କରେ ପୋଲିସ ବିଭାଗ ତରଫରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ବର୍ତ୍ତମାନ ସୁଦ୍ଧା ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଇନାହିଁ ।ଏ ସମସ୍ତ ପ୍ରଶ୍ନର ଉତର ନରଖି ନିଜ ତଦନ୍ତକୁ ଦିଗହରା କରିବା ପାଇଁ କ୍ଷମତାର ବାହାରକୁ ଯାଇ ଡିଆଇଜି ଦୀପକ କୁମାର ଶାସକ ବିଜେଡିର ମୁଖପାତ୍ର ଭଳି ରାଜନୈତିକ ଉତର ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅସାମ୍ବିଧାନିକ। ଘଟଣାର ତଦନ୍ତକାରୀ ଅଫିସର ଡିଆଇଜି ଦୀପକ କୁମାର ନୁହନ୍ତି । ତଦନ୍ତ ପ୍ରକ୍ରିୟା ଜାରୀ ରହିଥିବାବେଳେ କେଉଁ ଆଧାରରେ ଦିବ୍ୟଶଙ୍କର ରାୟପୁର ଯାଇନଥିବା ଡିଆଇଜି କହିଛନ୍ତି, ତାହା ସେ ସ୍ପଷ୍ଟ କରନ୍ତୁ । ଏଭଳି କହି ଡିଆଇଜି ସିଧାସଳଖ ଭାବେ ତଦନ୍ତକାରୀ ଅଫିସରଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି ବୋଲି ଡ.ଲେଖାଶ୍ରୀ କହିଛନ୍ତି। ରାଜ୍ୟ ସରକାର ନିଜର ସମସ୍ତ କଳବଳକୁ ଲଗାଇ ମମିତା ହତ୍ୟାକାଣ୍ଡରୁ ଦିବ୍ୟଶଙ୍କରଙ୍କୁ ଖଲାସ କରିଦେବାର ପ୍ରଚେଷ୍ଟା ଜାରୀ ରଖିଛନ୍ତି । ମୁଖ୍ୟ ଷଡଯନ୍ତ୍ରକାରୀ ଦିବ୍ୟଶଙ୍କରଙ୍କୁ ବର୍ତମାନ ସୁଦ୍ଧା ଗୃହ ବିଭାଗ ଦାୟୀତ୍ୱରେ ରଖିବା; ମୁଖ୍ୟମନ୍ତ୍ରୀ କଳାହାଣ୍ଡିରେ ଦିବ୍ୟଶଙ୍କରଙ୍କ ସହ ଏକାଠି ମଂଚରେ ବସି ପୋଲିସ ଉପରେ ଚାପ ସୃଷ୍ଟି କରିବା ପରେ ଗତ କାଲିର ଡିଆଇଜିଙ୍କ ବିବୃତି ସିଧାସଳଖ ଭାବେ ତଦନ୍ତକାରୀ ପୋଲିସ ଅଧିକାରୀଙ୍କ ଉପରେ ତଦନ୍ତ ପ୍ରକ୍ରିୟାକୁ ବାଟବଣା କରି ଦିବ୍ୟଶଙ୍କରଙ୍କୁ ଖସାଇ ଦେବା ପାଇଁ ଚାପ ସୃଷ୍ଟି କରିଛି । ଶାସକ ବିଜେଡି ଦୀପକ କୁମାରଙ୍କୁ ପୋଲିସ ବିଭାଗରୁ ଅନ୍ତ କରି ମୁଖପାତ୍ର ଭାବେ ବ୍ୟବହାର କରନ୍ତୁ ବୋଲି ଡ.ଲେଖାଶ୍ରୀ ତାସଲ୍ୟ କରି କହିଛନ୍ତି। ଏଭଳି ବିଭତ୍ସ ଘଟଣାରେ ନିଜ ଦଳର ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଥିବା ଶାସକ ବିଜେଡି କଣ ଜବାବ୍ ଦେବ ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି ।

## ହେଲ୍‌ଦୀ ଲାଇଫ୍ ଦ୍ୱାରା ମଧୁମେହ ଦିବସ ପାଳିତ




ବାଲେଶ୍ୱର,୧୪/୧୧(ନି.ପ୍ର) : ହେଲଦୀ ଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିୟର ଏଣ୍ଡ ଯୌଗିକ ସାଇନ୍‌ସ ଚିଡିଆ ପୋଲ ବିବେକାନନ୍ଦ ମାର୍ଗ ପରିସରରେ ୧୦୦ ଜଣ ମଧୁମେହ ରୋଗୀଙ୍କୁ ନେଇ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ମୁଖ୍ୟ ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ଲେଖକ କାଳୀପଦ ପଣ୍ଡା ଯୋଗଦେଇ ମଧୁମେୟ କେବଳ ମାନସିକ ସ୍ଥିରତା, ଖାଦ୍ୟ ଓ ଯୋଗ ଦ୍ୱାରା ଭଲ ହୋଇ ପାରିବ ଏବଂ ପ୍ରତ୍ୟେକ ଦିନ ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବା ଦରକାର ବୋଲି କହିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ ରୋଗୀ ମାନଙ୍କୁ ମାଗଣା ଡାବର କମ୍ପାନୀର ମେଡିସିନ ପ୍ରଦାନ କରିଥିଲେ । ପ୍ରାକୃତିକ ଚିକିତ୍ସା, ଯୋଗ, ପ୍ରାଣାୟମ, ଧ୍ୟାନ, ଶାରୀରିକ ପରିଶ୍ରମ କଲେ ଆମେ ମଧୁମେହ ରୋଗକୁ ଦୁରେଇ ପାରିବା । ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟର ପ୍ରିନ୍‌ସପାଲ ଯେଉଁମାନେ ଏମ.ଏ ଇନ୍ ଯୋଗ ଛାତ୍ରଛାତ୍ରୀମାନେ ରୋଗ ପାଇଁ ଯୋଗ ମଧୁମେହ ରୋଗୀର କଣ ଆସନ ପ୍ରାଣାୟାମ ଶିଖାଇ ଥିଲେ । ଯୋଗ ଶିକ୍ଷକ ଅଭିଶେଖ ଦାସ ଯୋଗର ଉପକାରିତା ବୁଝାଇଥିଲେ । ଶେଷରେ ପ୍ରିନ୍‌ସପାଲ ଦେବୀ ଅର୍ଚ୍ଚନା ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସମାପନ କରିଥିଲେ ।

# ଭୋଟର ପରିଚୟପତ୍ର ସମ୍ପର୍କିତ ସଚେତନତା

ମାଲକାନଗିରି,୧୪/୧୧ (ନି.ପ୍ର): ୧୮ ବର୍ଷ ବା ତା ଠାରୁ ଅଧିକ ବୟସ ହୋଇଥିବା ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏସ୍.ଭି.ଇ.ଇ.ପି କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ନାମାଙ୍କନପତ୍ର ଦାଖଲ କରିପାରିବେ । ମାଲକାନଗିରି ଉପଜିଲାପାଳ ଅଜୟ କୁମାର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ସୁଜିତ ମୋହନ ମଣ୍ଡଳଙ୍କ ସମେତ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବୈଠକରେ ଉପସ୍ଥିତ ଥିଲେ । ୧୮ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ଛାତ୍ରଛାତ୍ରୀଙ୍କୁ ନିଜର ନାମାଙ୍କନପତ୍ର ଦାଖଲ ପାଇଁ ଆସନ୍ତା ୧୬ ତାରିଖ ଦିନ ସମସ୍ତ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ନିଷ୍ପତି ନିଆଯାଇଛି । ନଭେମ୍ବର ୩୦ ପର୍ଯ୍ୟନ୍ତ ମାଲକାନଗିରି ଜିଲାର ସମସ୍ତ ବି.ଏଲ୍.ଓ.ରେ ସମସ୍ତ ଭୁଲ୍ ସଂଶୋଧନ ଓ ନୂତନ ଆବେଦନ ଗ୍ରହଣ କରାଯିବ । ୨୧ତାରିଖ ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ । ଜ୍ଞାନରଞ୍ଜନ ସ୍ୱାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଜିଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ଦିନିକିଆ ମେଗା ଆଇନ ସେବା ଶିବିର ଆୟୋଜିତ

ଝାରସୁଗୁଡା,୧୪/୧୧ (ନି.ପ୍ର): ଝାରସୁଗୁଡ଼ାରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ବୃହତ ଆଇନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶରେ ଝାରସୁଗୁଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏହି ଦିନିକିଆ ମେଗା ଆଇନ ସେବା ଶିବିର ଆୟୋଜନ କରାଯାଇଥିଲା । ଝାରସୁଗୁଡା ଜିଲ୍ଲା ପ୍ରଶାସନର ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଶତାଧିକ ହିତାଧିକାରୀଙ୍କୁ ମାଗଣାରେ ତିନି ଚକିଆ ସାଇକେଲ, ସ୍ୱତନ୍ତ୍ର ସହଯୋଗିତା କିଟ୍ ବ୍ୟାଗ ପ୍ରଦାନ କରାଯାଇଥିଲା । ବିଶେଷ କରି କରୋନାରେ ବାପା ମାଙ୍କୁ ହରାଇଥିବା ସମସ୍ତ ଅନାଥ ଶିଶୁ ଓ ନାବାଳକ ନାବାଳିକା ମାନଙ୍କୁ ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ପ୍ରାଧିକରଣ ମହିଳା, ଗରିବ ଓ ଅସହାୟ ମାନଙ୍କ ପାଇଁ ରହିଥିବା ସମସ୍ତ ପ୍ରକାରର ଆଇନ ସେବା ସୁବିଧା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ସୃଜନୀ ସଂସ୍ଥା ତରଫରୁ ଏକ ଆଇନ ସଚେତନତା ନାଟକ ମଞ୍ଚସ୍ଥ ହୋଇଥିଲା । ଝାରସୁଗୁଡ଼ା ଜିଲ୍ଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ହର ପ୍ରସାଦ ପାଢ଼ୀ, ଜିଲ୍ଲା ପୋକସୋ ଅଦାଲତ ମାଜିଷ୍ଟ୍ରେଟଙ୍କ ସମେତ ସମସ୍ତ କୋର୍ଟ ମାଜିଷ୍ଟ୍ରେଟ ଯୋଗ ଦେଇଥିଲା ବେଳେ ଝାରସୁଗୁଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ, ଜିଲ୍ଲା ସରକାରୀ ଓକିଲ ଗୋପାଳକୃଷ୍ଣ ପଟ୍ଟନାୟକ, ଜିଲ୍ଲା ବନଖଣ୍ଡ ଅଧିକାରୀ ଲଳିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲା ନିର୍ମାଣ ଶ୍ରମିକ କଲ୍ୟାଣ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା କୃଷି ବିଭାଗ ଆଦି ସରକାରୀ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

# ଏମପିଙ୍କ ଦ୍ୱାରା ମିଶନ ଶକ୍ତି ଗୃହ ଉଦଘାଟିତ

କନ୍ଧମାଳ,୧୪/୧୧ (ନି.ପ୍ର): ଶନିବାର କନ୍ଧମାଳ ଏମପି ଡ଼ ଅଚ୍ୟୁତ ସାମନ୍ତ ଙ୍କ ଦ୍ୱାରା ରାଇକିଆ ପଂଚାୟତ କାର୍ଯ୍ୟାଳୟ ପରିସର ରେ ନବ ନିର୍ମିତ ମିଶନଶକ୍ତି ଗୃହ କୁ ଉଦଘାଟନ କରିଛନ୍ତି । ବହୁ ସଂଖ୍ୟା ରେ ମହିଳା ଉପସ୍ଥିତ ରହି ଏମପି ଙ୍କୁ ସ୍ୱାଗତ କରିଥିଲେ । ପରେ ପଂଚାୟତ କାର୍ଯ୍ୟାଳୟ ପରିସର ରେ ନିର୍ମିତ ହୋଇଥିଲା ଲାଇବ୍ରେରୀ ମଧ ବୁଲି ଦେଖିଥିଲେ । ଏମପି ଙ୍କ ସମେତ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବ୍ରହ୍ମପୁର ବିଧାୟକ ବିକ୍ରମପଣ୍ଡା, ଜିଲ୍ଲାପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ରାଇକିଆ ସରପଂଚ ପଂଚୁ ପ୍ରଧାନ, ବିଡ଼ିଓ ସ୍ମରଣିକା ଟୁଲୋ ଯୋଗ ଦେଇଥିଲେ ।

# ଉଚ୍ଚ ଶିକ୍ଷା ଆଂଚଳିକ ନିର୍ଦ୍ଦେଶକଙ୍କ ମାଲକାନଗିରି କଲେଜ ପରିଦର୍ଶନ

ମାଲକାନଗିରି ,୧୪/୧୧ (ନି.ପ୍ର): ଜିଲ୍ଲାର ସର୍ବପ୍ରଥମ ମାଲକାନଗିରି ମହାବିଦ୍ୟାଳୟର ସ୍ଥାୟୀ ସ୍ୱୀକୃତି ପାଇଁ ଉଚ୍ଚ ଶିକ୍ଷା ଆଂଚଳିକ ନିର୍ଦ୍ଦେଶକ ଦିନିକିଆ ମାଲକାନଗିରି କଲେଜ ପରିଦର୍ଶନ କରି ବିଭିନ୍ନ ପ୍ରକାର ଭିତ୍ତିଭୂମି ତନଖି ସନ୍ତୋଷ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆଂଚଳିକ ନିର୍ଦ୍ଦେଶକ ଡ.ତ୍ରିନାଥ ପ୍ରସାଦ ରଥଙ୍କ ସହିତ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ . ସଦାନନ୍ଦ ନାୟକ ଓ କମ୍ପୁଟର ବିଭାଗର ଡ.ଶାନ୍ତନୁ କୁମାର ଦାସ ମାଲକାନଗିରି ମହାବିଦ୍ୟଳୟ ପରିଦର୍ଶନ କରିଥିଲେ । ମହାବିଦ୍ୟାଳୟର ପାଠଗାର , ଶ୍ରେଣୀ ଗୃହ , କର୍ମଚାରୀ , ଅଧ୍ୟାପକ ଅଧ୍ୟାପିକାଙ୍କ ଉପସ୍ଥାନ , ପାଠ୍ୟ ଖସଡା , ଫଳାଫଳ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ତଦାରଖ କରିଥିଲେ । ଏହି ଅଧିକାରୀଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଡ.ରଞ୍ଜନ କୁମାର ସ୍ୱାଇଁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ପରିଦର୍ଶନରେ ସହାୟତା କରିଥିଲେ । ଇଂରାଜୀ ବିଭାଗ ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ ନଥି ପତ୍ର ପ୍ରସ୍ତୁତ କରି ବାରେ ସାହାଯ୍ୟ କରିଥିଲେ । ମହାବିଦ୍ୟଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା , କର୍ମଚାରୀ ଓ ଛାତ୍ରଛାତ୍ରୀ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ତୁରନ୍ତ ସ୍ଥାୟୀ ସ୍ୱୀକୃତି ପାଇଁ ନିବେଦନ କରିଥିଲେ ।

# ମେଗା ଆଇନ ସେବା ଶିବିର ଅନୁଷ୍ଠିତ

ଜୟପୁର,୧୪/୧୧ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୋରାପୁଟ ଜୟପୁର ଦ୍ୱାରା ଜିଲ୍ଲା ପ୍ରଶାସନ କୋରାପୁଟଙ୍କ ସହଯୋଗରେ ଜୟପୁର ସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଯୋଗ୍ୟ ହିତାଧିକାରିଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣ ଯୋଜନାର ସୁଫଳ ବଂଟନ ସମ୍ପର୍କିତ ମେଗା ଆଇନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ କୋରାପୁଟ ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଆଇନ ସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଲୋକ ଅଦାଲତର ବିଚାରପତି ଶୁଭ ଗୌତମ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କୋରାପୁଟ ଜିଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡପାଲ୍ଲି, ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ବିଭିନ୍ନ ବିଭାଗର ଯୋଗ୍ୟ ବିବେଚିତ ହିତାଧିକାରି ମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣ ଯୋଜନାର ସୁଫଳ ବଂଟନ କରିଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ରାଜେଶ ଏକ୍କା ,ପରିବାର ଅଦାଲତ ବିଚାରପତି ପବିତ୍ର ମୋହନ ସାମଲ. ଅତିରିକ୍ତ ଜିଲା ଜଜ ରାଜେଶ ନାୟାର, ରିଜିଷ୍ଟ୍ରାର ସରତ କୁମାର ଜେନା, ଉପଖଣ୍ଡ ଦଣ୍ଡାଧିକାରି ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ବିଚାରପତି ଚରଣ କୁମାର ଜେନା, ଉପଖଣ୍ଡ ବନ ଅଧିକାରି ଏନ. ଏସ. ଜେପି ସିଂ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ, ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ପା,ଏସଡିପିଓ ଅରୁପ ଅଭିଷେକ ବେହେରା, ସରାକାରୀ ଓକିଲ ବିଷ୍ଣୁ ପ୍ରସାଦ ପାତ୍ର , ଉପଖଣ୍ଡ ସୁଚନା ଓ ଲୋକ ସମ୍ପର୍କ ଅଧିକାରି ଯଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଦ୍ୱାରା ୪୨ ଜଣ ହାତିଧିକାରିଙ୍କୁ ଜିଲା ମଙ୍ଗଳ ବିଭାଗ ଦ୍ୱାରା ୧୦ ଜଣ, ଶ୍ରମ ବିଭାଗ ଦ୍ୱାରା ୨୦, ଜଙ୍ଗଲ ବିଭାଗ ଦ୍ୱାରା ୧୦, ଜାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ୯୬, ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ୨୩ ଜଣ ହିତାଧିକାରି , ମୋଟ୨୦୧ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ଜନ ମଙ୍ଗଳ ଯୋଜନାର ସୁଫଳ ବଂଟନ କରାଯାଇଥିଲା । ଏହା ବ୍ୟତିତ ମେଗା ଶିବିରରେ ବିଚାର ବିଭାଗର ୭୫ ବର୍ଷ କାଯ୍ୟକଳାପ ଓ ସଫଳତା ତଥା ଆଇନ ସେବା ସଂସ୍ଥାର ବିଭିନ୍ନ କାଯ୍ୟକ୍ରମ ସମ୍ପର୍କରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ।

# ବିଶାଳ ଆଇନ ସେବା ଓ ସଚେତନତା ଶିବିର ଅନୁଷ୍ଠିତ

ପୁରୀ,୧୪/୧୧ (ନି.ପ୍ର): ବିଶାଳ ଆଇନ ସେବା ଓ ସଚେତନତା ଶିବିର ତାଳବଣିଆସ୍ଥିତ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପ୍ରଶାସନ, ରାଜ୍ୟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଛି । ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶାନୁଯାୟୀ ଦେଶର ସମସ୍ତ ଜିଲ୍ଲା ଗୁଡିକରେ ଏହି ସଚେତନତା ଶିବିର ଆୟୋଜିତ ହୋଇଛି । ଉକ୍ତ ଶିବିରରେ ଆଇନ ସଚେତନତା ସହିତ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ହିତାଧିକାରୀ ମାନଙ୍କୁ ସହାୟତା ବଣ୍ଟନ କରାଯାଇଛି । ବିଶେଷ ଭାବେ କରୋନା ମହାମାରୀ ସମୟରେ ପିତାମାତାଙ୍କୁ ହରାଇ ଥିବା ପିଲା ମାନଙ୍କୁ ଆଶିର୍ବାଦ ଯୋଜନା, ଭିନ୍ନକ୍ଷମ ମାନଙ୍କୁ ହ୍ୱିଲ ଚେୟାର ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ହିତାଧିକାରୀ ମାନଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରାଯାଇଛି । ମହାତ୍ମା ଗାନ୍ଧିଙ୍କ ଜନ୍ମଦିନ ଅକ୍ଟୋବର ୨ ତାରିଖରୁ ନେହେରୁଙ୍କ ଜନ୍ମଦିନ ନଭେମ୍ବର ୧୪ ତାରିଖ ମଧ୍ୟରେ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଆଇନ ସେବା ସ୍ୱେଚ୍ଛାସେବୀ, ଅଙ୍ଗନୱାଡି ଓ ଆଶା କର୍ମୀ, ଡାକ ସେବକ ମାନଙ୍କ ମାଧ୍ୟମରେ ଗାଁ ଗାଁ ବୁଲି ଆଇନ ସେବା ସଂପର୍କରେ ସଚେତନତା ସୃଷ୍ଟି କରାଯାଉଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ଅମରେଶ ମହାପାତ୍ର ଏଭଳି ଶିବିର ଆୟୋଜନରେ ସହଯୋଗ କରିଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସିନାପାଲିରେ କୋଭିଡ଼ ଟୀକାକରଣ ଏକ ଲକ୍ଷରେ ପହଂଚିଲା

ନୂଆପଡା,୧୪/୧୧ (ନି.ପ୍ର): ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ବ୍ଲକରେ ଲୋକଙ୍କୁ ନିୟମିତ ଟୀକାକରଣ ଚାଲିଥିବା ବେଳେ ବର୍ତମାନ ଟୀକାକରଣ ଏକ ଲକ୍ଷରେ ପହଂଚି ଥିବା ନେଇ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । କୋଭିଡ ଟୀକାକରଣ ରେ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ସକ୍ରିୟ ସହଭାଗିତା ଓ ସମର୍ପିତ ଭାବନା ତଥା କର୍ମଚଂଚଳତା ଯୋଗୁଁ ଏ ଭଳି ସଫଳତାର ପାହାଚ ଅତିକ୍ରମ କରିଛି । ପ୍ରାୟ ଦୁଇ ବର୍ଷ ହେବ କୋଭିଡ ସମସ୍ୟାକୁ ନେଇ ଜୀବନ ଜୀବିକା ଅସ୍ତବ୍ୟସ୍ତ ହୋଇପଡିଥିଲା । ଗତ ଜାନୁୟାରୀ ମାସରେ ପ୍ରଥମ କରି ସିନାପାଲି ରେ କୋଭିଡ ଟୀକାକରଣ ଆରମ୍ଭ କରାଯାଇଥିଲା । ଏନେଇ ପ୍ରଶାସନିକ ସ୍ତରରେ ବିଭିନ୍ନ ଗ୍ରାମକୁ ଯାଇ ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ଟିକାନେବା ସଚେତନ କରାଯାଇଥିଲା ।

ପ୍ରକାଶ ଯୋଗ୍ୟ ଯେ ଗତ ଜାନୁଆରୀ ମାସ ୨୧ ତାରିଖରେ ସିନାପାଲି କୋଭିଡ ଟୀକାକରଣ କେନ୍ଦ୍ରରେ ପ୍ରଥମ କରି ଟୀକାକରଣ ଆରମ୍ଭ ହୋଇଥିଲା । ସିନାପାଲି ବ୍ଲକରେ ଟୀକାକରଣ ର ଏହି ପ୍ରଥମ ଟୀକା ବିଭାଗୀୟ ପିଏଚଇଓ ଅଙ୍ଗଦରାମ ମାଝୀ ଗ୍ରହଣ କରି ଆରମ୍ଭ କରିଥିଲେ । ନିୟମିତ ଟୀକାକରଣ ଚାଲିଥିବାରୁ ଚଳିତ ମାସ ୧୦ ତାରିଖ ଦିନ ଚଟିଆଗୁଡା ଟୀକାକରଣ କେନ୍ଦ୍ର ରେ ଏହା ଏକ ଲକ୍ଷରେ ପହଂଚି ଥିବା ନେଇ ବିଭାଗୀୟ ଅଧିକାରୀ ତଥା ସିନାପାଲି କୋଭିଡ ଅଧିକାରୀ ଡାକ୍ତର ଭୈରବ ଚରଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ଗଛ ଭାଙ୍ଗି ରାସ୍ତା ଅବରୋଧ

କନ୍ଧମାଳ,୧୪/୧୧ (ନି.ପ୍ର): ଖଜୁରୀପଡା ବ୍ଲକ ଅନ୍ତର୍ଗତ ଆର ନୂଆଁଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଏକ ଶୁଖିଲା ଆମ୍ବଗଛର ଅଧା ଅଂଶ ସକାଳୁ ହଠାତ୍ ଭାଙ୍ଗି ପଡିବା ଫଳରେ ନିକଟରେ ରହିଥିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ବିଦ୍ୟୁତ୍ ତାର ସବୁ ଛିଣ୍ଡି ପଡିଥିବା ଦେଖିବାକୁ ମିଳିଛି । ସେହିଭଳି ନିକଟରେ ଏକ ଦୋକାନର ଆଜବେଷ୍ଟସ୍ ଭାଙ୍ଗିରୁଜି ଯାଇଥିବା ବେଳେ ଦୋକାନୀ ସମେତ ଆଖପାଖରେ କାହାର ଧନଜୀବନର କୌଣସି ହୋଇନଥିବା ଜଣାପଡିଛି । ରାସ୍ତା ଉପରେ ଆମ୍ବଗଛର ଅଧା ଅଂଶ ପଡିରହିବା ଫଳରେ ଯାନବାହାନ ଯିବାଆସିବା ରେ ସମସ୍ୟା ହୋଇଥିବା ବେଳେ ଖଜୁରୀପଡା ଅଗ୍ନିଶମ କର୍ମଚାରୀ ତୁରନ୍ତ ପହଞ୍ଚି ମେସିନ ସାହାଯ୍ୟରେ ରାସ୍ତା ଅବରୋଧ କରିଥିବା ଗଛକୁ କାଟି ରାସ୍ତା ସଫା କରିବା ପରେ ଯାନବାହାନ ଯିବାଆସିବା ସ୍ୱାଭାବିକ ହୋଇଥିଲା । ବିଦ୍ୟୁତ୍ ବିଭାଗ ତରଫରୁ ମରାମତି କାର୍ଯ୍ୟ ପାଇଁ ତୁରନ୍ତ ପଦକ୍ଷେପ ଆରମ୍ଭ ହୋଇଥିବା ବେଳେ ରାସ୍ତା କଡରେ ରହୁଥିବା ବିପଦପୂର୍ଣ୍ଣ ଶୁଖିଲା ଗଛ ସବୁ ହଟେଇବା ପାଇଁ ଅନେକ ଅଂଚଳରୁ ଦାବୀ ହେଉଥିଲେ ମଧ୍ୟ ଏଥିପାଇଁ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ଖଜୁରୀପଡା ବଜାର ଅଂଚଳ ସମେତ ଫୁଲବାଣୀ ଖଜୁରୀପଡା ଏବଂ ଖଜୁରୀପଡା ଠାରୁ ଲାଇନପଡା ରାସ୍ତାରେ ମଧ୍ୟ ଅନେକ ଶୁଖିଲା ବିପଦପୂର୍ଣ୍ଣ ଗଛ ସବୁ ରହିଛି । ଏସବୁ ବିପଦପୂର୍ଣ୍ଣ ଗଛ କାଟିବା ଦାଇତ୍ୱ ଜଙ୍ଗଲ ବିଭାଗର ନା ପୂର୍ତ୍ତ ବିଭାଗର ତାହା ମଧ୍ୟ ଅନେକ ସମୟରେ ଉଭୟ ବିଭାଗର କାଦୁଅ ଫିଙ୍ଗାଫିଙ୍ଗି ହେଉଥିବା ଶୁଣିବାକୁ ମିଳୁଛି । ଜଙ୍ଗଲ ବିଭାଗକୁ ସୁଚନା ଦେଲେ ଲିଖିତ ଭାବେ ରେଞ୍ଜର ଏବଂ ଡିଏଫଓଙ୍କୁ ଅଭିଯୋଗ ଦେବାକୁ ବନପାଳଙ୍କ କାର୍ଯ୍ୟାଳୟରୁ କୁହାଯାଉଥିବା ବେଳେ ପୂର୍ତ୍ତ ବିଭାଗ ତରଫରୁ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ସ୍ପଷ୍ଟ ଦେଖିବାକୁ ମିଳିଛି । ଆଜି ହଠାତ୍ ଏଭଳି ଅଘଟଣ ଘଟିଯାଇଥିବା ବେଳେ ଉକ୍ତ ଗଛର ଆହୁରି ଅନେକ ଶୁଖିଲା ଡାଳ ବିପଦପୂର୍ଣ୍ଣ ଭାବେ ରହିଥିବା ଦେଖିବାକୁ ମିଳିଛି । ନୂଆଗାଁ ସ୍ଥିତ ଏହି ବିପଦପୂର୍ଣ୍ଣ ଆମ୍ବଗଛକୁ ଲାଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ତାହା ମଧ୍ୟ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀ ସମେତ ସାଧାରଣ ଲୋକଙ୍କ ଧନଜୀବନ ହାନୀ ର ଅନେକ ସମ୍ଭାବନା ରହିଛି ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଫୁଲବାଣୀରେ ବିଶାଳ ଆଇନସେବା ଶିବିର ଅନୁଷ୍ଠିତ

କନ୍ଧମାଳ,୧୪/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଫୁଲବାଣୀ ଓ ଜିଲ୍ଲା ପ୍ରଶାସନ, କନ୍ଧମାଳଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଦାରିଦ୍ର୍ୟ ଦୂରୀକରଣ, ଅଣସଙ୍ଗଠିତ ଶ୍ରମିକମାନଙ୍କର ଅଧିକାର, ଆଦିବାସୀଙ୍କ ଅଧିକାରର ସୁରକ୍ଷା ଓ ପ୍ରବର୍ତନ ପାଇଁ ସେବା ପ୍ରଦାନ ମୂଳକ ବିଶାଳ ଆଇନ ସେବା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଚାରପତି-ତଥା- ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସାରଦା ପ୍ରସାଦ ନାୟକ, କନ୍ଧମାଳ ଜିଲ୍ଲାପାଳ ଡା. ବୃନ୍ଦା ଡି., ଅତିରିକ୍ତ ଜିଲ୍ଲା ବିଚାରପତି-ତଥା-ସ୍ୱତନ୍ତ୍ର ବିଚାରପତି, ଦୁର୍ନୀତି ନିବାରଣ ଶୁଭଦର୍ଶୀ ପଟ୍ଟନାୟକ, ଆଡ୍ ହକ୍ ଅତିରିକ୍ତ ଜିଲ୍ଲା ବିଚାରପତି (ଏଫ୍.ଟି.ଏସ୍.ସି.), ଫୁଲବାଣୀ ଭାସ୍କର ଚନ୍ଦ୍ର ସାହୁ, ସ୍ଥାୟୀ ଲୋକ ଅଦାଲତ (ପି.ୟୁ.ଏସ୍.), କନ୍ଧମାଳ, ଫୁଲବାଣୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭିନିତ୍ ଅଗ୍ରୱାଲ୍, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ, ଜିଲ୍ଲା ବାର୍ ଆସୋସିଏସନ୍‌ର ସଭାପତି ସିଦ୍ଧେଶ୍ୱର ଦାଶ, ପରିବାର ଅଦାଲତ ବିଚାରପତି, ଫୁଲବାଣୀ ସୁଶ୍ରୀ ସ୍ମୃତିଲେଖା ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୀମତୀ ରଞ୍ଜିତା ଜ୍ୟୋତିଷି, ରେଜିଷ୍ଟ୍ରାର,ସିଭିଲ୍ କୋର୍ଟ ,ଫୁଲବାଣୀ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ,ଫୁଲବାଣୀ ଶ୍ରୀମତୀ ପାତଞ୍ଜଳୀ ସାହୁ, ସହକାରୀ ଦୌରା ବିଚାରପତି (ମହିଳା ଅଦାଲତ) ଶ୍ରୀମତୀ ଶିବାନୀ ଆଚାର୍ଯ୍ୟ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୀମତୀ ରମାଦେବୀ ସୋରେନ୍, ପ୍ରଥମ ଶ୍ରେଣୀ ବିଚାର ବିଭଗୀୟ ମାଜିଷ୍ଟ୍ରେଟ୍ ଶ୍ରୀ ବିରାଜ ପ୍ରସାଦ ପଣ୍ଡା ଓ ସୁଶ୍ରୀ ପ୍ରେରଣାଶ୍ରୀ ଦେଓ, କନ୍ଧମାଳ ଉପଜିଲ୍ଲାପାଳ ଶ୍ରୀ ଶେଷଦେବ ମିଶ୍ର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାଶ , ତହସିଲଦାର୍, ଫୁଲବାଣୀ, ଖଜୁରୀପଡ଼ା ଓ ଫିରିଙ୍ଗିଆ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀ, ଆଡ୍‌ଭୋକେଟ, ଗଣମାଧ୍ୟମର ପ୍ରତିନିଧି, ଏବଂ ହିତାଧିକାରୀ ମାନେ ଯୋଗଦେଇଥିଲେ ।

# ପଚାଂୟତ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ କରିବା ପାଇଁ ସ୍ୱାଭିମାନ ଅଂଚଳରେ ଜୋରଦାର ହେବ ମାଓ ଦମନ ଅଭିଯାନ

ମାଲକାନଗିରି,୧୪/୧୧ (ନି.ପ୍ର): ତିନି ଦିନ ପୂର୍ବେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଓଡିଶା ଗସ୍ତରେ ଆସିଥିବାବେଳେ ମାଲକାନଗିରି ପୋଲାଭରମ ପ୍ରକଳ୍ପ ସମେତ ଆନ୍ଧ୍ର ଓଡିଶା ସୀମାନ୍ତ ମାଲକାନଗିରି ଜିଲାରେ ମାଓ ଦମନ ଓ ସୀମାନ୍ତରେ ଗଞ୍ଜେଇ ଚାଷ ନିମନ୍ତେ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇଥିଲା । ମାଲକାନଗିରି ଜିଲା ସୀମାକୁ ଲାଗି ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲା, ପୂର୍ବ ଗୋଦାବରୀ ଜିଲା ସମେତ ତେଲେଙ୍ଗାନାର ଭଦ୍ରାଦ୍ରି ଜିଲା ମଧ ରହିଛି । ତେବେ ପୂର୍ବ ଗୋଦାବରୀ, ବିଶାଖାପାଟଣା ଜିଲ୍ଲା ସମେତ ମାଲକାନଗରି ଜିଲା ପୁଲିସ ମିଳିତ ଭାବେ ମାଓ ଦମନ ଅଭିଯାନ ଆରମ୍ଭ କରିବାକୁ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଥିଲା । ତିନୋଟି ଜିଲାର ପୁଲିସ ବାହିନୀକୁ ନେଇ ସ୍ୱତନ୍ତ୍ର ଭାବେ ଏକ ଦମନ ବାହିନୀ ଗଠନ କରାଯିବ । ଏଥିରେ ଆନ୍ଧ୍ରପ୍ରଦେଶର ଗ୍ରେହାଉଣ୍ଡ ଯବାନ, ଓଡିଶାର ଏସ୍.ଓ.ଜି. ଓ ଡିଭିଏଫ ବାହିନୀ ସମେତ ବି.ଏସ୍.ଏଫ୍. ଓ କୋବ୍ରା ବାହିନୀକୁ ନିୟୋଜିତ କରାଯାଇ ସମ୍ପୂର୍ଣ୍ଣ ଭାବେ ଆନ୍ଧ୍ର ଓଡ଼ିଶା ସୀମାନ୍ତରେ ମାଓବାଦୀ ମୂଳୋତ୍ପାଟନ କରିବାକୁ ଯୋଜନା କରାଯାଇଛି । ଏ ନେଇ ଚିତ୍ରକୋଣ୍ଡାରେ ସ୍ୱତନ୍ତ୍ର ଏସ୍.ଆଇ.ଡବ୍ଲ୍ୟୁ ( ସ୍ପେସାଲ ଇଣ୍ଟିଲିଜେନ୍ସ ଉଇଙ୍ଗ ) ସ୍ୱତନ୍ତ୍ର ଗୁଇନ୍ଦା ସଂସ୍ଥା କାର୍ଯ୍ୟ କରିବ । ଆଇ.ପି.ଏସ୍ . ସ୍ତରରେ ଉଭୟ ରାଜ୍ୟର ଆଇ.ଜି.ଙ୍କ ଦ୍ୱାରା ଏହି ମାଓ ଅଭିଯାନ ଦମନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ସମ୍ପୂର୍ଣ୍ଣ ଗୁଇନ୍ଦା ତଥ୍ୟର ଆଦାନ ପ୍ରଦାନ କରାଯିବା ସହ ଆବଶ୍ୟକ ସ୍ଥଳେ ବାୟୁସେନାର ହେଲିକେପ୍ଟର ନିୟୋଜିତ କରାଯାଇ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯିବ । ପ୍ରଥମ ପର୍ଯ୍ୟାୟରେ ସ୍ୱାଭିମାନ ଅଞ୍ଚଳର ଯନ୍ତ୍ରୀ, ପଣସପୁଟ, ରାଲେଗେଡା, ପାପରମେଟଲା ଆଦି ଅଂଚଳ ସମେତ ଆନ୍ଧ୍ରପ୍ରଦେଶର ଚିନ୍ତାପାଲି ବ୍ଲକ ଅଧିନ କୋରକଣ୍ଡା, ବାଲପମ ପଚାଂୟତରେ ଉଭୟ ରାଜ୍ୟ ପକ୍ଷରୁ ମିଳିତ ଭାବେ ମାଓ ଦମନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତି ନିଆଯାଇଛି । ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ବଛାବଛା ଯବାନଙ୍କୁ ନେଇ ସମ୍ପୂର୍ଣ୍ଣ ସ୍ୱାଭିମାନ ଅଂଚଳରେ ଆଗାମୀ ଡିସେମ୍ବର ମାସରୁ ପୁଲିସ ଛାଉଣି କରାଯିବା ପାଇଁ ନିଷ୍ପତି ନିଆଯାଇଛି । ବିଶେଷ କରି ସ୍ୱାଭିମାନ ଅଂଚଳରେ ଆଉ କିଛି ମାସ ମଧ୍ୟରେ ପଚାଂୟତ ନିର୍ବାଚନ ହେବାକୁ ଥିବାବେଳେ ପଚାଂୟତ ନିର୍ବାଚନରେ ମାଓବାଦୀ ଯେପରି ବାଧକ ନ ସାଜନ୍ତି ଏବଂ ଅବାଧ ନିରପେକ୍ଷ ହିଂସାମୁକ୍ତ ନିର୍ବାଚନ ପାଇଁ ଓଡିଶା ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଆନ୍ଧ୍ରପ୍ରଦେଶକୁ ସହାୟତା ଲୋଡ଼ାଯାଇଥିଲା । ମାଓ ଭୟରେ ସ୍ୱାଭିମାନ ଅଂଚଳର ୧୮ଟି ପଚାଂୟତରେ ଗତ ୨୦୧୭ରେ ପଚାଂୟତ ନିର୍ବାଚନ ହୋଇପାରି ନ ଥିଲା । ମାଓବାଦୀଙ୍କ ଭୋଟ ବର୍ଜନ ଓ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ନ କରିବାକୁ ଧମକ ଦେବା ପରେ କୌଣସି ପ୍ରାର୍ଥୀ ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ । ତେଣୁ ବାଧ ହୋଇ ଏଠାରେ ନିର୍ବାଚନ ବନ୍ଦ ରହିଥିଲା, କିନ୍ତୁ ବର୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ବିଗତ ଦିନର ବୁଡି ଅଂଚଳ ଏବେ ସ୍ୱାଭିମାନ ଅଂଚଳରେ ପରିଣତ ହୋଇଛି । ମାଓଗଡ଼ କୁହାଯାଉଥିବା ଯୋଡ଼ାମ୍ବ, ପାପରମେଟଲା, ହନ୍ତାଳଗୁଡ଼ା ପ୍ରଭୃତି ଅଂଚଳରେ ବି.ଏସ୍.ଏଫ ପକ୍ଷରୁ କ୍ୟାମ୍ପ ନିର୍ମାଣ ପରେ ଲାଲବାହିନୀ ପଛଘୁଂଚା ଦେଇଥିବାବେଳେ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି ଯବାନ । ଏଭଳି ସ୍ଥିତିରେ ଆନ୍ଧ୍ର ଓଡ଼ିଶା ସୀମାନ୍ତ ମାଓ ସଂଗଠନର ଛାମୁଆ ବାହିନୀ କୁହାଯାଉଥିବା ଗୁମ୍ମା ଆଞ୍ଚଳିକ ବାହିନୀ, କୋରୁକୋଣ୍ଡା ମାଓ ସଂଗଠନ ଓ ମାଲକାନଗିରି, କୋରାପୁଟ, ବିଶାଖା ପାଟଣା ମାଓ ସଂଗଠନ ମିଳିତ ଭାବେ ଏହି ଅଂଚଳରେ ନିଜର ଉପସ୍ଥିତି ଜାହିର କରିବା ପାଇଁ ରଣକୌଶଳ ଆରମ୍ଭ କରିଛନ୍ତି । ସ୍ଥାନୀୟ ଆଦିବାସୀଙ୍କୁ ଢାଲ କରି ପୁଲିସ ବିରୋଧରେ ପ୍ରଜାମେଳି କରି ପ୍ରଶାସନ ଓ ଲୋକଙ୍କୁ ମତାଉଥିବା ବେଳେ ରାଜ୍ୟ ସରକାରଙ୍କ ପାଇଁ ମାଓବାଦୀ ସଂଗଠନର ଏହି କାର୍ଯ୍ୟକଳାପ ମୁଣ୍ଡବ୍ୟଥାର କାରଣ ସାଜିଛି । ତେଣୁ ସଂଗଠନକୁ ସମ୍ପୂର୍ଣ୍ଣ ଭାବେ ମୂଳୋତ୍ପାଟନ କରିବା ପାଇଁ ଅଣ୍ଟା ଭିଡିଛନ୍ତି ଆନ୍ଧ୍ର ଓ ଓଡ଼ିଶା ସରକାର । ପ୍ରଥମାର୍ଦ୍ଧ ଆଗାମୀ ଡିସେମ୍ବରରୁ ଆନ୍ଧ୍ର ଓଡ଼ିଶା ସୀମାନ୍ତ ମାଓ ସଙ୍ଗଠନକୁ ନିଶାଣ କରାଯାଇଛି । ବଛାବଛା ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ରଣନୀତି ପ୍ରସ୍ତୁତ କରିବାର ଦାୟିତ୍ୱ ଦିଆଯାଇଛି । ସ୍ୱତନ୍ତ୍ର ଭାବେ ଏକ କାର୍ଯ୍ୟାଳୟ ଖୋଲାଯାଇ ଅତ୍ୟାଧୁନିକ ସାଟେଲାଇଟ, କ୍ୟାମେରା, ଅସ୍ତ୍ରଶସ୍ତ୍ର, ବଛାବଛା ୨ ହଜାର ଯବାନଙ୍କୁ ଉଭୟ ରାଜ୍ୟର ଏହି ଅଭିଯାନରେ ସାମିଲ କରାଯିବ ବୋଲି ନାମ ଗୋପନ ରଖି ଜଣେ ବରିଷ୍ଠ ପୁଲିସ ଅଧିକାରୀ ପ୍ରକାଶ କରିଛନ୍ତି । ଅନୁରୂପ ଭାବେ ମାଲକାନଗିରି ଚିତ୍ରକୋଣ୍ଡା ଜାନବାଇ ଠାରୁ ଆନ୍ଧ୍ରପ୍ରଦେଶ ଚିନ୍ତାପାଲିକୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ମାଓବାଦୀ ଏଠାରେ ବାଧକ ସାଜିଛନ୍ତି । ଏହି ରାସ୍ତା ନିର୍ମାଣ ହେଲେ ଚିତ୍ରକୋଣ୍ଡାରୁ ବିଶାଖାପାଟଣା ରାସ୍ତା ମାତ୍ର ୧୮୦ କିଲୋମିଟର ମଧ୍ୟରେ ସୀମିତ ରହିବ । ତେଣୁ ସୀମାନ୍ତ ରାସ୍ତା ନିର୍ମାଣ ସହ ଏହି ଅଂଚଳରେ ପେଦାରେଉ ନଦୀରେ ପୋଲ ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁଦାନ ଆସିଥିବାବେଳେ ବର୍ଷବର୍ଷ ଧରି ଏଠାରେ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ । ତେଣୁ ଯବାନମାନେ ସୁରକ୍ଷା ଦେଇ ଏହି ରାସ୍ତା ଓ ପୋଲ ନିର୍ମାଣ କରିବେ ବୋଲି ସୂଚନା ମିଳିଛି । ତେବେ ଉଭୟ ରାଜ୍ୟର ଏହି ମାଓ ଦମନ ପ୍ରକ୍ରିୟା ଆଗାମୀ ଦିନରେ କେତେଦୂର କାର୍ଯ୍ୟକାରୀ ହେବ ତାହା ଦେଖିବାକୁ ବାକି ରହିଲା ।

# ବାଲିପଡା ନୋଡାଲ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଓ ସୁରଭି କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ ,୧୪/୧୧ (ନି.ପ୍ର): ପଟ୍ଟାମୁଣ୍ଡାଇ ମ୍ୟୁନିସପାଲିଟି ଅନ୍ତର୍ଗତ ବାଲିପଡା ନୋଡାଲ ବିଦ୍ୟାଳୟରେ ନୂତନ ପରିଚାଳନା କମିଟିକୁ ସ୍ୱାଗତ କରିବା ସହିତ ପୁରାତନ କମିଟିର ସଦସ୍ୟ ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟ ର ନୂତନ ପରିଚାଳନା କମିଟିର ସଭାପତି ସଂଜୟ କୁମାର ତ୍ରିପାଠୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧୃବ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟ କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ମୋ ସ୍କୁଲ ଅଭିଯାନର ଏହି ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ । ମୂଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ପରିଡା ଓ ସମାଜସେବୀ ରବିନ୍ଦ୍ର ସାହୁ ବିଦ୍ୟାଳୟ ର ଇତିହାସ ବିଷୟରେ ଆଲୋଚନା କରିଥିଲେ । ଏଥିସହିତ ବିଦ୍ୟାଳୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସିଆରସି ମଳୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପୋଖରୀଆପଡା ସାଧନ କେନ୍ଦ୍ରର ୭ଟି ବିଦ୍ୟାଳୟ ର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ସୁରଭି କାର୍ଯ୍ୟକ୍ରମ ରେ ଚିତ୍ରାଙ୍କନ,ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁନିତୀ ଦାଶ, ରଂଜନ ସାହୁ,ରଂଜନ ବିଶ୍ୱାଳ,ନୃସିଂହ ସେଠୀ ,ସ୍ୱର୍ଣ୍ଣାଞ୍ଜଳି ଦାଶ ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟ ର ପୂର୍ବତନ ସଦସ୍ୟ ବଟକୃଷ୍ଣ ତ୍ରିପାଠୀ, ରଂଜନ ସାହୁ,ବ୍ରଜବନ୍ଧୁ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜୟପୁର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୧ କାର୍ଯ୍ୟକ୍ରମ

ଜୟପୁର ,୧୪/୧୧ (ନି.ପ୍ର): ଜୟପୁର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୧ କାର୍ଯ୍ୟକ୍ରମ ଜୟପୁର ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି । ୧୫ଟି କ୍ଲଷ୍ଟରରୁ ପ୍ରାୟ ୨୩୬ ଜଣ ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୁପେ ପୁବତନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ହରିଶଚନ୍ଦ୍ର ରାଓ, ଉପେନ୍ଦ୍ର କୁମାର ଦୀପ, ଜଗଦିଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ଦପ୍, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୁଦର୍ଶନ ନାୟକ ଓ ମୃତ୍ୟୁଞ୍ଜୟ ପଣ୍ଡା ଯୋଗ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଓଡିଶୀ ନୃତଙ୍ଗନା ଚନ୍ଦନା ରାଉଳ ନୃତ୍ୟ ପ୍ରଦର୍ଶନ କରିଥିଲେ । ଚଳିତ ବର୍ଷ ମାତ୍ର ୫ଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏକକ ଗୀତ, ରଚନା, ବକ୍ତୃତା, ଚିତ୍ରାଙ୍କନ, ଦଳଗତ ନୃତ୍ୟର ଆୟୋଜନ କରାଯାଇଥିଲା ।

# ବାଟ ଦେଖାଉଛି ବାଉଁଶ

ବାଉଁଶ.. ଆଦିବାସୀ ମଣିଷ ପାଇଁ ଏକ ଅନନ୍ୟ ପ୍ରାକୃତିକ ସାହାରା । ଏନ୍ତୁଡ଼ିଶାଳରେ ନବଜାତକର ନାହିଁ କଟିବା ପାଇଁ ବାଉଁଶ ପାତଠାରୁ ଆରମ୍ଭ କରି କୋକେଇ ଯାଏ, ଖୋଜାପଡ଼େ ଏଇ ବାଉଁଶ । ହେଲେ ଆଧୁନିକତାର ଚାକଚକ୍ୟ ଭିତରେ ଏହା ଯେମିତି ଏବେ ନିଜର ପରିଚୟ ହରାଇବସିଛି । ମୟୂରଭଞ୍ଜ ଜିଲ୍ଲାରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ଲମ୍ବା ଓ କଟା ବାଉଁଶ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାରକୁ ଚାଲାଣ ହେଉଛି । ଏପରି ସମୟରେ ବାଉଁଶ ଯେ ଜିଲ୍ଲାବାସୀଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କ୍ଷମତା ରଖେ, ସେ ନେଇ ରାଜ୍ୟ କିମ୍ବା କେନ୍ଦ୍ର ସରକାର, କେହି ବି ଚିନ୍ତା କରି ନାହାଁନ୍ତି ।

ତେବେ ଏହି ବାଉଁଶ ଯେ ଅନେକଙ୍କୁ ବଳ ଯୋଗାଉଛି, ପେଟକୁ ଦାନା ଯେଉଛି; ତାର ଏକ ବଳିଷ୍ଠ ଦାହରଣ ଆମ ପାଖରେ ଅଛି । ଜିଲ୍ଲାର ବେତନଟୀ ବ୍ଲକ୍ ଅଧୀନ ଦହିକୋଟୀ ପଞ୍ଚାୟତ ଭାଲିଆ ଗ୍ରାମ । ଏହି ଗ୍ରାମ ଏବେ ମୁଣ୍ଡ ଟେକିଛି । ଏଠାରେ ୨୦୦୮ ମସିହାରେ ଆନନ୍ଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୁଏ । ପ୍ରାଥମିକ ପର୍ଯ୍ୟାୟରେ ଗୋଷ୍ଠୀରେ ୨୧ଜଣ ମହିଳା ପୁରୁଷ କାମ କରୁଥିଲେ । ଏବେ ଏଠାରେ ୧୦ଜଣ ମହିଳା, ୧୦ଜଣ କାରିଗର ଓ ଦିନ ମଜୁରିଆଙ୍କୁ ମିଶାଇ ମୋଟ ୪୫ଜଣ କାମ କରୁଛନ୍ତି । ଏମାନେ ବାଉଁଶରୁ ସୋଫା ସେଟ, ଆରାମ ଚେୟାର, ଷ୍ଟୁଲ ସହ ପେନଷ୍ଟାଣ୍ଡ, ବସ୍‌ଷ୍ଟାଣ୍ଡ, ଫୁଲତୋଡ଼ା, ଫୁଲଚାଙ୍ଗୁଡ଼ି, ଚାବିରିଙ୍ଗ, ଧୂପଷ୍ଟାଣ୍ଡ, ଫୁଲକଚଣ୍ଡ ଇତ୍ୟାଦି ଇତ୍ୟାଦି କରି ବିକ୍ରି କରିଛନ୍ତି । ବାଉଁଶ ତିଆରି ଗୋଟିଏ ସୋଫା ସେଟର ଦାମ ୧୦ରୁ ୧୨ହଜାର ଟଙ୍କା ରହିଛି । ସେହିପରି ଆରାମ ଚେୟାରର ଦାମ ୧୮୦୦ରୁ ୨୦୦୦ଟଙ୍କା ରହିଛି। ତେବେ ଖର୍ଚ୍ଚକୁ ଛାଡ଼ି ଏବେ ଗୋଷ୍ଠୀକୁ ୧୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଲାଭାଂଶ ମିଳୁଛି । ସବୁଠାରୁ ବଡ଼କଥା ଯେ ବିଭିନ୍ନ ଆକର୍ଷଣୀୟ ଘରକରଣା ଜିନିଷ ନିର୍ମାଣ କରୁଥିବା କାରିଗରମାନଙ୍କ ମଧ୍ୟରେ ଅଧିକାଂଶ ହେଲେ ଜିଲ୍ଲାର ଅପରାଧ ପ୍ରବଣ ଜନଜାତି କୁହାଯାଉଥିବା ଲୋଧା ସଂପ୍ରଦାୟର ।



ଏଠାରେ ଗୋଷ୍ଠୀର ଆର୍ଥିକ ସଫଳତା ଦିଗକୁ ଛାଡ଼ିଦେଲେ ଲୋଧାଙ୍କୁ କର୍ମସଂସ୍ଥାନ ଯୋଗାଇବା ଭଳି ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା ଅତ୍ୟନ୍ତ ପ୍ରଶଂସାଯୋଗ୍ୟ । ଯାହା ଲୋଧାମାନଙ୍କୁ ବଂଚିବାର ଏକ ନୂଆ ରାହା ଦେଖାଇଛି । ଏହା ଭିତରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଉତ୍ପାଦ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛି । ହେଲେ ଦୁଃଖ ଓ ପରିତାପର ବିଷୟ ଏହି ଯେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧୀନରେ ରହିଥିଲେ ବି ଏଯାଏ କୌଣସି ସରକାରୀ ସହାୟତା କି ଅନୁଦାନ, କିଛି ବି ମଳିନାହିଁ ।






# ଦହି ପୋହଳା ବେସର

**ଆବଶ୍ୟକ ସାମଗ୍ରୀ:**

ପୋହଳା ମାଛ, ଦହି, ସୋରିଷ-ରସୁଣ ବଟା, ଟମାଟୋ, କଞ୍ଚା ଲଙ୍କା, ଜିରା, ଧନିଆ ପତ୍ର, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ସୋରିଷ ତେଲ, ଭୃଷଙ୍ଗ ପତ୍ର ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ପୋହଳା ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ମାଛରେ ଲୁଣ ଓ ହଳଦୀ ପକାଇ ଗୋଳାଇ ଏକ ପାତ୍ରରେ ରଖି ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ ମାଛକୁ ଭଲ ଭାବେ ଭାଜି ଦିଅନ୍ତୁ। ତା'ପରେ ମାଛକୁ ଏକ ପାତ୍ରକୁ କାଢ଼ି ରଖି ଦିଅନ୍ତୁ।

ଏବେ ପୁଣି କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ଗୋଟା ଜିରା, କଞ୍ଚା ଲଙ୍କା ଓ ଭୃଷଙ୍ଗ ପତ୍ର ପକାଇ ଭାଜନ୍ତୁ। ପରେ ସେଥିରେ ସୋରିଷ-ରସୁଣ ବଟାକୁ



ପକାନ୍ତୁ। ଏହା ପରେ କଟା ଟମାଟୋ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। ମସଲା ଟିକେ କଷି ହୋଇଯିବା ପରେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ପୁଣି ଥରେ କଷନ୍ତୁ।

ଏହା ପରେ ସେଥିରେ ଦହି ପକାଇ ଦିଅନ୍ତୁ। ମନେରଖନ୍ତୁ ଦହି ପକାଇବା ବେଳେ ଗ୍ୟାସର ଆଞ୍ଚକୁ କମ୍ ରଖିବା ଦରକାର, ନ ହେଲେ ଦହି ଫାଟି ଯିବାର ସମ୍ଭାବନା ରହିଥାଏ ।

ତା'ପରେ ଏହି ମିଶ୍ରଣକୁ ଆସ୍ତେ ଆସ୍ତେ ଗୋଳାଇ ଦିଅନ୍ତୁ। ଏହା ପରେ ଭଜା ହୋଇଥିବା ପୋହଳା ମାଛକୁ ସେଥିରେ ପକାଇ ଦିଅନ୍ତୁ। ପରେ ଅଳ୍ପ ପାଣି ଦେଇ କରେଇକୁ ଘୋଡ଼ାଇ ଦିଅନ୍ତୁ। ପାଣି ମରି ଯିବା ପରେ ଘୋଡ଼ଣୀ କାଢି ଦିଅନ୍ତୁ। ସେଥିରେ କଟା ଧନିଆ ପତ୍ର ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମାଗରମ 'ଦହି ପୋହଳା ବେସର'।

# ମାନସିକ ଚାପରୁ ମୁକ୍ତି



ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

**କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶୀର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ ମାନସିକ ଚାପ ବୃଦ୍ଧି ପାଉଛି ।

# ବୁଲିଯାଆନ୍ତୁ ପଶ୍ଚିମବଙ୍ଗର ଦାର୍ଜିଲିଂ



ଦାର୍ଜିଲିଂ ପଶ୍ଚିମବଙ୍ଗ ରାଜ୍ୟର ଉତ୍ତରରେ ଅବସ୍ଥିତ । ଏହାର ସୀମା ବାଂଲାଦେଶ, ଭୂଟାନ ଓ ନେପାଳ ସହିତ ଲାଗିଛି । ଏହା ସମୁଦ୍ର ପତ୍ତନରୁ ୨୧୩୪ ମିଟର ଉଚ୍ଚରେ ସ୍ଥିତ ଓ ବିଭିନ୍ନ ବୌଦ୍ଧ ମଠ ଓ ହିମାଳୟର ପାହାଡ଼ ଦ୍ୱାରା ପରିବେଷ୍ଟିତ । ଏହା ଏକ ପ୍ରସିଦ୍ଧ ହିଲଷ୍ଟେସନ୍ । ଦାର୍ଜିଲିଂ କେବଳ ଚା ପାଇଁ ପ୍ରସିଦ୍ଧ ତା ନୁହେଁ ଏହାର ସୌନ୍ଦର୍ଯ୍ୟତା ପାଇଁ ଏହି ସହର ପୂରା ଦୁନିଆର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ସେଠାରେ ରହୁଥିବା ଅଧିକାଂଶ ନିବାସୀ ବୌଦ୍ଧ ଅଟନ୍ତି ଓ ପ୍ରାୟତଃ ନେପାଳୀ ଓ ବଙ୍ଗାଳୀ ଭାଷା କୁହାଯାଏ। ଭ୍ରମଣ ପାଇଁ ଏହା ଯେତେ ପ୍ରସିଦ୍ଧ, ସପିଙ୍ଗ୍ ପାଇଁ ମଧ ସେଠାରେ ଭଲ ବିକଳ୍ପ ରହିଛି । ଦାର୍ଜିଲିଂର ଉତ୍ପତ୍ତି ଦୁଇଟି ତିବ୍ବତୀ ଶବ୍ଦରୁ ହୋଇଛି ଯଥା- ଦୋରଜେ ଓ ଲିଙ୍ଗ । ଦୋରଜେର ଅର୍ଥ ବଜ୍ର ଓ ଲିଙ୍ଗର ଅର୍ଥ କ୍ଷେତ୍ର ବା ସ୍ଥାନ । ସେଥିପାଇଁ ଦାର୍ଜିଲିଂ ତେଜ ବଜ୍ରପାତ ଓ ବିଜୁଳି ପାଇଁ ମଧ ପ୍ରସିଦ୍ଧ । ସେଠାରେ ଥିବା ରୋପୱେ , ସିଆର ସବୁଠାରୁ ବଡ଼ ରୋପୱେ । ଟୟ ଟ୍ରେନର ସୁବିଧା ସେଠାରେ ରହିଛି ଓ ଏହା ଧିମା ଗତିରେ ଚାଲେ, କାରଣ ପର୍ଯ୍ୟଟକମାନେ ଭଲ ଭାବରେ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ସେଠାରେ ଥିବା ଟାଇଗର ହିଲରୁ ଆପଣ କଞ୍ଚନଜଙ୍ଘା ପର୍ବତର ଶୀର୍ଷରୁ ସୁର୍ଯ୍ୟୋଦୟର ବିସ୍ମୟକର ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ସହିତ ବରଫର ବଦଳୁଥିବା ରଙ୍ଗ ମଧ ଆପଣ ଉପଭୋଗ କରିପାରିବେ । ଆପଣ ଦାର୍ଜିଲିଂରୁ ସ୍ଥାନୀୟ ହସ୍ତ କଳା, ବିଭିନ୍ନ ସଂସ୍କୃତିର ପୋଷାକ, ବୌଦ୍ଧ କଳାକୃତି ଓ ତିବ୍ବତୀ କର୍ଲିନ୍ ଇତ୍ୟାଦି କିଣିପାରିବେ । ଏହା ବ୍ୟତୀତ ଦାର୍ଜିଲିଂର ଚା ଓ ହିମାଳୟନ ମହୁ ମଧ ପ୍ରସିଦ୍ଧ । ଦାର୍ଜିଲିଂରେ ବୁଲିବା ପାଇଁ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି ।



ସେଥିପାଇଁ ଅତିକମରେ ପାଞ୍ଚ ଦିନର ଏକ ଟୁରର ଯୋଜନା ପ୍ରସ୍ତୁତ କରିବା ଉଚିତ । ପ୍ରଥମ ଦିନରେ ଗାଇଡ୍ ଆପଣଙ୍କୁ ମିରିକ୍, ପଶୁପତିନଗର ବା ନେପାଳର ସୀମା ଦେଖାଇବେ । ତୃତୀୟଦିନରେ ୭ଟି ପଏଣ୍ଟର ଦେଖାଇବେ । ଏହି ସମୟରେ ହିମାଳୟନ ପର୍ବତାରୋହଣ ସଂସ୍ଥାନ ଓ ପ୍ରାଣୀ ଉଦ୍ୟାନ, ରୋପୱେ, ତେନଜିଙ୍ଗ ରକ୍ ରରକ୍, ରୟାବିଲା ଇତ୍ୟାଦି ଅନେକ ସ୍ଥାନ ଦେଖାଇବେ । ଚତୁର୍ଥ ଦିନରେ ପାଞ୍ଚଟି ପଏଣ୍ଟ ବୁଲେଇବା ସହିତ ଜାପାନୀ ମନ୍ଦିର, ଲାଲ କୋଠୀ, ଅବା ଆର୍ଟ ଗ୍ୟାଲେରୀ, ଧୀରଧାମ ମନ୍ଦିର ପ୍ରାକୃତିକ ଇତିହାସ ସଂଗ୍ରହାଳୟ ଇତ୍ୟାଦି ଦେଖାଇବେ । ଶେଷ ଦିନରେ ରକ୍ ଗାର୍ଡ଼େନ , ଗଙ୍ଗାମାୟା ପାର୍କ ଇତ୍ୟାଦିର ଟୁର୍ କରାଇଥାନ୍ତି ।



### କିପରି ଯିବେ :

ଦାର୍ଜିଲିଂର ନିକଟତମ ଏୟାରପୋର୍ଟ ହେଉଛି ବାଗଡୋଗରା । ଯାହା ଦାର୍ଜିଲିଂ ଠାରୁ ୮୮କିମି ଦୂର ଏୟାରପୋର୍ଟରୁ ତିନି ଘଣ୍ଟାର ଯାତ୍ରା ପରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ଏହି ଏୟାରପୋର୍ଟ ଦେଶର ମେଟ୍ରୋ ସହରର ଏୟାରପୋର୍ଟ ସହିତ ଯୋଡ଼ା ଯାଇଛି । ନ୍ୟୁ ଜଲପାଇଗୁଡ଼ି ଏହାର ନିକଟତମ ରେଲୱେଷ୍ଟେସନ ଓ ଦାର୍ଜିଲିଂରୁ ଏହା ୮୮ କିମି ମଧ ଦୂର । ଏହି ରେଲୱେ ଷ୍ଟେସନ ସବୁ ପ୍ରମୁଖ ସହର ସହିତ ଯୋଗାଯୋଗ ରହିଛି । ସେ ଠାରୁ ଅଢ଼େଇ ବା ତିନିଘଣ୍ଟା ମଧରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କ ପଥରେ ମଧ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କପଥରେ ମଧ ଦାର୍ଜିଲିଂରେ ପହଞ୍ଚିବାର ସୁବିଧା ରହିଛି ।

### କେବେ ଯିବେ:

ଦାର୍ଜିଲିଂ ବୁଲିବାକୁ ଚାହୁଁଥିଲେ ଆପଣ ବୈଶାଖରେ ଏପ୍ରିଲରୁ ଜୁନ୍, ମୌସୁମୀରେ ଜୁଲାଇକୁ ସେପ୍ଟମ୍ବର ଓ ଶୀତରେ ଅକ୍ଟୋବରରୁ ମାର୍ଚ୍ଚ ମାସ ମଧରେ ଆସିପାରିବେ । ଏହି ସବୁ ମାସରେ ଦାର୍ଜିଲିଂର ସୌନ୍ଦର୍ଯ୍ୟକୁ ଅଧିକ ଉପଭୋଗ କରିପାରିବେ ।

# ଆସ ପିଇବା ମସଲା ଚା'

ପାଣି ବ୍ୟତୀତ ଲୋକେ ଆଉ ଯାହା ଅଧିକ ପିଅନ୍ତି, ତାହା ହେଉଛି ଚା' । ପୂର୍ବେ ଏହାକୁ ଔଷଧ 'କ୍ୱାଥ' ବା 'କାଢ଼ା' ରୂପେ ପିଆ ଯାଉଥିଲା । ଏହି ପରି ଖରା ଓ ବର୍ଷାର ମିଶ୍ରିତ ଋତୁରେ, ସ୍ୱାସ୍ଥ୍ୟ ରକ୍ଷାକାରୀ ଜଡ଼ିବୁଟୀ ମିଶିଥିବା ମସଲା ଚା' ପିଇବା ଅତ୍ୟନ୍ତ ଉପାଦେୟ । ସାଧାରଣ ଚା' ଅନେକ ସମୟରେର ବିଭିନ୍ନ ପ୍ରକାରର ସ୍ୱସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ଗୋଟିଏ ହେଉଛି- ଅମ୍ଳ ବୃଦ୍ଧି । ଏଣୁ ସାଧାରଣର ଚା' ପରିବର୍ତ୍ତେ ଆୟୁର୍ବେଦୀୟ ଚା' ବା 'ହର୍ବାଲ୍ ଟି' ପିଇଲେ ତାହା ଶରୀରକୁ ଫୂର୍ତ୍ତି ଦେବା ସହିତ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) ବଢ଼ାଇବାରେ ସାହାଯ୍ୟ କରିଥାଏ । ବୈଜ୍ଞାନିକମାନଙ୍କ ମତରେ, ଏପରି ଋତୁରେ 'ବ୍ୟାକ୍ଟେରିଆ' ବା 'ଭାଇରସ୍' ଦ୍ରୁତ ଗତିରେ ବଢ଼ିଥାନ୍ତି । ଫଳରେ ଏହା ସଂକ୍ରମଣ ବା 'ଏଲର୍ଜୀ' ଆଦିର କାରଣ ହୋଇଥାଏ । ଏଣୁ ଏହି ସଂକ୍ରମଣ ପାଇଁ ସତର୍କ ରହିବା ଏକ ପ୍ରତିଷେଧାତ୍ମକ ଆବଶ୍ୟକତା । ଏହି ଜଡ଼ିବୁଟୀ ମିଶା ଆୟୁର୍ବେଦୀୟ ଚା' ବା ମସଲା ଚା' ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଫଳରେ ଶରୀର ସଂକ୍ରମଣ ବିରୋଧରେ ଲଢ଼େଇ କରିପାରେ । ସାଧାରଣ ଭାବରେ କେବଳ ଲବଙ୍ଗ ଚା' ପିଇଲେ କଫଜ ସଂକ୍ରମଣରୁ ରକ୍ଷା ମିଳିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସର୍ଦ୍ଦି, କଫ, କାଶ ଆଦି ଥଣ୍ଡା ରୋଗର ପ୍ରତିଷେଧକ ହିସାବରେ ପେୟ ବା ଚା'ର ଅବତାରଣା ଏଠାରେ କରାଯାଉଛି ।

### ଗୋଲାପ ଚା':

ଗୋଲାପ ଫୁଲ ଅତି ସହଜରେ ମିଳିଥାଏ । ଏହାର ପାଖୁଡ଼ା ସହିତ ଲବଙ୍ଗ, ଅଳେଇଚ, ଗୋଲମରିଚ ଆଦି ମିଶାଇ ଉତ୍ତମ ଚା' ପ୍ରସ୍ତୁତ କରାଯାଇପାରେ । ଏହାଦ୍ୱାରା ଶରୀରର ଗରମ ବା ଦାହ ହ୍ରାସ ହୋଇ ଜ୍ୱରର ଉପଶମ ଘଟେ ଥଣ୍ଡା, କାଶ ଓ ସର୍ଦ୍ଦି ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ ।



### ଅଦା-ହଳଦୀ ଚା':



ସାଧାରଣତଃ ଅଦା ଓ ହଳଦୀ ଏକ ଉତ୍ତମ ସମ୍ମିଶ୍ରଣ । ଏଣୁ ଏଥିରେ ତିଆରି ଚା' ଶରୀରର ବିଷାକ୍ତ ଉପାଦାନଗୁଡ଼ିକୁ ନଷ୍ଟକରି ଦିଏ । ଅଦା ପେଟର ଆମଦୋଷ ଓ ହଳଦୀ ରକ୍ତ ତଥା ଶ୍ୱସନ ସଂସ୍ଥାନଗତ ବିଷାକ୍ତଦୋଷକୁ ନଷ୍ଟ କରେ । ଏହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।



### ମସଲା ଚା':

ଏହି ଚା ପାଇଁ କ୍ଷୀର ଓ ଚିନି ଦରକାର ପଡ଼େନାହିଁ । ଗୋଲମରିଚ, ଅଳେଇଚ ବା ଗୁଜୁରାତି, ଲବଙ୍ଗ, ଡାଳଚିନି ଆଦିର ଚୂର୍ଣ୍ଣରେ ଏହା ପ୍ରସ୍ତୁତ କରାଯାଏ । ବିଶେଷ କରି ଶ୍ୱସନ-ସଂସ୍ଥାନର ସଂକ୍ରମଣ ଯଥା, କାଶ, ଥଣ୍ଡା, ଜ୍ୱର ଆଦି ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ । ପୋଦିନା ଚା': ଏହା 'ଆଣ୍ଟି ଅକ୍ସିଡାଣ୍ଟ' ବା ବିଷାକ୍ତ ଉପାଦାନ ବିରୋଧୀ ଗୁଣରେ ଭରପୂର । ଏହା ମଧ୍ୟ ଭରପୂର । ଏହା ମଧ୍ୟ ଉତ୍କୃଷ୍ଟ ପାଚନକାରୀ । ଏହି ଚା' ପିଇବା ଦ୍ୱାରା ମାନସିକ ଅବସାଦ ବା ଚିନ୍ତା ଆଦି ଦୂର ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କରୋନା ପାଇଁ ବଟିକା...

ସାରା ବିଶ୍ୱରେ କରୋନା ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିସାରିଲାଣି । ଦୁଇ ଦୁଇଟି ଲହର ଅତିକ୍ରାନ୍ତ ହେଲା ପରେ ଏବେ କରୋନା ବିରୋଧରେ ଲଢ଼େଇ ସରୁନାହିଁ । ଏପରିକି ଆଧୁନିକ ଓ ବିକଶିତ ରାଷ୍ଟ୍ରଗୁଡ଼ିକରେ କୋଭିଡ୍ ସଂକ୍ରମଣ ବଢ଼ି ଚାଲିଛି ଏବଂ ମୃତ୍ୟୁ ସଂଖ୍ୟାରେ ବିରାମ ଚିହ୍ନ ଦେଖୁବାକୁ ମିଳୁନାହିଁ । ଆମ ଦେଶରେ ପୂରାମାତ୍ରାରେ ଏହା କାବୁ କରାଯାଇ ପାରିନଥିଲେ ହେଁ ପ୍ରତିଷେଧକ ଟିକାର ପ୍ରୟୋଗ ପାଇଁ ହେଉଥିବା ସର୍ବାତ୍ମକ ଅଭିଯାନ ଦେଶବାସୀଙ୍କ ମନରେ ଆଶ୍ୱସ୍ତି ଆଣିପାରିଛି । ଜନସଂଖ୍ୟାର ଶହେ କୋଟିଙ୍କୁ ସଫଳ ଟିକାଦାନ ଏକ ମହତ୍ତ୍ୱପୂର୍ଣ୍ଣ ସୋପାନକୁ ଉନ୍ନୀତ କରିଦେବା ପରେ ଭାରତ ସଗର୍ବ ଘୋଷଣା କରିଛି ବିଶ୍ୱରେ ଏହା ପ୍ରଥମ ରାଷ୍ଟ୍ର, ଯିଏକି ସକଳ ଶକ୍ତି ଖଟାଇ ଟିକାଦାନ ଅଭିଯାନରେ ଶୀର୍ଷରେ ପହଞ୍ଚି ପାରିଛି । ସଂକ୍ରମଣ ପୂର୍ବଭଳି ମାତ୍ରାଧିକ ନୁହେଁ, ସେଭଳି ମୃତ୍ୟୁ ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଛି । ରାଜକୋଷରୁ କୋଟି କୋଟି ଅର୍ଥରାଶି ବ୍ୟୟରେ ଟିକାକରଣକୁ ବ୍ୟାପକ କରାଯିବା ପରେ ବି ଦେଖାଯାଉଛି, କାଁ ଭାଁ ସଂକ୍ରମଣ ଓ ମୃତ୍ୟୁକୁ ଟଳାଯାଇ ପାରୁନାହିଁ । ସଂକ୍ରମଣଜନିତ ବିପଦକୁ ପ୍ରତିହତ କରିବା ସକାଶେ ଯେଉଁ ମୁଖା ପରିଧାନ, ହସ୍ତ ପ୍ରକ୍ଷାଳନ, ସାମାଜିକ ଦୂରତା ରକ୍ଷା ଭଳି ସତର୍କତା ଅବଲମ୍ବନ କରାଯିବା କଥା ତାହା ଶତ ପ୍ରତିଶତ ନହେଲେ ସୁଦ୍ଧା ବହୁଳ ଭାବରେ ଅନୁପାଳନର ସୁଫଳ ମିଳିଛି ବୋଲି କୁହାଯାଇପାରିବ । ନିଃଶୁଳ୍କ ସାର୍ବଜନୀନ ଟିକାକରଣ ସହିତ ଜନସଚେତନତାକୁ ବ୍ୟାପକ କରାଯିବା ଦିଗରେ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ପାଦ ମିଳାଇ ଭାରତ ଆଗେଇ ଚାଲିବାରେ ପଛାଇ ନାହିଁ । ବିଭିନ୍ନ ଅଗ୍ରଣୀ ଭେଷଜ ଲାରେ ପରୀକ୍ଷା ନିରୀକ୍ଷା ଆଧାରରେ ପ୍ରତିଷେଧକର ବିକାଶ ହେବା ଭିତରେ ଅଧୁନା ଏକ ବଟିକା ବିକଶିତ ହେବା ସମସ୍ତଙ୍କ ମନରେ ଆଶା ସଂଚାରିତ କରିଛି । ଭାରତୀୟ ବୈଜ୍ଞାନିକ ଗବେଷଣା ସଂସ୍ଥାନ(ସିଏଆଇଆର) ଷ୍ଟ୍ରାଟେଜିକ୍ ଗ୍ରୁପ୍ତାଙ୍କର ସୂଚନା ମୁତାବକ ପ୍ରଖ୍ୟାତ ମାର୍କିନ୍ ଭେଷଜ ନିର୍ମାତା ସଂସ୍ଥା ମର୍କ' ଏହା ଭିତରେ ମୋଲନ୍ୟୁପିରାଭିର ନାମରେ ଟିକା ପ୍ରସ୍ତୁତ କରିଛି । ସେ ସଂପର୍କିତ ତଥ୍ୟାବଳୀ ଉପସ୍ଥାପିତ ହୋଇସାରିଛି ଏବଂ ଡିଜିସିଆଇର ଅନୁମୋଦନକୁ ଅପେକ୍ଷା କରାଯାଇଛି। ଆଶା କରାଯାଉଛି, ଖୁବ୍ ଶୀଘ୍ର ଏହି ବଟିକାକୁ ଅନୁମୋଦନ ମିଳିଯିବ। ବଟିକାର ସାର୍ବଜନୀନ ବ୍ୟବହାର ପାଇଁ ରାସ୍ତା ଖୋଲିଯିବା ପାଇଁ ଦେଶବାସୀ ଅପେକ୍ଷାରେ ଅଛନ୍ତି । ଏହି ବଟିକାର ମୂଲ୍ୟ ରହିବା ମାତ୍ର ପଚିଶି ଟଙ୍କା । ସବୁକିଛି ଠିକ୍‌ଠାକ୍ ରହିଲେ, ଏହା ପାଣ୍ଡମିକ୍ ବିରୋଧରେ ଲଢ଼େଇରେ ଗେମ୍ ଚେଞ୍ଜର' ସାବ୍ୟସ୍ତ ହୋଇପାରିବା ବୋଲି କହୁଛନ୍ତି ବିଶେଷଜ୍ଞମାନେ । ୭୦୦ ରୋଗୀଙ୍କଠାରେ ଜରୁରୀ ପ୍ରୟୋଗ ପରେ 'ମର୍କ କମ୍ପାନି ଯେଉଁ ଡାଟା ଉପସ୍ଥାପନ କରିଛି, ତାହା ଅନୁମୋଦନ ଲାଭ କରିବା ପରେ ସିପ୍, ଡକ୍ଟର ରେଡିସ୍ ଲାବ, ସନ୍ ଫାର୍ମା, ହେଟରୋ, ଅରବିନ୍ଦ ଫାର୍ମା ପ୍ରମୁଖ ଆଠଟି ଭାରତୀୟ ପ୍ରସ୍ତୁତିକାରୀ ସଂସ୍ଥାଙ୍କୁ ଲାଇସେସିଂ ସକାଶେ 'ମର୍କ' ଅଗ୍ରୀମ ସୀକୃତି ଦେଇସାରିଛି । ସିଏଆଇଆରର ତିନୋଟି ପ୍ରତିଷ୍ଠାନ ଏହା ଉପରେ ଗବେଷଣା କରି ତାହାର ପରିଣାମ ଉପରେ ସନ୍ତୋଷ ପ୍ରକାଶ କରି ପ୍ରମାଣପତ୍ର ଦେଇସାରିଥିବାରୁ ସଂସ୍ଥାର କୋଭିଡ୍ ଷ୍ଟ୍ରାଟେଜି ଗୁପ୍ତ ମୁଖ୍ୟ ଡ. ରାମ ବିଶ୍ୱକର୍ମା ଆଶାଜନକ ବା ଦେଶବାସୀଙ୍କୁ ଦେଇଛନ୍ତି । କରୋନା ବିରୋଧୀ ସଂଗ୍ରାମକୁ ଏହା ତ୍ୱରାନ୍ୱିତ କରିବ। ମର୍କ ଓ ଫାଇଜର କମ୍ପାନି ପ୍ରକ୍ରିୟାକୁ ଆଗେଇନେବା ଦିଗରେ ଫଳପ୍ରଦ ପଦକ୍ଷେପ ନେବା ଭିତରେ ସୂଚି ହୋଇଛି ଯେ, ବଟିକାର ପ୍ରୟୋଗ ସାମନ୍ୟରୁ ଅଧିକ କରୋନା ଜ୍ୱରକୁ ପ୍ରତିହତ କରିବାରେ ସକ୍ଷମ ହେବ। ଏହାଦ୍ୱାରା ଆଉ କିଛି ନହେଲେ, କରୋନାର ଗମ୍ଭୀରତାକୁ ବଢ଼ାଇବାକୁ ଦେବନାହିଁ । ମେଦବହୁଳ (ମୋଟା), ଷାଠିଏରୁ ଅଧିକ ବୟସ୍କ ବ୍ୟକ୍ତି, ମଧୁମେହ ଓ ହୃଦ୍‌ରୋଗୀଙ୍କ ଭଳି ପ୍ରୋମଙ୍କ କ୍ଷେତ୍ରରେ ସଂକ୍ରମଣ ଉତ୍କଟତାକୁ ଧିମାଇଦେବାରେ ସହାୟକ ହୋଇପାରେ ବୋଲି ଅସମର୍ଥିତ ସୂତ୍ର କହୁଛି । ମୋଲନ୍ୟୁପିରାଭିର୍ ବଟିକା ଗୋଟେଅଧେ ଗଳାଧିକରଣ କରିଦେବ, ପୂମାତ୍ରା ପ୍ରତିଷେଧକ ମିଳିଯିବ ବୋଲି କୁହାଯାଇପାରେ । ଫାର୍ମା କମ୍ପାନିଗୁଡ଼ିକ ୧୫ରୁ ୨୦ ଟାବ୍‌ଲେଟ୍ ଥିବା ଷ୍ଟ୍ରିପ୍ ଆକାରରେ ପାଞ୍ଚ ଶହରୁ ହଜାରେ ଟଙ୍କାରେ ବିପଣନ କରିପାରିବେ । କରୋନା ବିରୋଧରେ ନିର୍ଣ୍ଣାୟକ ଲଢ଼େଇର ଯେଉଁ ସୋପାନରେ ଆମେ ପହଞ୍ଚିସାରିଛୁ ବୋଲି କହୁଥିବାବେଳେ, ଦିଲ୍ଲୀ ସମେତ ବହୁ ସହର । ଓ ଗ୍ରାମାଞ୍ଚଳରେ ଡେଙ୍ଗୁ ମହାମାରୀ ରୂପ ଧାରଣ କରିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇସାରିଲାଣି । ବ୍ୟୟସାଧ ଚିକିତ୍ସା ଦରକାର କରୁଥିବା ଡେଙ୍ଗୁକୁ କିଭଳି କାବୁ କରିହେବ, ତାହା ବିଶେଷ ଚିନ୍ତାର କାରଣ ହୋଇଛି । ଦିଲ୍ଲୀରେ କରୋନା ନିୟନ୍ତ୍ରଣ ହୋଇପାରିଥିବା ନେଇ ଦାବି ଡେଙ୍ଗୁର ବିସ୍ତାର ଫଳରେ ପାଣ ଫାଟିଗଲା ଭଳି ହୋଇଛି । ଏଭଳି ଦୁର୍ଭାଗ୍ୟଜନକ ସ୍ଥିତି କିଭଳି ହଟିବ, ତାହା ସମସ୍ତଙ୍କ ପାଇଁ ଆଣିଦେଇଛି ବଡ଼ ଆହ୍ୱାନ।

## 'ଧରତିଆବା'ର 'ଉଲ୍‌ଗୁଲାନ'



ଡକ୍ଟର ରୁଦ୍ରାଣୀ ମହାନ୍ତି

ମାଟି ମାଆର ସ୍ୱାଧୀନତା ପାଇଁ ଦେଶପ୍ରେମୀ ବିର୍ସା ମୁଣ୍ଡା ଇଂରେଜ ଶାସନର ଅମାନୁଷିକ ଅତ୍ୟାଚର, ଶୋଷଣ ଓ ଆଚରଣ ବିରୋଧରେ ପ୍ରତିବାଦର ଏକ ଜ୍ୱଳନ୍ତ ଅଗ୍ନିସ୍ଫୁଲିଙ୍ଗ ତଥା ଚିରନ୍ତନ ଜାତୀୟ ଉଚ୍ଛ୍ୱାସର ଅଭିବ୍ୟକ୍ତି । ୧୮୭୫ ମସିହା ନଭେମ୍ବର ମାସ ପନ୍ଦର ତାରିଖରେ ବର୍ତ୍ତମାନର ଝାଡ଼ଖଣ୍ଡ ରାଜ୍ୟ, ରାଞ୍ଚି ଜିଲ୍ଲା ଖୁଣ୍ଟି ସବ୍‌ଡ଼ିଭିଜନ ଅନ୍ତର୍ଗତ ଉଲିହାତୁ ଗ୍ରାମରେ ଏକ ମୁଣ୍ଡା ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟଶିକ୍ଷା ମାମୁଘର ଗାଁ ସାଲ୍‌ଗାଠାରେ ଆରମ୍ଭ ହୋଇଥିଲେ ହେଁ ତାଙ୍କ ଅଧ୍ୟୟନ ପିପାସା ଲକ୍ଷ୍ୟ କରି ସେଠାକାର ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଥିବା ଜୟପାଲ ନାଗ ତାଙ୍କୁ ଚାଇଁବସା ସ୍ଥିତ ଜର୍ମାନ ମିସନ୍ ସ୍କୁଲରେ ନାମ ଲେଖାଇବାପାଇଁ ପ୍ରବର୍ତ୍ତାଇଥିଲେ । ଏହି ମିସନ୍ ସ୍କୁଲରେ ଗୋରା ପ୍ରଧାନ ଶିକ୍ଷକଙ୍କ ଆକ୍ରୋଶପୂର୍ଣ୍ଣ ଚାବୁକ୍ ପ୍ରହାର ବାଳକ ବିର୍ସା ମୁଣ୍ଡାଙ୍କୁ ବିପ୍ଳବୀର ମୁକୁଟ ପିନ୍ଧାଇବାର ପଥ ଉନ୍ମୁକ୍ତ କରି ଦେଇଥିଲା । ଅଧ୍ୟୟନର ଆଗ୍ରହ ତାଙ୍କର ବ୍ରିଟିଶ ସମାଜବାଦର ଅତ୍ୟାଚର, ଶୋଷଣ, ପୋଷଣ ମଧ୍ୟରେ ଶେଷ ହୋଇଯାଇଥିଲା । ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ସଂଗ୍ରାମପଥରେ ପାଦ ଥାପିଥିଲେ ସେ ।

ବ୍ରିଟିଶ ଶାସନ ବିରୁଦ୍ଧରେ ବିର୍ସା ମୁଣ୍ଡାଙ୍କ ବିଦ୍ରୋହର ମୁଖ୍ୟ କାରଣ ଥିଲା ବ୍ରିଟିଶ୍ ଔପନିବେଶିକ ନିୟମ ଆଧାରରେ ଛୋଟନାଗପୁରଠାରେ ଆଦିବାସୀମାନଙ୍କ ପେଟପାଟଣାର ମୂଳ ଅବଲମ୍ବନ ଥିବା ଜଙ୍ଗଲ ଜମିଗୁଡ଼ିକ ସେମାନଙ୍କଠାରୁ ଉଚ୍ଛେଦ କରି ଅଣଆଦିବାସୀ କୃଷକମାନଙ୍କୁ ଚାଷ କରିବାପାଇଁ ଅନୁମତି ପ୍ରଦାନ ଘଟଣା । ତେଣୁ ଆଦିବାସୀଙ୍କ ଜମି ଅଧିଗ୍ରହଣ ବିରୁଦ୍ଧରେ ଶୋଷକ ବିଦେଶୀ ସାହେବ, ଜମିଦାର ତଥା ବ୍ୟବସାୟୀ ଜାଗିରଦାରଙ୍କ ଶୋଷଣକୁ ପ୍ରତିରୋଧ କରିବା ସହିତ ଆଦିବାସୀମାନଙ୍କୁ ବେଠି ଖଟାଇବା, ଅନୈତିକ ଭାବରେ ଆଦିବାସୀ କୃଷକମାନଙ୍କଠାରୁ କର ଆଦାୟ କରିବା, ଧର୍ମାନ୍ତର ପାଇଁ ବାଧ କରିବା, ସେମାନଙ୍କ ସମାଜରେ ପ୍ରଚଳିତ ପାରଂପରିକ ରୀତିନୀତି, ବିଶ୍ୱାସ ସର୍ବୋପରି ସଂସ୍କୃତିକୁ ନିନ୍ଦା କରିବା ଘଟଣା ଦେଖି ବିପ୍ଳବୀ ବିର୍ସା ମୁଣ୍ଡା ଆଦିବାସୀ ଯୁବକମାନଙ୍କୁ ଏକତ୍ର କରି ସାହସ ଓ ନିଷ୍ଠାର ସହ ବିଦ୍ରୋହ କରିଥିଲେ ।

ଇଂରେଜ ଶାସନରୁ ଦେଶ ମାତୃକାର ମୁକ୍ତି ପାଇଁ ତାଙ୍କର ଆହ୍ୱାନ ଥିଲା 'ଆବୁଆ ରାଜା ଇତେ ଜାନା, ମହାରାନୀ ରାଜ ଟୁଡୁ ଜାନା' ଅର୍ଥାତ୍ 'ମହାରାଣୀଙ୍କ ଶାସନ ଓ ସାମ୍ରାଜ୍ୟ ପତନ ହେଉ ଏବଂ ଆମ ସାମ୍ରାଜ୍ୟ ପ୍ରତିଷ୍ଠା ହେଉ ।' ବିର୍ସାଙ୍କର ଏହି ଦୃପ୍ତ ଆହ୍ୱାନ ଓ ନେତୃତ୍ୱରେ ଅଗଣିତ ଆଦିବାସୀ ଇଂରେଜ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବା ଯୋଗୁଁ ମିସ୍‌ନାରୀମାନେ ବିର୍ସାଙ୍କୁ ସବୁଠାରୁ ବଡ଼ ଶତ୍ରୁ ଦୃଷ୍ଟିରେ ରଖି ତାଙ୍କୁ ଗିରଫ୍ କରିଥିଲେ । ୧୮୯୮ ମସିହାରେ ବ୍ରିଟିଶ ସୈନିକମାନଙ୍କ ସହ ସଂଗ୍ରାମୀ ବିର୍ସା ଓ ସଂଗ୍ରାମୀମାନଙ୍କର ସଂଘର୍ଷରେ ଇଂରେଜମାନେ ପରାଜିତ ହେବାପରେ ବିର୍ସାଙ୍କୁ ଦମନ କରିବା ପାଇଁ ଇଂରେଜମାନେ ପାଞ୍ଚଶତ ଟଙ୍କା ପୁରସ୍କାର ଘୋଷଣା କରିଥିଲେ ଓ ଆଦିବାସୀମାନଙ୍କ ଉପରେ ଅମାନୁଷିକ ଅତ୍ୟାଚର କରୁଥିଲେ । ବିର୍ସା ତାଙ୍କ ସ୍ୱାଧୀନତା ସଂଗ୍ରାମକୁ ନୂଆ ରୂପ ଦେବାପାଇଁ ସିଂଭୂମ ଜିଲ୍ଲାକୁ ଚାଲିଯାଇଥିଲେ, ମାତ୍ର ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିତା ମାରିଆ ନାମରେ ବ୍ୟକ୍ତିଦ୍ୱୟ ଅର୍ଥ ଲୋଭରେ ବିର୍ସାଙ୍କ ଠିକଣା ଇଂରେଜମାନଙ୍କୁ ଜଣାଇ ଦେଇଥିଲେ । ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ଇଂରେଜମାନଙ୍କ ଦ୍ୱାରା ସଂଗ୍ରାମୀ ବିର୍ସା ଗିରଫ ହୋଇ ପ୍ରଥମେ ରାଞ୍ଚି ଓ ପରେ ହଜାରିବାଗ ଜେଲରେ ବନ୍ଦୀ ଜୀବନ ଅତିବାହିତ କରିଥିଲେ । ଖାଦ୍ୟରେ ବିଷ, ପାଦରେ ବେଡ଼ି ଓ ଫିରିଙ୍ଗି ଶାସନର ନାନା ନିର୍ଯ୍ୟାତନା ମଧ୍ୟରେ ୧୯୦୦ ମସିହା ଜୁନ୍ ମାସ ୯ ତାରିଖରେ ଏହି ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଭାରତମାତାଙ୍କୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାପାଇଁ ଜୀବନବ୍ୟାପି ସଂଘର୍ଷ କରି ଶେଷରେ ମାତ୍ର ୨୫ ବର୍ଷ ବୟସରେ ପ୍ରାଣବଳି ଦେଇ ସହୀଦ୍ ହୋଇଗଲେ ।

ମହାନ୍ ସଂଗ୍ରାମୀ ବିର୍ସା ମୁଣ୍ଡା ହେଉଛନ୍ତି ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ପ୍ରଥମ ଆଦିବାସୀ ସହୀଦ୍ । ସେ ବଙ୍ଗ ଓ ଓଡ଼ିଶା ମଧ୍ୟରେ ଥିବା ଛୋଟନାଗପୁର ଭଳି ଏକ ଛୋଟ ଅଞ୍ଚଳରେ ସଂଗ୍ରାମୀ ଥିଲେ ହେଁ ତାହାର ପ୍ରଭାବ ପରବର୍ତ୍ତୀ ସମୟରେ ପରିଦୃଷ୍ଟ ହୋଇଥିଲା । ତାଙ୍କର ମୃତ୍ୟୁ ପରେ ଇଂରେଜ ସରକାରଙ୍କ ଦ୍ୱାରା ୧୯୦୮ ମସିହାରେ ଛୋଟନାଗପୁର ଟେନାନ୍‌ସି ଆକ୍ଟ (Tenancy Act) ପ୍ରଜଳନ ଯୋଗୁଁ ଆଦିବାସୀମାନଙ୍କ ମଧ୍ୟରେ ଗୋତି ପ୍ରଥା ନିଷିଦ୍ଧ ହେବା ସଂଗେସଂଗେ ଜଙ୍ଗଲ ଜମି ଅଧିକାର ପାଇଁ ଏକ ଆଇନ ସୁରକ୍ଷା ମିଳିପାରିଥିଲା ।

ଆଦିବାସୀ ସମାଜରୁ ଅନ୍ଧବିଶ୍ୱାସ ଦୂର, ପଶୁବଳି ପ୍ରଥା ବନ୍ଦ ତଥା ନିଶାନିବାରଣ ଇତ୍ୟାଦି ବହୁ ସଂସ୍କାରମୂଳକ ମହତ କାର୍ଯ୍ୟ କରି ବିର୍ସା ମୁଣ୍ଡା 'ଧରତିଆବା' ବା 'ପୃଥିବୀ ପିତା' ଭାବେ ପରିଚିତ ଥିଲେ । ସୁତରାଂ ଊନବିଂଶ ଶତାବ୍ଦୀର ଅନ୍ତିମ ପର୍ଯ୍ୟାୟରେ ଇଂରେଜ ଶାସନ ବିରୁଦ୍ଧରେ ଜନଜାତି ଅଧିକାର ନିମିତ୍ତ ଶକ୍ତି ଓ ସାହସର ସହ ଲଢ଼ିଥିବା ସଂଗ୍ରାମୀ ଧରତିଆବା ବିର୍ସା ମୁଣ୍ଡାଙ୍କ 'ଜନଜାତୀୟ ଗୌରବ ଦିବସ' ପାଳନ ଅବସରରେ ତାଙ୍କ ଉଲ୍‌ଗୁଲାନ୍ (ବିପ୍ଳବ) ବାସ୍ତବରେ ଚିରସ୍ମରଣୀୟ ଓ ଚିରବନ୍ଦ୍ୟ ।


♥ ସହକାରୀ ପ୍ରାଧ୍ୟାପିକା
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ଓଡ଼ିଶା, କୋରାପୁଟ
ମୋ : ୯୪୩୭୬୮୧୬୧୫


## ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡା



ବିଶ୍ୱବିଜୟୀ ଦାଶ



କୀର୍ତ୍ତିମନ୍ତ ଜୀଇଁ ରହେ ଅନନ୍ତ କାଳର କଳାର କାଳିମାକୁ ଭେଦକରି କାଳଜୟୀ ଭାବରେ ସେମିତି ଜୀଇଁଛନ୍ତି କୀର୍ତ୍ତିସ୍ମାନ ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡା।

ଭାରତର ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳି ଦେଇଥିବା କେତେଜଣ ପୁଣ୍ୟାତ୍ମାଙ୍କ ଭିତରେ ଓଡ଼ିଶାର ବିର୍ସା ମୁଣ୍ଡା ଅନ୍ୟତମ। ୧୮୭୫ ମସିହାରେ ନଭେମ୍ବର ମାସ ୧୫ ତାରିଖରେ ବିର୍ସା ଅଧୁନା ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚି ଜିଲ୍ଲା ଖୁଣ୍ଟି ସବ୍-ଡିଭିଜନ୍ ଅନ୍ତର୍ଗତ 'ବାମ୍ବା' ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ସୁଗନା ମୁଣ୍ଡା ଓ ମାତାଙ୍କ ନାମ ଥିଲା କରମୀ ମୁଣ୍ଡା। ବିର୍ସା ମୁଣ୍ଡାଙ୍କର ବାଲ୍ୟ ଶିକ୍ଷା ସାଲଗାଠାରେ ଆରମ୍ଭ ହୋଇଥିଲା। ସେଠାରେ ତାଙ୍କର ଜଇପାଲ ନାଗଙ୍କ ସହ ସାକ୍ଷ୍ୟାତ ହୋଇଥିଲା। ସେ ତାଙ୍କଠାରୁ ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତର ବିଷୟବସ୍ତୁ ସଂପର୍କରେ ଅବଗତ ହୋଇଥିଲେ।

ଏହାପରେ ସେ ବୁରୁଜ ପ୍ରାଇମେରୀ ସ୍କୁଲରେ ଅଧ୍ୟୟନ କରିବା ସହିତ ଚାଇଁବସାର ମିଶନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷା ଲାଭ କରିଥିଲେ। ଏହି ସମୟରେ ସେ ଜର୍ମାନୀ ଶିକ୍ଷକ ଫାଦର୍ ଡେଡଲକ୍ ଓ ଫାଦର୍ ନୋଟ୍ରୋଟଙ୍କ ସଂସ୍ପର୍ଶରେ ଆସିଥିଲେ। ସରଳ ବିଶ୍ୱାସୀ ଆଦିବାସୀ ଭାଇଭଉଣୀମାନଙ୍କ ଉପରେ ଗୋରା ଶାସକମାନଙ୍କ ଅତ୍ୟାଚାର ଓ ଅମାନୁଷିକ ବ୍ୟବହାର ତାଙ୍କୁ ବିଶେଷ ଭାବେ ମର୍ମାହତ କରିଥିଲ।ଗୋରା ଶାସକମାନେ ସେବକ ପଟ୍ଟା ଲେଖାଇ ସରଳ ଗ୍ରାମବାସୀମାନଙ୍କୁ ଗୋତି ଓ ବେଠି ଖଟାଇବା ଓ ଧର୍ମାନ୍ତରଣ କରିବାପଇଁ ବାଧ କରୁଥିବାର ଦେଖି ସେ ସହି ପାରୁ ନ ଥିଲେ। ଚାଇଁବସା ମିଶନ୍ ସ୍କୁଲରେ ପାଠ ପଢୁଥିଲାବେଳେ ଗୋରା ପ୍ରଧାନ ଶିକ୍ଷକ ଆକ୍ରୋଶ ମୂଳକ ଭାବେ ବିର୍ସାଙ୍କୁ ଅମାନୁଷିକ ଭାବେ ଚାବୁକରେ ମାଡ଼ ମାରିଥିଲେ ଓ ସ୍କୁଲରୁ ବହିଷ୍କାର କରି ଦେଇଥିଲେ। ସେହି ଦିନ ଠାରୁ ପାଠପଢାରେ ପୂର୍ଣ୍ଣଚ୍ଛେଦ ପକାଇ ସେ ଫିରିଙ୍ଗି ଶାସନ କବଳରୁ ଓଡ଼ିଶାରୁ ମୁକ୍ତ କରିବାପାଇଁ ଅଣ୍ଟାଭିଡ଼ି ବାହାରି ପଡ଼ିଥିଲେ। ବଣେଇ, ଗୁରୁଣ୍ଡିଆ, କଳିପଶ ଆଦି ଗ୍ରାମର କୋହ୍ଲ, ଖଡିଆର, ମୁଣ୍ଡା ଓ କିଷାନ୍ ଆଦିବାସୀମାନଙ୍କୁ ସେ ବ୍ରିଟିଶ୍ ଅତ୍ୟାଚାର ବିଷୟରେ ସଚେତନ କରିଥିଲେ। ସେବକପଟ୍ଟା ନଲେଖିବା, ଖଜଣା ନଦେବା ଓ ବନ୍ଧୁକ ମୁନକୁ ଡରି ଧର୍ମତ୍ୟାଗ ନ କରିବାକୁ ସେ ପ୍ରଚାର କରୁଥିଲେ। ତାଙ୍କ ନେତୃତ୍ୱରେ ଆଦିବାସୀମାନେ ଏକତ୍ରିତ ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ କରିବାପାଇଁ ଆଗଭର ହେବାର ଦେଖି ଇଂରେଜ ଶାସକ ପ୍ରମାଦ ଗଣିଲେ। ୧୮୯୫ ମସିହା ଅଗଷ୍ଟ ୧୬ ଦିନ ପୋଲିସ୍ ଏସ୍.ପି. ମେୟରସ୍ ବିର୍ସା ଓ ତାଙ୍କର ୧୫ ଜଣ ସାଥିଙ୍କୁ ଗିରଫ କରିଥିଲେ। ଦେଶଦ୍ରୋହ ଅପରାଧରେ ତାଙ୍କୁ ଦୁଇବର୍ଷ କାରାଦଣ୍ଡ ଦିଆଗଲା। ଏଥିପାଇଁ ତାଙ୍କୁ ରାଞ୍ଚି ଜେଲ୍‌କୁ ପଠାଇ ଦିଆଗଲା। ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନେକ କଏଦୀମାନଙ୍କୁ ମୁକ୍ତ କରି ଦିଆ ଯାଇଥିଲା। ଏମିତିରେ ବିର୍ସା ଓ ତାଙ୍କର ସହକର୍ମୀମାନେ ମଧ ମୁକ୍ତି ପାଇ ଯାଇଥିଲେ। ତାଙ୍କ ଆହ୍ୱାନରେ ଶହଶହ ଯୁବକ ନିଜ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ଶପଥ ନେଲେ। ସେମାନେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁ ତୀର ଓ ବର୍ଚ୍ଛା ଧରି ଗୋରାମାନଙ୍କର ବାସଭବନ ଓ ଅଫିସରେ ନିଆଁ ଲଗାଇଦେଲେ। ସେମାନେ ସିଂହଭୂମି ଜିଲ୍ଲାର ପୋରହାଟରେ ଅଗ୍ନୀକାଣ୍ଡ ଘଟାଇଥିଲେ। ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ସେମାନଙ୍କ ଭିତରୁ ୧୨ଜଣ ଶହୀଦ ହୋଇଥିଲେ। ବ୍ରିଟିଶ୍ ସରକାର ବିର୍ସାଙ୍କୁ ଧରାଇଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲେ। ତାଙ୍କର ସନ୍ଧାନ ନେବାପାଇଁ କନେଷ୍ଟବଳ ବୁଡୁରାମ ଓ ଜୟରାମଙ୍କୁ ଏଟିକେଡ଼ି ଗ୍ରାମକୁ ପଠାଗଲା। ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ ଏଇ କନେଷ୍ଟବଳ ଦ୍ୱୟଙ୍କୁ ହତ୍ୟା କରିଥିଲେ। ଏହାର ପ୍ରତିଶୋଧ ନେଇ ମିଃ ଷ୍ଟ୍ରିଟ୍ ଫିଲ୍ଡ ସଶସ୍ତ୍ର ପୋଲିସ୍ ବାହିନୀ ସହାୟତାରେ ଗୟା ମୁଣ୍ଡାଙ୍କୁ ଗିରଫ କରିବା ସମୟରେ ସେମାନଙ୍କ ଭୀଷଣ ଅସ୍ତ୍ରାଘାତରେ ସେ ମୃତ୍ୟୁ ବରଣ କରିଥିଲେ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


## ଧନ୍ୟବାଦ ହାଇକୋର୍ଟ : ଧନ୍ୟବାଦ ନରେନ୍ଦ୍ର ବାବୁ



ସୁବ୍ରତ କର

ରାଜନୈତିକ ଦଳ ହେଉ ବା ତାଙ୍କର ସୁପ୍ରିମ ହେଉ ଭାବୁଥିଲେ ଆମେ କିଛି ଲୋକ ଚାହିଁଲେ ରାଜ୍ୟରେ ଥିବା ସାଢ଼େ ୪କୋଟି ଲୋକଙ୍କ ମତକୁ ହେୟଜ୍ଞାନ କରି ଯାହା ଚାହିଁବେ କରିବେ । ପୁଲଷ୍ଟପ୍ ପଡ଼ିଗଲା । ସେମାନେ ଭାବି ନଥିଲେ ଆମ ଉପରେ ନରେନ୍ଦ୍ର ଚନ୍ଦ୍ର ମିଶ୍ର ଅଛନ୍ତି । ସେ ଯେକୌଣସି ଦଳ ହେଉ ବା ତାଙ୍କର ଦଳର ସିଦ୍ଧାନ୍ତକୁ ବଦଳେଇ ଦେବାପାଇଁ ରାଜ୍ୟର ଜଣେ ଲୋକ ଯଥେଷ୍ଟ । ସାଢ଼େ ୪କୋଟିର ଆବଶ୍ୟକତା ନାହିଁ । ସବୁ ଦଳର ନିଶ୍ଚିତ ଭାବରେ ଉଚିତ ଶିକ୍ଷା ପାଇଲେ ଏବଂ ଭବିଷ୍ୟତରେ ଏଥର ବହୁତ ଚିନ୍ତା କରିବେ ଆଉ ଅନ୍ତତଃ ଯେତେବେଳେ ଚାହିଁବେ ଓଡ଼ିଶାବାସିଙ୍କୁ ହଇରାଣ ହରକତ କରିପାରିବେ ନାହିଁ । ଦଳ ସଦାବେଳେ ନିଜକୁ ଭଗବାନ ଭାବନ୍ତି ଏବଂ ସାଧାରଣ ଜନତାଙ୍କ ଦୁଃଖ କଷ୍ଟ ବୁଝନ୍ତି ନାହିଁ । ନେତା ଯା' କହିଲେ ମାନିକି ଚଳିବା । ନେତା ତ ଘରେ ରହିଲେ ଟଙ୍କା ଏବଂ ଏହି ଦଳମାନଙ୍କୁ ପୃଷ୍ଟପୋଷକତା କରିବା ପାଇଁ ବହୁତ ଲୋକ ଅଛନ୍ତି । ସଦାବେଳେ ଚିନ୍ତା ନିଜେ କେମିତି ଲାଭବାନ ହେବେ । ଉପରୁ ତଳ ପର୍ଯ୍ୟନ୍ତ ସବୁ ଟଙ୍କାର ଖେଳ । ମୁଁ ଭାବୁଛି ଏବେ ଏହା ଉପରେ କିଛି ପରିମାଣରେ ପବନିକା ପଡ଼ିଛି । ଧନ୍ୟବାଦର ପାତ୍ର ଜଣେ ବ୍ୟବସାୟୀ ଏବଂ ସେ ହେଉଛନ୍ତି ନରେଶ ଚନ୍ଦ୍ର ମିଶ୍ର ଏବଂ ଆମର ଇଚ୍ଛା ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବଚାରପତି ଡକ୍ଟର ଜଷ୍ଟିସ ଏସ ମୁରଲୀଧର ଏବଂ ମାନ୍ୟବର ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର । ମଜା କଥା ହେଲା ଗୋଟାଏ ପଟରେ ନରେଶ ବାବୁ ଅନ୍ୟ ପଟେ ରଥି ମହାରଥି ଦଳର କାର୍ଯ୍ୟକାରୀ ସଭାପତି, ଟୁଇନ୍ ସିଟିର ପୁଲିସ କମିଶନର ରାଜ୍ୟ ପୁଲିସର ମହା ନିର୍ଦ୍ଦେଶକ । ଏମାନେ ସବୁ ବିଚାର ବେଳେ ଉପସ୍ଥିତ ଥିଲେ । ଏହା ଆଗରୁ ମୋର ଜାଣିବାର ସୁପ୍ରୀମ କୋର୍ଟ ମଧ ବନ୍ଦ ଡାକରାକୁ ଗ୍ରହଣ କରି ନଥିଲେ କିନ୍ତୁ ଦଳ କାହିଁକି ଶୁଣିବ । ବନ୍ଦ ଡାକରା କେବେହେଲେ ସମାଧାନର ବାଟ ନୁହଁ ଏହା ଆହୁରି ଅଡୁଆ ପରିସ୍ଥିତି ସୃଷ୍ଟି କରିଥାଏ । ଏଟା ନିଶ୍ଚିତ ମମିତାର ମୃତ୍ୟୁ ଘଟଣାକୁ ଓଡ଼ିଶାବାସୀ ମୋଟେ ସହଜରେ ଗ୍ରହଣ କରି ନାହାନ୍ତି । ଖାଲି ମମତା ନୁହଁ ପରୀ ଘଟଣା, କେନ୍ଦ୍ରାପଡ଼ା ଘଟଣା ଏବଂ ଏମିତି ବହୁତ ରହିଛି । ସମୟ ଆସିବ ଏହାର ଉତ୍ତର ଓଡ଼ିଶାବାସୀ ଉତ୍ତର ରଖିବେ । ସମସ୍ତେ ସବୁ କିଛି ଦେଖୁଛନ୍ତି ଏବଂ ଜାଣୁଛନ୍ତି ଏବଂ ସବୁଠୁ ବଡ଼କଥା ହେଲା ଆମର ବଡ଼ ଠାକୁର ମଧ ସବୁ ଦେଖୁଛନ୍ତି । ଧୈର୍ଯ୍ୟ ଧରିବା, ଅପେକ୍ଷା କରିବା ଏବଂ ଏହା ମଧ ଠିକ୍ ଜଦି ଜଣେ ଜାଣିଶୁଣି ଖରାପ କାମ କରିଥିବ ନିଶ୍ଚିତ ଭାବରେ ଆଜି ନହେଲେ ମଧ କାଲି ଦଣ୍ଡ ପାଇବ ଯେ ଯେତେ ଲୋକଙ୍କୁ ଠକଉ କିନ୍ତୁ ଜଗାକୁ ଠକେଇବା କାଠିକର ପାଠ ।






### ଜାନୁଘଣ୍ଟିଆ ଗୀତ

ପୁଷ୍ପାଞ୍ଜଳି ପଣ୍ଡା

ଜାନୁଘଣ୍ଟ ପର୍ଶୁରାମ
ଘଣ୍ଟି ଶବ୍ଦ କରି
ଗରା ଧରି ରାମକଥା
ଆରମ୍ଭ ଯେ କରି ।
ପର୍ଶୁ ହାତେ ଠେକା ମୁଣ୍ଡେ
ତ୍ରେତା ଯୁଗ ବେଶ
ଧରି ଆରମ୍ଭ କରନ୍ତି
ଗୀତ ସେ ବିଶେଷ ।
ରାଜା ରାମ ବଧ କଲେ
ରାବଣ ଅଇରୀ
ସୀତା ମାତା ତ୍ୟାଗକଲେ
ପ୍ରଜା ହିତକରି ।
ଜାନୁଘଣ୍ଟ ପର୍ଶୁରାମ
ରାମକଥା କହେ
ବାଳ ବୃଦ୍ଧ ସଭିଙ୍କର
ମନ ମୋହୁଥାଏ ।
ଅହଂ ଛାଡ଼ି ଅର୍ଣ୍ଣ ମୁଠେ
ଦିଏ ଅନ୍ନପୂର୍ଣ୍ଣା
ସ୍ୱାମୀ ପୁତ୍ର ସମ୍ପଦରେ
ହୁଏ ସେ ସମ୍ପୂର୍ଣ୍ଣା ।

ଅଯୋଧ୍ୟା ରାଜ୍ୟର ଭିନ୍ନ
ଭାତୃ ଯେ ଭରତ
ଏ ଯୁଗର ଭାଇ ପିଏ
ଭାଇ ର ରକତ ।
ଲକ୍ଷ୍ମଣ ଦେଖି ନଥିଲେ
ଚୌଦ ବର୍ଷ ନିଦ
ତୁମେ ଭାବ, ଭାଇ ଲାଗି
ଯେତେ ପରମାଦ ।
ଜାନୁଘଣ୍ଟ ପର୍ଶୁରାମ
କଣ୍ଠ ଶୁଖିଯାଏ
ଶାନ୍ତ ପେୟ ଟୋପେ କେହି
ଏ ଯାଏ ନ ଦିଏ ।
ପୂର୍ଣ୍ଣ ହେଇନାହିଁ ଦେଖ
ପର୍ଶୁରାମ ଲୋଟା
ବାର୍ତକୀ କଳମୀ କେହି
ଦେବ ନାହଁ ଗୋଟା ।
ଏ ଗାଁ ରୁ ସେ ଗାଁ କୁ ଯିବା
ଗୋଡ଼ କାଢ଼ି
ମା ମାଉସୀ ହେ ଜଲ୍‌ଦି
ଦିଅ ପାତ୍ର ଭରି ।


♥ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର




### ଯେତେ ନ ଶୁଣିବ ସେତେ ଡାକୁଥିବି

ରାଜକିଶୋର ସ୍ୱାଇଁ

ଆହେ ମହେଶ୍ୱର ହେ ଚନ୍ଦ୍ରଶେଖର
ଚରଣ ତଳେ ମୁଁ ଢାଳେ ପ୍ରଣତି
ଗାଉଥାଏ ସବୁ କାମେ ତୁମ ନାମ
ଏ ଆଶୀଷ ଦେବା ପାଇଁ ମିନତୀ ।

ଯେତେ ଅମଙ୍ଗଳ କରିଥିଲ ଦୂର
ସେଥିପାଇଁ ନାଆଁ ହୋଇଲା ହର
ଜଗତ ତାରିଲ ପାନ କରି ତୁମେ
ସିନ୍ଧୁ ମନ୍ଥନରୁ ଜାତ ଗରଳ ।

ସବୁ ସୁଖ ତେଜି ହେଲ ବଇରାଗୀ
ତୁମ ପରି ଆଉ କିଏ ବା କାହିଁ
ଦେବୀ ମହାମାୟା ହୋଇ ମଧ ଜାୟା
ମନରେ ଗରବ ଟିକିଏ ନାହିଁ ।

ଦେବାରୁ ଆଶିଷ ହେଲ ଆଶୁତୋଷ
ଅଳପରେ ତୁମେ ହେବାରୁ ତୋଷ
ଡାକିଲେ ବି ଯେତେ ମିଳେନାହିଁ ମୋତେ
କିଆଁ ତୁମ କରୁଣାର ପରଶ ।

ତୁମେ ପରା ଶିବ ଭକତ ବାନ୍ଧବ
ପାଇଥାଅ ତା'ର ଦୁଃଖରେ ପୀଡ଼ା
ଏତେ ସରି ମୁହିଁ ହୋଇଲିଣି ସାଇଁ
କି କାରଣେ ହୁଅଇ ମୁଁ ଅଲୋଡ଼ା ।

କେତେ ଆଉ ଦୁଃଖ ଦେବ ମୋତେ ନାଥ
ବାଜୁନି କି ତୁମ କାନେ ମୋ ଡାକ
ଯେତେ ନ ଶୁଣିବ ସେତେ ଡାକୁଥିବି
ପିଣ୍ଡରେ ପରାଣ ମୋ ଥିବା ଯାକ ।


♥ ଅବସରପ୍ରାପ୍ତ ଉପ ଆରକ୍ଷୀ,
ନୂଆପଡ଼ା, ନୂଆବଜାର, କଟକ


### କବିତା

ରୋହିତ ସେଠୀ



କ-ଳ୍ପନାରେ ହଜେ କଳ୍ପନାରେ ଭିଜେ
କଳ୍ପନାରେ ଉଡ଼ି ବୁଲେ,
କଳ୍ପନା ଉଦ୍ୟାନେ ମାଳୀଟିଏ ହୋଇ
କଳ୍ପନାର ପୁଷ୍ପ ତୋଳେ ।

ବି-ଜନ ବେଳାରେ ବସି ନିରୋଳାରେ
ବାସ୍ତବ ଛବିକୁ ଦେଖେ,
ବର୍ଣ୍ଣ ବିଭବରୁ ବଛା ବଛା ବର୍ଣ୍ଣେ
ବର୍ଣ୍ଣିବା କଳା ମୁଁ ଶିଖେ ।

ତା-ଜା ଭାବନାରେ ଶବ୍ଦତୂଳୀ ଧରି
ତରିକା ତରିରେ ଥାଇ,
ତୃପ୍ତିର ତରଙ୍ଗ ତନୁକୁ ଛୁଇଁଲେ
ତକ୍ଷଣେ ଗାଥା ରଚଇ ।


♥ ଶିକ୍ଷକ
ଖଜୁରୀପଡ଼ା, କନ୍ଧମାଳ
ସଂପର୍କ-୭୭୩୫୨୧୪୩୭୯






### ଦେଖିଲେ ଶିଖିବୁ ତୁହି

କୁନା ସେଠୀ

କେଡେ ସୁନ୍ଦର ଏ ମଣିଷ ଜୀବନ
ପାଇଛୁ ଧନରେ ତୁହି
ସାଇତି ରହିଛି ନାନା ଜିନିଷ ଯେ
ତୋହରି ମଙ୍ଗଳ ପାଇଁ ।

ଶିଖିବା ପାଇଁ କି ରହିଛି ଏଇଠି
ନାନା ରକମର ଦ୍ରବ୍ୟ
ଶିଖିଲେ ଜାଣିଲେ ହୋଇବ ଜୀବନ
ଆଗଠାରୁ ବହୁ ଭବ୍ୟ ।

ଧରଣୀଠୁ ଧର୍ଯ୍ୟ ପିମ୍ପୁଡ଼ିଠୁ କାର୍ଯ୍ୟ
ମହୁମାଛି ମିଠା ବାଣୀ
ଫୁଲଠାରୁ ପ୍ରେମ ବାପାଙ୍କଠୁ କାମ
ଶିକ୍ଷକଙ୍କ ଶିକ୍ଷା ଶୁଣି ।

ଆକାଶୁ ନିର୍ମଳ ସମୁଦ୍ରଠୁ ବଳ
ଗଛଠାରୁ ଦାନ ମତି
ସାଧୁଠାରୁ ସଙ୍ଗ ପ୍ରକୃତିଠୁ ରଙ୍ଗ
ସୂର୍ଯ୍ୟଠାରୁ ପରା ଜାତି ।

ମାଆଠାରୁ ସେବା ଶିଶୁ ଠାରୁ ମନ
ଗାଈଠୁ ମମତା ଜ୍ଞାନ
କୁକୁର ବିଶ୍ୱସ୍ତ ପକ୍ଷୀ ସମ ବ୍ୟସ୍ତ
ବଗ ସମ ଦେବା ଧ୍ୟାନ ।

ବାଘଠୁ ଲଢେଇ ଘୋଡ଼ାର ବଢେଇ
କାକଠୁ ଗାଧୁଆ କଥା
ବିଲୁଆ ଚତୁର ଶୁଆଠୁ ମଧୁର କଥା
ଦୂରେଇବ ମନ ବ୍ୟଥା ।

ଏମିତି ଏମିତି ଅନେକ ଅଛନ୍ତି
ଶିଖିବା ଭଳିଆ ପ୍ରାଣୀ
ଶିଖିବା ଜାଣିଲେ ଶିଖେଇ ପାରିବା
ଏକଥା ରଖିଥା ଜାଣି ।


♥ ଭୂତସରସିଙ୍ଗି, ଗଞ୍ଜାମ



# ଦୃଶ୍ୟ ଦୃଶ୍ୟାନ୍ତର

ପ୍ରଫୁଲ୍ଲ ବାରିକ

ଅନ୍ଧାରକୁ ଡରେ। ଆଲୁଅରେ ଉତଫୁଲ୍ଲିତ ହୁଏ। ସେଥିପାଇଁ ଅନ୍ଧାରକୁ କ୍ୱଚିତ ବାହାରେ ଓ ଜହ୍ନ ଆଲୁଅରେ ମନଖୋଲା ବୁଲେ। ପିଲାଦିନର ଏ ଭାବ ଆବେଗ ଏବେବି ଅତୁଟ ମନରେ ।

ରାତି ଢେର ଯାକେ ବୁଲୁଥିବି ଦାଣ୍ଡରେ ଜହ୍ନ ଆଲୁଅରେ। ବୋଉ ପାଟିକଲେ ଘରକୁ ଆସିବି। ଆସି ବସିବି ଯାଇ ଅଗଣାରେ, ଯୋଉଠୁ ଜହ୍ନ ଦିଶୁଥିବ ଗୋଟାପଣି ।

ଗାଁ'ରେ ଜହ୍ନ ରାତିର ଅନୁଭବ ନିଆରା। ବାରିରେ ଗଛ ବୃଛ, ଯୋଉମାନେ ଅନ୍ଧାରରେ ଭୁତ ମିତି ଠିଆ ହେଇଥାନ୍ତି ଭୌତିକ ପରିବେଶ ସୃଜି, ଜହ୍ନ ଆଲୁଅରେ ସେମାନେ ବିରାଜନ୍ତି ଯିମିତି ଏକତ୍ର ବସି ଉପଭୋଗ କରୁଛନ୍ତି ଜହ୍ନ ରାତିକୁ। ଚାରିଆଡେ ଫର୍ଚ୍ଚା, ନିଡର ପରିବେଶ।

ଗାଁ'ରୁ ବାହାରିଲେ ବିଲପାଟ। ଅପହଞ୍ଚ ଆଖିର ସୀମା ସରହଦି । ଆଲୁଅର ହାଟରେ ଖାଁ ଖାଁ ବିଲ ପରିବେଶ ଲାଗେ କୋଳାହଳମୟ। ଭାରି ଆପଣାର ଆପଣାର। ମନ ହଉଥିବ ଦୌଡ଼ି ଯାଇ ଛୁଇଁ ଆସିବି ପାଟ ସେମୁଣ୍ଡକୁ ।

ଅବଶ୍ୟ ସେଦିନ ଏବେ ପଛରେ। ହେଲେ ଜହ୍ନ ପ୍ରତି ଆବେଗ ମନରେ ଏବେବି ଅତୁଟ। ଘଷି ମାଜି ହେଇ ଜଳୁଛି ଅଧିକ।

ଯୁବ ବୟସରେ ଜହ୍ନରାତି ଉପଭୋଗର ମାର୍ଗ ଅଲଗା। ବଡ଼ ରୋମାଞ୍ଚକର ଭାବର ମୁହୂର୍ତ୍ତମାନ।

ଆମ ଗାଁ'ରୁ ଅଧକିଲୋମିଟର ଦୂରରେ ବୈତରଣୀ। ଚିରସ୍ରୋତା, ସଦା ଛଳ ଛଳ। ନଈ ଧାରେ ଧାରେ ରାସ୍ତା। ଲମ୍ବି ଯାଇଛି ବହୁ ଦୂର ପାଖ ଗାଁ ମାନଙ୍କୁ ସଂଯୋଗ କରି । ଦିନରେ ଅଧିକ ଯା'ଆସ ବେଳେ ରାତି ହଉ ହଉ ପରିବେଶ ନିରବ। କାଁ ଭାଁ ଯାତାୟତ ।

ଆମ ବିଲରୁ ବାହାରିଥିବା ନାଳ ପଡିଛି ଯାଇ ନଈରେ ରାସ୍ତା ପାର କରି। ଜହ୍ନ ରାତିରେ ଆମେ କେଇଜଣ ସାଙ୍ଗ ବସୁ ଯାଇ ସେଇ କଲଭର୍ଟ ଉପରେ। ସାମ୍ନାରେ ବୈତରଣୀ। ପଛପଟେ ବିଲ। ଉଭୟେ ଧୁଆ ପଖଳାରେ ବ୍ୟସ୍ତ ଜହ୍ନ ଜୋଛନାରେ। ସାମାନ୍ୟ ପବନରେ ତରଙ୍ଗାୟିତ ଉର୍ମିମାଳା । ସେଥିରେ ଚନ୍ଦ୍ର କିରଣ ସୃଷ୍ଟି କରୁଥିବ ରୁପା ମାଛର ଭ୍ରମ। ଯିମିତି ମୀନ କେରାଣ୍ଡି ଜରି ପିନ୍ଧି ଡେଉଁଛନ୍ତି ଚନ୍ଦ୍ରମନସ୍କ ହେଇ। ପୁଣି ପବନ ପଡିଲେ ମିଳେଇ ଯାଉଥିବ ପାଣିରେ ତରଙ୍ଗ। ସେତେବେଳର ଶୋଭା ଆହୁରି ମନଲୋଭା। ଚହଲା ଢ଼େଉକୁ ଓହ୍ଲେଇ ଆସେ ଜହ୍ନ ଦୋଳି ଖେଳିବାକୁ । ଏକାଧିକ ଜହ୍ନ ଧାଡି ବାନ୍ଧି ଦୋଳି ଖେଳୁଥିବେ ମାଳ ମାଳ ଢେଉରେ। ହାତ ଧାରା ଧରି ହେଇ।

ଏପଟେ ଦୂରନ୍ତ ଗାଁ'ସବୁ ଦିଶୁଥିବ ବରଫାବୃତ ମେରୁ ଅଂଚଳରେ ଏସ୍କିମୋଙ୍କ ଇଗୁଲ ପରି । ଗୋଟା ବିଲ ସଫେଦ ଇ ସଫେଦ।

ଆମେ ବସିଥିବୁ କଲଭର୍ଟରେ କେଇଜଣ ବନ୍ଧୁ। ମୁହଁରେ କଥା ଶାଖା ମେଲୁଥିଲେ ବି ଆଖି ଲାଖି ରହିଥିବ ସେଇ ନୈସର୍ଗିକ ଦୃଶ୍ୟ ଉପରେ। ବେଳେ ବେଳେ ମନକୁ ପଚାରେ, ଯା'ଠୁ କଣ ଅଧିକ ଶୋଭାମୟ ଥିବ ସ୍ୱର୍ଗର ଦେବଭୂମି ?

ଅନଉ ଅନଉ ଗାଁ'ଜୀବନ ସରି ଚାକିରୀରେ ବିତିଲାଣି ଦି'ବର୍ଷ । ନୂଆ ଜାଗା, ନୂଆ କର୍ମ ବ୍ୟସ୍ତତା ଭିତରେ ସମୟ ପାଇନି ପଛକୁ ଅନେଇବାକୁ ।

ଦି'ବର୍ଷ ପରେ ଗାଁକୁ ଫେରିଛି । ଗାଁ'କୁ ଫେରିଛି ମାନେ ବହିଃଖୋଳପା ଉତାରି ଫେରିଛି ଆପଣା ଭିତରକୁ। ପାଇଛି ଆପଣା ମନକୁ, ଯା'ଠୁ ଦୁରେଇ ରହିଥିଲି ପକ୍କା ଦି'ବର୍ଷ ।

ଯୋଗକୁ ଥାଏ ଜହ୍ନ ରାତି। ଜଣେ ବନ୍ଧୁଙ୍କୁ ଧରି ବାହାରିଲି ନଈ ବନ୍ଧ ଆଡ଼େ। ମାଟି ବନ୍ଧ ହେଇଚି ପିଚୁ । କଳା ମଚ ମଚ ସଫା ସୁତୁରା। କଲଭର୍ଟ ହଟି ହେଇଚି ଢ଼ଳେଇ ପୋଲ। ପୋଲ ଦି'ପଟେ ସିମେଣ୍ଟ ବାଡ଼, କେହି ଯିମିତି ନପଡନ୍ତି ପୋଲ ତଳକୁ ।

ପୋଲ ଅଭିମୁଖି ଆମେ ଚାଲୁଥିବା ବେଳେ ଆଖି ପଡିଲା ନିଆରା ଦୃଶ୍ୟଟିଏ ଉପରେ। ନିଆରା ଏଥିପାଇଁ ଯେ ବିଶେଷକରି ଗାଁ'ରେ ଏ ଦୃଶ୍ୟ କେବେବି ଆଖି ଦେଖିନି ବୟସ ଆସି ଛବିଶ ପାଖା ପାଖି ଭିତରେ। ପାଦ ଅଟକି ଗଲା ଥପ କରି। ଯୁବକ ଯୁବତୀ ଦି'ଜଣ ବସିଛନ୍ତି ଲଗା ଲାଗି ହେଇ। ହଜି ଯାଇଛନ୍ତି କଥାରେ, ଆବେଗରେ। ଦୂରରୁ ଚିହ୍ନିବା ସମ୍ଭବ ନଥିଲେବି ଏତିକି ସ୍ପଷ୍ଟ ଯେ ସେମାନେ ଦୁହେଁ ଯୁବ ବୟସର। ପୋଷକ ଏବଂ ରୁଚିରେ ଆଧୁନିକତା ବାରି ପଡୁଛି ଦୂରରୁ ।

ପୋଲର ସବୁଠୁ ସନ୍ନିକଟ ଆମ ଗାଁ। ଆଉସବୁ ଗାଁ ଦୂରସ୍ଥ। ଅତଏବ, ଏ ଯୋଡି କେବେ ବାହାରୁ ନଆସି ନିଶ୍ଚିତ ହେଇଥିବେ ଆମ ଗାଁ'ର। ଛାତି ଭିତରଟା କାହିଁକି କିଜାଣି କୋରି ହେଇ ବିଦାରି ହେଇଗଲା । କାହା ଝିଅ ? କାହାର ଭଉଣୀ ? ନା, କିଏ ସିଏ ନାଗର ମଣି, ବସିଛି ବାହାରୁ କାହାକୁ ଆଣି ?

ସହରରେ ପୁଅ ଝିଅଙ୍କ ଭିତରେ ଆଜିର ବନ୍ଧୁତ୍ୱ ଦେହସୁଆ ହେଲେବି, ଗାଁ'କୁ ଅଢୁଆ। ବିଶେଷକରି ଆମ ଗାଁ ଯିମିତି ଥିଲା ଅତୀତରେ, ଅଛିବି ଏବେବି ଏପରିବର୍ତ୍ତିତ। ଉଗ୍ର ଆଧୁନିକତାର ଛାଇ ପଡିନି । ଗୋଟିଏ ବି ଝିଅ, କି ପୁଅ ଭଲ ପାଇ ସ୍ୱଇଛାରେ ବାହା ହେଇନାହାନ୍ତି, ନେଇ ପଳେଇବାତ ଦୂର। ଯାହା ଏବେ ବହୁଧା ଦୃଶ୍ୟମାନ ଅତ୍ର ତତ୍ର ସର୍ବତ୍ର। ସେଥିପାଇଁ ହେଇପାରେ ଆମ ଗାଁ ଅନ୍ୟ ମୁହଁରେ ରକ୍ଷଣଶୀଳ, ପଛୁଆ, ପୁରାତନ, କିନ୍ତୁ ସଂସ୍କୃତି ସୁରକ୍ଷାରେ ଆମେ ବ୍ରତୀ ବୋଲି ଗର୍ବ କରୁ। ତାହାହିଁ ଆମର ଗୌରବ, ଯୋଉଥିପାଇଁ ଆମ ଗାଁ ପ୍ରତି ସଂଭ୍ରମ ସମସ୍ତଙ୍କର ଆମ ଅଞ୍ଚଳର।

ଠିଆ ଠିଆ ନାନା କଳ୍ପନା ଜଳ୍ପନା ପରେ ମୁ ସ୍ଥିର କଲି ପଛକୁ ଫେରିବାକୁ। ଆଉ ଆଗେଇବାକୁ ବିବେକ ବାରଣ କଲା। ମନ ମରିଗଲା। ବନ୍ଧୁ କହିଲେ, ନାଇଁ, ଯିବା। କିଛି ନ କହି ଅନ୍ତତଃ ଦେଖିବା ନାୟକ ନାୟିକାଙ୍କୁ । ତାଙ୍କ ଜିଦରେ ପାଦେ ଆଗେଇ ଆଉ ପାରିଲି ନାଇଁ । ଫେରିଲି । ମୋ ପଛେ ପଛେ ବନ୍ଧୁବି । ଗାଁ'ରେ ପହଂଚିବା ଯାକେ ଆମ ଦୁଇ ଜଣଙ୍କ ମୁହଁରେ ଶବ୍ଦଟିଏ ସ୍ଫୁରି ନାଇଁ । ଅଥଚ ମନରେ ମାଳ ମାଳ ପ୍ରଶ୍ନ । ନା ଅଛି ଆଦି, ନା ଅନ୍ତ। କିଏ ହେଇ ପାରନ୍ତି ଏମାନେ ??

ଗାଁ ପହଂଚିବାରୁ ମୁ ଗଲି ଘରକୁ । ସିଏବି ତାଙ୍କ ଘରକୁ। ମୋ ନିରବତା ଦେଖି ବୋଉ ପଚାରିଲା, ଏବେ ଏବେତ ଯାଇଥିଲୁ, ଏତେ ଶୀଘ୍ର ଫେରିଲୁ ଯେ ? କିଛି କାମ ଅଛି କି ?

-----ନାଇଁ ଯେ......

ମୁ କଥା ଗିଳିଲି।

------ନାଇଁତ, ଫେରିଲୁ କାହିଁକି ? ରାତି ନଅ ପୂର୍ବରୁ ତ ଆସିବାର ନୁହଁ। କଣ ହେଲା ? କିଛି ମୋତେ ଲୁଚଉଛୁ ବୋଧେ ?

ବୋଉ ପାଖରୁ ବର୍ତ୍ତିବା ସମ୍ଭବ ନଜାଣି କହିଲି, ପୁଅ ଝିଅ ଦି'ଜଣ ବସିଛନ୍ତି ପୋଲରେ ଆଗରୁ। ଆମେ କିମିତି ବସି ଥାଆନ୍ତୁ ସେଠି ? ଚେଷ୍ଟା କରିବି ଜାଣି ପାରିଲୁନି ସେମାନେ କିଏ ? ଆମ ଗାଁ ର, କି କଉଠିକାର ? ଆରେ ବୋକା, ସେମାନେପା' ସାବି, ଆଉ ତା ବର। ଗତ ବର୍ଷ ବାହାଘର ଯାଇଛି । ଦିହେଁ ଆସିଛନ୍ତି ପ୍ରଥମ କରି ବର୍ଷକ ପରେ। ପାଞ୍ଚଟା ବେଳେ ଗଲେ ଆମ ଦାଣ୍ଡ ଦେଇ ନଈ ଆଡ଼େ ବୁଲିବାକୁ । ମୋତେ ଦାଣ୍ଡରେ ଦେଖି ଜୁହାର ହେଲେ।

ମୁ ଆକାଶରୁ ପଡି ଠିଆ ହେଇଗଲି ଦୈବାତ। ସାବିତ୍ରୀକୁ ବୋଉ ଡାକେ ସାବି ବୋଲି। ମୋ ବି ଏ ବର୍ଷ ତାର ପ୍ଲସ ଟୁ । ସୁନ୍ଦରୀ । ଥିଲା ଥାଇଲା ଘର ତାଙ୍କର । ଯା'ଭିତରେ ବାହା ହେଇ ବରକୁ ଧରି ଆସିଛି ଗାଁ'କୁ । ଆଉ ବୁଲେଇ ନେଇଛି ସେଇ ନୈସର୍ଗିକ ଶୋଭା ସଂଦର୍ଶନରେ।

ସରମରେ ବୋଉଠୁ ଖସି ଯାଇ ଏକଲା ଚାପୁଡା ମାଇଲି ଗାଲରେ। କି କଥା ମୁ ଭାବୁ ଥିଲି ଖାଲିଟାକୁ ? ଆଉ ଅନେଇ ନାଇଁ ବୋଉ ମୁହଁକୁ।

+ଚନ୍ଦନବିନ୍ଧା, ଚନ୍ଦବାଲି, ଭଦ୍ରକ

# ଖୁଚୁରା ଡବା





ରତ୍ନକାନ୍ତି ମିଶ୍ର

ଆଳି,କେନ୍ଦ୍ରାପଡା

ସେଦିନ ଥାଏ କା□କ ପୂର୍ଣ୍ଣିମା । ସୁଶୀଳା ନଈକୂଳକୁ ଯାଇ ବୋଇତ ବନ୍ଦାଣ କରି ସବୁଥର ପରି ଶିବ ମନ୍ଦିର ଗଲେ। ମନ୍ଦିର ବାହାରେ ବସିଥିବା ଭିକ୍ଷୁକ ମାନଙ୍କୁ ବୁଲି ବୁଲି ଦାନ କରିବାକୁ ଲାଗିଲେ। ସଦାନନ୍ଦ ବାବୁ ଗାଡ଼ି ପାଖରେ ଅପେକ୍ଷା କରି ସେମିତି ଚାହିଁ ରହିଥାନ୍ତି ସୁଶୀଳାଙ୍କ ହସ ହସ ମୁହଁକୁ। ଘରେ ପହଁଞ୍ଚି ତରବର ହୋଇ ଜଳଖିଆ ତିଆରି କରି ସଦାନନ୍ଦଙ୍କୁ ଖାଇବାକୁ ଦେଇ ପୁଣି ଠାକୁର ଘରକୁ ପୂଜା କରିବାକୁ ଗଲେ ସୁଶୀଳା। ପୂଜାରେ ବସିଲେ ଗୁଣୁ ଗୁଣୁ ହୋଇ କ'ଣ ସବୁ ପ୍ରାର୍ଥନା କରନ୍ତି ସେ। କିଛି ସମୟ ପରେ ସଦାନନ୍ଦଙ୍କୁ ଆଉ ସୁଶୀଳାଙ୍କର ସେ ସ୍ୱର ଶୁଭୁ ନଥିଲା। ଦୁଇଥର ଡାକିଲେ କିଛି ସମୟ ଉ□ାରୁ। ଉଠିଗଲେ ଏଥର ଠାକୁର ଘର ପାଖକୁ। ସୁଶୀଳାଙ୍କର ସ୍ପନ୍ଦନ ହୀନ ଦେହ ଆଉଜି ପଢ଼ିଥିଲା ଗୋଟିଏ ପଟକୁ ! ପବିତ୍ରତମ ଦିନର ମହାର୍ଘ ମୁହୂ□ରେ ପୂଣ୍ୟ ପଥରେ ଯାତ୍ରା କରି ସାରିଥିଲେ ପୂଣ୍ୟମୟୀ ସୁଶୀଳା...!!

ଆଜି ହେଉଛି ସୁଶୀଳାଙ୍କର ଦଶାହ କର୍ମ। ଶ୍ରାଦ୍ଧ କର୍ମରେ ଲାଗିବ ବୋଲି ଝିଅ ଯେ କୋଡ଼ିଏ ଟଙ୍କା ଖୁଚୁରା ମାଗିବାକୁ ଆସିଥିଲା, ଅନ୍ୟମନସ୍କତାରେ ଭୁଲି ଯାଇଛନ୍ତି ସଦାନନ୍ଦ । -'ଭାଇକୁ କହ ରୋଷେଇ ଘର ମଝି ଥାକର ବାଆଁ ପଟ କୋଣକୁ ଗୋଟିଏ ଛୋଟ ନାଲିଆ ଡବା ଭିତରେ ଖୁଚୁରା ଟଙ୍କା ଅଛି।' ଗାମୁଛାରେ ଲୁହ ପୋଛି ଝିଅକୁ କହିଲେ ସଦାନନ୍ଦ। -'ନା, ବାବା ! ସାନ ଭାଇ ପାଖରେ ଖୁଚୁରା ଥିଲା, ହେଇଗଲାଣି। ସଦାନନ୍ଦ ବାବୁ ନିଜ ଅଜାଣାତରେ ଫେରିଗଲେ ସେଇ ଅତୀତକୁ। ପ୍ରାୟ ପ୍ରତି ମାସ ଶେଷ ବେଳକୁ ପଇସା ସରିଯାଏ ସଦାନନ୍ଦଙ୍କ ପାଖରେ । ବେଶି କିଛି ଦରକାର ହେଲେ ସେ ଧିରେ ଲୁଚିକି ଖୁଚୁରା କାଢ଼ି ନିଅନ୍ତି ସେଇ ଡବାରୁ। ଦୁଇ ପୁଅ ଟିକେ ବଡ଼ ହେଲା ପରେ ସେମାନେ ବି ସେଥିରୁ ଲୁଚାଇ ନେବାର ସେ ଜାଣନ୍ତି। ଓଷା ବ୍ରତ, ଯାନିଯାତ୍ରା, ଅବା ମାନସିକ କରିଥିବା ଯେତେ ସବୁ ମେଳା ବା ଯାଚନା ସୁଶୀଳା ସେଇ ଖୁଚୁରା ଡବାରୁ ହିଁ ଖର୍ଚ୍ଚ କରନ୍ତି । ପିଲା ଛୋଟ ଥିବାବେଳେ ସେମାନଙ୍କର ଛୋଟ ମୋଟ ଅଳି ସୁଶୀଳା ପୂରଣ କରି ନିଅନ୍ତି ଅବିଶ୍ୱାସନୀୟ ଭାବରେ। କେତେବେଳେ ଛୁଟିରେ ନାତି ଆସିଲେ, ତା ପାଇଁ ଚକଲେଟ ଅବା ଖେଳନା କିଣି ଦିଅନ୍ତି ସୁଶୀଳା । ପୂଜା ପର୍ବାଣୀରେ ଝିଅ ଆସିଯିବା ସମୟରେ ସବୁ ଦେଇ ପଠାଇବା ଭିତରେ ବି ଝିଅ ଯେତେ ମନା କଲେ ମଧ ସୁଶୀଳା ତା' ହାତରେ ଗୁଂଜି ଦିଅନ୍ତି କିଛି ଖୁଚୁରା। ନୂଆ ଖୁଚୁରା ଟଙ୍କା ପୁଣି ସେଇଥିରେ ମିଶେଇ ସୁଶୀଳା ଘର ଚଳେଇ ନିଅନ୍ତି । ସଦାନନ୍ଦଙ୍କୁ ହାଲକା କରି ରଖନ୍ତି ପାରୁ ପର୍ଯ୍ୟନ୍ତ। ସୁଶୀଳା କେବେ ବି ସେ ଡବା ରଖିବା ସ୍ଥାନ ବଦଳେଇ ନାହାନ୍ତି କି ସେ ବିଷୟରେ କିଛି କଥା ହୋଇ ନାହାନ୍ତି କାହା ସହିତ। ପୁଅ ଦୁହିଁଙ୍କ ଚାକିରୀ ପରେ ଦୀର୍ଘ ସାତ ବର୍ଷ ବିତି ଯାଇଛି । ସେ ଖୁଚୁରା ଢ଼ବା ବୋଧହୁଏ ଆଉ କାହାର ଦରକାର ହେଇନି। ଏବେ ସମୟ ବଦଳିଛି । ସମସ୍ତଙ୍କ ପାଖରେ ନିଜର ପଇସା ଅଛି । କିନ୍ତୁ ସୁଶୀଳାଙ୍କ ପାଖରେ...! ହୁଏତ ସେ ସ୍ୱାମୀଙ୍କଠାରୁ ମାଗି ନେଇ ଦେଇ ପାରିବେ । କିନ୍ତୁ ନିଜେ ରଖିଥିବା ସେ ଖୁଚୁରା ପଇସାର ଯେପରି ସେ ହିଁ ଅଧିକାରଣୀ । ସେଇଥିରେ ସେ ଅବାଧରେ ରଖି ପାରିବେ, ବିନା ପ୍ରଶ୍ନ ଉ□ରରେ ବାହାର କରି ପାରିବେ । ଖୁଚୁରା ଢ଼ବାଟି ତାଙ୍କର ଗାରିମା, ସ୍ୱାଭିମାନ ହୋଇ ଏପର୍ଯ୍ୟନ୍ତ ରହିଛି। ସୁଶୀଳା ବୁଝିପାରୁଥିଲେ, ଖୁଚୁରା ଢ଼ବାଟି ବିଷୟରେ ସଦାନନ୍ଦ କେବେ କଥା ହେବାକୁ ଚାହାନ୍ତିନି। ସେଇ ଡବାଟିର ସେ ଏକା ହିଁ ଅଧିକାରୀଣୀ । ହୁଏତ ଖୁଚୁରା ଢ଼ବାଟି ବିଷୟରେ କଥା ହେଇଗଲେ ସୁଶୀଳାଙ୍କର ଖଜଣାଟି ଆଉ ତାଙ୍କରି ହୋଇ ରହିବନି। ସାର୍ବଜନୀନ ହୋଇଯିବ। ସେ ସେଥିରେ ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ ।

ଯଥାବିଧି କ୍ରିୟା କର୍ମ ସରିଲା। ଦୁଇ ଦିନ ପରେ ଝିଅ ତା' ଶାଶୁ ଘରକୁ ଯିବ ବୋଲି ବାହାରିଲା। ଝିଅ ବିଦା କରିବାକୁ ତା' ମାଆ ଆଜି ନାହିଁ। ସେ ଖୁଚୁରା ଡବାକୁ ତାଙ୍କ ପାଖକୁ ନେଇ ଆସିବାକୁ ଝିଅକୁ କହିଲେ ।- 'ତୋ ଛଡା ଆମେ ସମସ୍ତେ ଏହି ଡବାରୁ ଖୁଚୁରା ଟଙ୍କା ଲୁଚାଇ ନେଇ କେବେ ନା କେବେ ଆମର ଆବଶ୍ୟକତା ପୂରଣ କରିଛୁ। ହେଲେ ତୋତେ ତୋ' ମା ସେହି ଡବାରେ ସାଇତା ଖୁଚୁରା ଟଙ୍କା ଅତି ସନ୍ତର୍ପଣରେ ଯାଚିଦିଏ। ଦେଖେଁ, ତୋ ମା' ସେ ଡବାରେ କେତେ ପଇସା ରଖି ଯାଇଛି ତା ଗେହ୍ଲା ଝିଅର କାନିରେ ବାନ୍ଧିବାକୁ !'ଝିଅ ଅତି ଆଗ୍ରହରେ ଚାହିଁଲା ବାପାଙ୍କ ହାତରେ ଥିବା ସେଇ ଡବାଟିକୁ। -'ମାଆ ନାହିଁ ତ' କିଏ ସେ ଛୋଟ ଛୋଟ ଖୁସିର ସ୍ୱପ୍ନ ସବୁକୁ ସାଉଁଟି ରଖିଥାନ୍ତା ? ମାଆ ପରି ତା'ର ଖୁଚୁରା ଡବା ବି ଶୂନ୍ୟ ହୋଇ ଯାଇଛି ବାବା। 'କଇଁ କଇଁ ହୋଇ କାନ୍ଦି ଉଠିଲା ଝିଅ। ଦୁଇ ପୁଅ ସେଇ ଡବାକୁ ଲୋତକ ଭରା ଆଖିରେ ଚାହିଁ ରହିଥିଲେ। ସଦାନନ୍ଦ ବାବୁ ଝର୍କା ଦେଇ ଶୂନ୍ୟ ଆକାଶକୁ ଲକ୍ଷ କରୁଥିଲେ । ଆକାଶଟା ଆଜି କାହିଁକି ଭାରି ଝାପସା ଝାପସା ଦିଶୁଥିଲା ତାଙ୍କ ଆଖିକୁ...!!!

# ସଂପର୍କ



ଝରଣା ବାରିକ

ସମଲ, ତାଳଚେର, ଅନୁଗୋଳ

ନୂଆ ପାଟ ଶାଢ଼ୀ ଖଣ୍ଡେ ପିନ୍ଧି ଭାରି ସୁନ୍ଦର ଦିଶୁଥାଏ ରାଣୀ। ସରୁ ଓଢ଼ଣା ଟାଣି ଚୁପଚାପ୍ ଗୋଟେ କଣରେ ବସି ରହିଥାଏ ସେ। କେତେ ଲୋକ ଦେଖି ଆସୁଥାନ୍ତି। ସମସ୍ତଙ୍କ ମୁହଁରେ ତା ରୂପର ପ୍ରଶଂସା । ଆହା କେଡେ ସୁନ୍ଦରୀଆ ବୋହୂଟିଏ ସତରେ ପୁରା ଗୋଟିଏ ଚାଉଳରେ ଗଢା। ଦେଖିଲେ ଆଖି ଫେରୁ ନାହିଁ। ନଣନ୍ଦ ମାନଙ୍କର ଟାହି ଟାପରା ସତରେ ଭାଉଜ ଭାଇ ଆମର ସତରେ ଭାଗ୍ୟବାନ ନହେଲେ ତମ ଭଳି ସୁନ୍ଦରୀ ସ୍ତ୍ରୀଟିଏ କ'ଣ ପାଇଥାନ୍ତା। ଲାଜରେ ମୁହଁକୁ ତଳକୁ ପୋତି ଲୁଚି ଲୁଚି ହସୁଥିଲା ରାଣୀ।

ତାର ଏ ସୁନ୍ଦର ରୂପକୁ ଦେଖି ରାଜା ବାହାଘର ପାଇଁ ରାଜି ହେଇଯାଇଥିଲା। ସେ ବାହା ହେଇ ରାଣୀକୁ ଘରକୁ ଆଣିଛି ବିନା ଯୌତୁକରେ। ବହୁତ ଝିଅ ରାଜାକୁ ପସନ୍ଦ କରୁଥିଲେ ବି ରାଜାର ପସନ୍ଦ ଥିଲା ରାଣୀ। ସେଥିପାଇଁ ସେ ଜିଦ୍ କରି ବାହା ହେଇଥିଲା ରାଣୀକୁ। ତାର ମାନ ସମ୍ମାନକୁ କେବେ ବି ତଳେ ପକାଇବାକୁ ଦେବନାହିଁ । ବୋଲି ସବୁ ଜିନିଷ ଯୋଗେଇ ଦେଉଥାଏ ରାଜା।

ରାଜାର ମନ ଆକାଶରେ ଉଡୁଥାଏ। ରାଣୀକୁ ପାଇଁ ଧରାକୁ ସରା ମନେ କରୁଥାଏ ରାଜା। ତାର ଏତେ ଖୁସୀ ସହି ପାରନ୍ତି ନାହିଁ ପରିବାରର କିଛି ଲୋକ। ସେ କଥାକୁ ଖାତିର ନଥାଏ ରାଜାର। କେହି କେହି ପଡିଶା ଲୋକମାନେ ବି କୁହା କୁହି ହୁଅନ୍ତି ଏତେ ସୁନ୍ଦର ଉପରଟା, ଭିତରେ କ'ଣ ଅଛି ଲୋ ମାଆ। କିଏ ଜାଣେ ଆଗକୁ ଏ ଘର ଭାଙ୍ଗିବ କି ରହିବ। ଯଦି ରାଜା ତା ବୁଦ୍ଧିରେ ପଡିଗଲାନା ସବୁ ସରିଲା କ'ଣ ହେବ ତୋ ଝିଅ ମାନଙ୍କ ଅବସ୍ଥା। ଏ ସବୁ କଥା ରାଜା ମାଆ ଆଗରେ ଶୁଣେଇ ଶୁଣେଇ କୁହନ୍ତି ପଡିଶା ଘରର ସ୍ତ୍ରୀ ଲୋକମାନେ।

ଆରମ୍ଭ ହେଇଯାଏ ରାଣୀ ଉପରେ ଅତ୍ୟାଚାର। ରାଜା ଆଗରେ ଭଲେଇ ହେଇ ପଛରେ ରାଣୀକୁ ପଛରେ ବହୁତ କଷ୍ଟ ଦିଅନ୍ତି ତା ପରିବାରର ଲୋକମାନେ। ସେ ସବୁକୁ ହସି ହସି ସହିଯାଏ ରାଣୀ। ରାଜାର ଭଲ ପାଇବା ତାକୁ ସବୁ କଷ୍ଟକୁ ସହିବାକୁ ଶକ୍ତି ଯୋଗାଇ ଦିଏ। ଦିନକୁ ଦିନ ଏ ସବୁ ଅସହ୍ୟ ହୋଇ ପଡିଲା ରାଣୀ ପାଇଁ। ରାଜା କାନରେ ମଧ ଏ କଥା ପଡ଼ିଲା। ଏସବୁ ରାଣୀ ମୁହଁରୁ ଶୁଣିବା ପାଇଁ ଜିଦ୍ କଲା ରାଜା । କିନ୍ତୁ ରାଣୀ ଗୋଟିଏ ବି ଶବ୍ଦ କାହା ନାଁରେ କହି ପାରିଲାନି। ସମସ୍ତେ ବହୁତ ଭଲ ବୋଲି ହିଁ କହୁଥାଏ ରାଣୀ। କିଛି ନ କହିଲେ ବି ସବୁ କଥା ସ୍ୱାମୀ ଆଗରେ କହୁଛୁ କହି ଝଗଡା କରନ୍ତି ଶାଶୁ ନଣନ୍ଦ ମାନେ। ଏମିତି ଦିନେ ଝଗଡା କରୁଥିବା ସମୟରେ ଶାଶୁ ହାତ ଉଠେଇ ମାରୁଥାନ୍ତି । ଏହି ସମୟରେ ରାଜା ଘରେ ପହଞ୍ଚିଗଲା। ଏକଥା ଦେଖି ରାଜା ଆଖିରେ ଲୁହ ରହିଲା ନାହିଁ। ରାଣୀକୁ ନେଇ ଅଲଗା ଭଡା ଘରେ ରଖିବାକୁ ମନସ୍ଥ କଲା। ରାଣୀ କିନ୍ତୁ ରାଜି ହେଲା ନାହିଁ। ତା ମନରେ ଗୋଟିଏ କଥା ଶୁଣୁଥାଏ ।

ଶାଶୁ ଘରେ ଛାଡି କି ଯିବାବେଳେ ମାମୁଁ କହିଥିଲେ। ଝିଅ ଆଜି ତୋ ରୂପକୁ ଯେମିତି ପ୍ରଶଂସା କରୁଛନ୍ତି। କାଲି ଯେତେବେଳେ ମୁଁ ଏଠିକି ଆସିବି ସେତେବେଳେ ତୋର ଗୁଣ ପ୍ରଶଂସା ଯେମିତି ଶୁଣେ। ଏଇ କଥା ପଦକ ସବୁବେଳେ ତା କାନରେ ଯେମିତି ବାଜି ଉଠେ।

ସବୁ ଦୁଃଖ କଷ୍ଟକୁ ସହି ଦିନ ପରେ ଦିନ ବିତିଯାଏ ରାଣୀର। ସବୁ ନଣନ୍ଦ ମାନଙ୍କୁ ବାହାଘର କରି ଶାଶୁ ଘରକୁ ବିଦା କରେ। ସମସ୍ତଙ୍କ ଅଳି ଅର୍ଦ୍ଦଳି ବୁଝି ବୁଝି କେବେବି ଥକି ପଡେନି ସେ। ଶାଶୁ ଶ୍ୱଶୁର ଏସବୁ ଦେଖି ସଂପୂର୍ଣ୍ଣ ବଦଳି ଯାଆନ୍ତି। ଗାଁ ସାରା ତା ନାଁରେ ଚର୍ଚ୍ଚା ହୁଏ।

ସତରେ ବୋହୂ ନୁହେଁ ତ ହୀରା ଖଣ୍ଡେ। ଏ ସବୁ କଥା ଶୁଣି ଶାଶୁ ଶ୍ୱଶୁରଙ୍କ ଛାତି କୁଣ୍ଢେ ମୋଟ ହେଇ ଯାଏ। ଶାଶୁ ଶ୍ୱଶୁରଙ୍କୁ ସେ ଠିକ୍ ନିଜ ପିଲାଙ୍କ ପରି ସ୍ନେହ ଦିଏ ଗୁରୁଜନଙ୍କ ଭଳି ଭକ୍ତି ଓ ସମ୍ମାନ ମଧ କରେ।

ଏ ସବୁ ଶୁଣି ଦେଖି ରାଜା ମଧ ବହୁତ ଖୁସି ହୁଏ । ଏଭଳି ଗୁଣବତୀ ସ୍ତ୍ରୀଟିଏ ପାଇଥିବାରୁ ନିଜକୁ ଧନ୍ୟ ମନେ କରେ।

ରାଣୀ କିନ୍ତୁ ସବୁ କ୍ରେଡିଟ ରାଜାକୁ ଦିଏ । କୁହେ ତମେ ଯଦି ଭଲ ହୋଇ ନଥାନ୍ତ ଏସବୁ କେବେବି ସମ୍ଭବ ହୋଇ ପାରିନଥାନ୍ତା।

ସତରେ ସବୁ କ୍ଷେତ୍ରରେ ଗୋଟିଏ ନାରୀ ଯଦି ସର୍ବସହା ହୁଏ ପୁରୁଷଟିଏ ବି ତାକୁ ସଂପୂର୍ଣ୍ଣ ଭାବରେ ସପୋର୍ଟ କରିବା ଆବଶ୍ୟକ। ତେବେ ନିଶ୍ଚୟ ଖୁବ୍ ସୁନ୍ଦର ଭାବରେ ଅସଜଡା ଜିନିଷ ସବୁ ସଜାଡି ହୋଇଯିବ।



# ବରଗଡରେ କଂଗ୍ରେସ କର୍ମୀଙ୍କୁ ଆକ୍ରମଣ ପ୍ରତିବାଦରେ ୧୬ରେ ନବୀନ ନିବାସ ଯିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ବରଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ଆଜାଦଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୨୪ ଘଂଟା ଭିତରେ ଆକ୍ରମଣକାରୀଙ୍କୁ ଗିରଫ ଏବଂ କାର୍ଯ୍ୟରତ ଥାଇ ଆକ୍ରମଣର ସୁଯୋଗ ଦେଇଥିବା ପୋଲିସ ଅଫିସରଙ୍କୁ ନିଲମ୍ବିତ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏହି ଦାବି ପୂରଣ ନହେଲେ ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଡିଜି କ୍ୟାମ୍ପ ଅଫିସ ଘେରାଉ କରାଯିବା ସହ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କର ହିଟଲରୀରାଜ ପ୍ରତିବାଦରେ ପ୍ରଶ୍ନ କରାଯିବ। ସାରା ରାଜ୍ୟରେ ଯେଉଁଠିକି ମନ୍ତ୍ରୀମାନେ ଗସ୍ତକରିବେ ସେଠାରେ ସେମାନଙ୍କୁ କଳାପତାକା ପ୍ରଦର୍ଶନ ପୂର୍ବକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଛାତ୍ର କଂଗ୍ରେସ ବିରୋଧ କରିବ। ଭୁବନେଶ୍ୱର ସ୍ଥିତ ସମସ୍ତ ମନ୍ତ୍ରୀଙ୍କ ସରକାରୀ ବାସଭବନ ଆଗରେ ମଧ ଛାତ୍ର କଂଗ୍ରେସ ବିକ୍ଷୋଭ କରିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ସୂଚନା ଦେଇଛନ୍ତି।

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନୱାଜ କହିଛନ୍ତି ଯେ ପ୍ରଦେଶ ଛାତ୍ର କଂଗ୍ରେସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହିଟଲରୀରାଜର ଜବାବ ଦେବ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରର ଦୋଷ, ଦୁର୍ବଳତା ଓ ଭ୍ରଷ୍ଟାଚାରକୁ ବିରୋଧ କରିବାର ଅଧିକାର ବିରୋଧି ଦଳ ରହିଛି। ନବୀନ ପଟ୍ଟନାୟକ ପୋଲିସ ଓ ବିଜେଡ଼ି ଗୁଣ୍ଡାବଳ ଲଗାଇ ଛାତ୍ର କଂଗ୍ରେସର କଣ୍ଠରୋଧ କରିପାରିବେ ନାହିଁ। ବଡ଼ଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ଆଜାଦ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ବରଗଡ଼ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ପ୍ରତିବାଦରେ ମନ୍ତ୍ରୀ ଟୁକୁନି ସାହୁଙ୍କ ରାସ୍ତା ଅବରୋଧ କରିଥିଲେ। ବରଗଡ଼ ପୋଲିସ ଗୌରବ ପତି ଆଜାଦ ଏବଂ ଛାତ୍ର କଂଗ୍ରେସର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନେଇ ଗିରଫ କରିବା ସହ ବିଜେଡ଼ି ଗୁଣ୍ଡାଙ୍କୁ ଡକାଇ ବରଗଡ଼ ଛାତ୍ର କଂଗ୍ରେସ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ କରାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ରଜତ ଚୌଧୁରୀ ଓ କଂଗ୍ରେସ ନେତା ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। ରଜତ ଚୌଧୁରୀ କହିଛନ୍ତି ଯେ ଛାତ୍ର କଂଗ୍ରେସ ମମିତା ମେହେରଙ୍କ ହତ୍ୟାକାଣ୍ଡର ମୁଖ୍ୟ ଅପରାଧି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ଓ ବହିଷ୍କାର ନକରିବା ଯାଏ ଆନ୍ଦୋଳନ ଜାରି ରଖିବ।

# ଚାଷୀ ଅବହେଳା ନେଇ ସବୁଠି ବସିବ ଫଂଚାୟତ: ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ରାଜ୍ୟ ରାଜନୀତିରେ କୃଷକମାନଙ୍କ ଅବହେଳା ଓ ସମସ୍ୟା ନେଇ ପହଂଚାୟତ ବସିବ ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି। ଚାଷୀଙ୍କ ପେନ୍‌ସନ, ବାର୍ଦ୍ଧକ୍ୟ ଭତାକୁ ୧୫୦୦କୁ ବୃଦ୍ଧି କରିବା, ଧାନ କୁଇଂଟାଲ ୩୦୦୦ ଓ କ୍ଷୀର ଲିଟର ୫୦ ଟଙ୍କା ଦାବିରେ ସମସ୍ତେ ଫଂଚାୟତରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର କୃଷକମାନଙ୍କ କଥା ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ସରକାର କେବଳ କର୍ମଚାରୀଙ୍କ ଦରମା ବଢାଇ ରାଜକୋଷକୁ ସମାପ୍ତ କଲାବେଳେ କର୍ମଚାରୀଙ୍କ ଠାରୁ ଗୋଟିଏ ଟଙ୍କାର କାମ ଆଦାୟ କରୁନାହାଁନ୍ତି। କୌଣସି କ୍ଷେତ୍ର ଜଙ୍ଗଲ, କୃଷି, ମତ୍ସସମ୍ପଦ, ଗୋସମ୍ପଦ କ୍ଷେତ୍ରରେ କିଭଳି ଆୟ ବୃଦ୍ଧି ହେବ, ସେ ନେଇ ସରକାରଙ୍କର କୌଣସି ଯୋଜନା ନାହିଁ। ସବୁ କଥାରେ କେବଳ ଖବରକାଗଜରେ ବ୍ୟାପକ ବିଜ୍ଞାପନ ଓ ଭାଷଣରେ ଗରିବ ଓ କୃଷକଙ୍କ ନାମ ନିଆଯାଉଛି। ଅଭାବୀ ବିକ୍ରି ସମୟରେ ସରକାରଙ୍କର କେବେ ଦେଖା ମିଳେନାହିଁ। ସରକାର ଓମ୍‌ଫେଡ଼ ପ୍ରତିଷ୍ଠା ପାଇଁ ବାହାଦୂରୀ ନେଉଛନ୍ତି ମାତ୍ର କ୍ଷୀର ଦର ନ ବଢିବାରୁ ଉତ୍ପାଦନ କେତେ କମିଲାଣ ତାହା ସମୀକ୍ଷା ହେଉନାହିଁ। ବର୍ଦ୍ଧିତ ମୂଲିଆ ମଜୁରୀ ଓ ସାର ଦର ପାଇଁ ଚାଷୀ ଚାଷ ଛାଡ଼ିବାକୁ ବସିଲେଣି। ଅଥଚ ଆମ ସରକାର ଧାନ ଉପରେ ଟଙ୍କା ୫୦୦ ବୋନସ ଦେବାକୁ ଇଚ୍ଛାପ୍ରକାଶ କରିନାହାଁନ୍ତି। ଏସବୁ ତଫାତ୍ ଓ ସରକାରଙ୍କ ଗରିବ ଓ କୃଷକ ବିରୋଧୀ ମନୋଭାବ ବିରୋଧରେ ମାସବ୍ୟାପୀ ବିଭିନ୍ନ ଜିଲ୍ଲାରେ ଫଂଚାୟତ ବସାଇବାକୁ ସମସ୍ତ ଜିଲ୍ଲା ସଂଯୋଜକ ଓ ବ୍ଲକ ସଂଯୋଜକମାନଙ୍କ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦି ସମ୍ମିଳନୀରେ ସଂଗଠନର ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ଉପସ୍ଥିତ ଥିଲେ।

# ନଗର ଉନ୍ନୟନ ବିଭାଗକୁ ଗୁଆଙ୍ଗ୍‌ଝୁ ପୁରସ୍କାର: ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ପାଇଁ ପୈର ପ୍ରଶାନଗୁଡ଼ିକ ନେଉଥିବା ପଦକ୍ଷେପ ଆଧାରରେ ପ୍ରଦାନ କରାଯାଉଥିବା ଅନ୍ତର୍ଜାତୀୟ ଗୁଆଙ୍ଗ୍‌ଝୁ ପୁରସ୍କାର ଏଥର ଓଡ଼ିଶାକୁ ମିଳିଛି। 'ଦ ଗୁଆଙ୍ଗ୍‌ଝୁ ଇଣ୍ଟରନ୍ୟାସନାଲ ଆୱାର୍ଡ ଫର ଅର୍ବାନ୍ ଇନୋଭେସନ' ଶୀର୍ଷକ ଏହି ପୁରସ୍କାରରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ୧ ଲକ୍ଷ ୪୮ ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର ପାଇଛି। ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ସହ ପରିବେଶରେ ଉନ୍ନତି ଆଣିବାକୁ କାର୍ଯ୍ୟ କରୁଥିବା ଯୋଗୁଁ ବିଭାଗକୁ ଏହି ପୁରସ୍କାର ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭାଗକୁ ଶୁଭେଚ୍ଛା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟର ହାଣ୍ଡେଲ୍‌ରେ ଗୁଆଙ୍ଗ୍‌ଝୁ ପୁରସ୍କାରର ସୂଚନା ଅପ୍‌ଲୋଡ୍ କରାଯିବା ସହ ବିଭାଗର ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ସହରାଞ୍ଚଳରେ ପ୍ରତ୍ୟେକଙ୍କୁ ରୋଜଗାରକ୍ଷମ କରିବା ପାଇଁ ବିଭାଗ ପକ୍ଷରୁ ଜାରି ରହିଥିବା ଉଦ୍ୟମ ପାଇଁ ଏହି ପୁରସ୍କାର ମିଳିଥିବା ମୁଖ୍ୟମନ୍ତ୍ରୀ ଟ୍ୱିଟ୍‌ରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମଧ ବିଭାଗକୁ ଶୁଭକାମନା ଜଣାଇବା ସହ ବିଭାଗ ଜାରି ରଖିଥିବା ଏହି ଉଦ୍ୟମରେ ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୨୬୨ କରୋନା ପଜିଟିଭ୍ ଚିହ୍ନଟ, ୪୨ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୬୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୦୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୪୨ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୩୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୨ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୫ ଜଣ, କଟକରୁ ୨୧ ଜଣ, ଦେବଗଡ଼ରୁ ୩ ଜଣ, ଢେଙ୍କାନାଳରୁ ୫ ଜଣ, ଗଞ୍ଜାମରୁ ୨ ଜଣ, ଜଗତସିଂହପୁରରୁ ୩ ଜଣ, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୮ ଜଣ, ଖୋର୍ଦ୍ଧାରୁ ୧୩୨ ଜଣ, କୋରାପୁଟରୁ ୧ ଜଣ, ମାଲକାନଗିରିରୁ ୧ ଜଣ,ମୟୂରଭଞ୍ଜରୁ ୫ ଜଣ, ପୁରୀରୁ ୧ ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୧୪ ଜଣ, ସୁନ୍ଦରଗଡ଼ରୁ ୬ ଜଣ ଓ ଷ୍ଟେଟ ପୁଲରୁ ୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୪୫ ହଜାର ୪୭୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୩୪ ହଜାର ୩୦୦ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨ ହଜାର ୭୪୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଜାତୀୟ ପ୍ରେସ୍ ଦିବସରେ ପ୍ରଶାନ୍ତ ପଟ୍ଟନାୟକ ପାଇବେ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'

ଭୁବନେଶ୍ୱର, ୧୩ ନଭେମ୍ବର - ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ-୨୦୨୧ ଅବସରରେ ରାଜ୍ୟର ୨୭ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ କରାଯିବା ସହିତ ୬ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ସ୍ଥିର କରିଛି।

ଆସନ୍ତା ୧୬ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନ୍‌ଫରମେସନ ବ୍ୟୁରୋ (ପିଆଇବି), ରିଜିଓନାଲ ଆଉଟ୍‌ରିଚ୍ ବ୍ୟୁରୋ (ଆରଓବି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଂଟ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି (ଅମିତ୍)ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯିବ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୧' ପ୍ରଦାନ କରାଯିବା ସହିତ ଅନ୍ୟ ରାଜ୍ୟର ବିଭିନ୍ନ ସମ୍ବାଦପତ୍ରର ୫ଜଣ ସମ୍ପାଦକଙ୍କୁ ଜାତୀୟସ୍ତରରେ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ-୨୦୨୧'ରେ ସମ୍ମାନିତ କରାଯିବ। ଏହାଛଡ଼ା ୨୦୨୦ ମସିହାରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଅଲିଭା ଅଭିଲିପ୍ସାଙ୍କୁ 'ରବି ନାରାୟଣ ମହାନ୍ତି ସ୍ମାରକୀ ସମ୍ମାନ-୨୦୨୧', ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀ ପାୟଲ ପଟ୍ଟନାୟକଙ୍କୁ 'ଗୋପାଳ ମିଶ୍ର ସ୍ମାରକୀ ସମ୍ମାନ-୨୦୨୧', କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅବନ୍ତିକା ମିଶ୍ରଙ୍କୁ 'ରାମହରି ମିଶ୍ର ସ୍ମାରକୀ ସମ୍ମାନ-୨୦୨୧', ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ମିଶ୍ରଙ୍କୁ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ସମ୍ମାନ-୨୦୨୧', ଢେଙ୍କାନାଳ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ଏସ୍)ର ଓଡ଼ିଆ ବିଭାଗର ଛାତ୍ରୀ ଯାଜ୍ଞସେନୀ ଧଳଙ୍କୁ 'ଦିଲ୍ଲୀପ ଶତପଥୀ ସ୍ମାରକୀ ସମ୍ମାନ-୨୦୨୧' ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଅର୍ପିତା ନନ୍ଦଙ୍କୁ 'ଅରିନ୍ଦମ୍ ଦାଶ ସ୍ମାରକୀ ସମ୍ମାନ-୨୦୨୧'ରେ ସମ୍ମାନିତ କରାଯିବ।

ରାଜ୍ୟର ୨୭ଜଣ ବରିଷ୍ଠ ସାମ୍ବାଦିକ ମହେଶ୍ୱର ମୂଳିଆ, ଦୁଲାଲ ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ, ପ୍ରବୋଧ କୁମାର ମିଶ୍ର, ସାରଦା ପ୍ରସନ୍ନ ନନ୍ଦ, ବସନ୍ତ କୁମାର ଦାଶ, ଅରୁଣ କୁମାର ପଣ୍ଡା, ସୁବାସ ଚନ୍ଦ୍ର ପଟ୍ଟନାୟକ, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ଗଜେନ୍ଦ୍ର କୁମାର ମହାନ୍ତି, ସେକ୍ ଅବଦୁଲ ମନାନ୍, ସୁରେନ୍ଦ୍ର ସାହୁ, ଭାଗବତ ତ୍ରିପାଠୀ, ଶ୍ରୀରାମ ଦାଶ, ସୁଦାମ ଚରଣ ନାୟକ, ହଳଧର ଧୀର, ଅଜିତ୍ କୁମାର ମହାନ୍ତି, ଅକ୍ଷୟ କୁମାର ପତି, ସୁବାସ ପାଣିଗ୍ରାହୀ, ସୁଜ୍ଞାନ ଚୌଧୁରୀ, ଗୁରୁକଲ୍ୟାଣ ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ତ୍ରିଲୋଚନ ମହାପାତ୍ର, ଗୌରାଙ୍ଗ ଚରଣ ହୋତା, ଶରତ ଚନ୍ଦ୍ର ଦାଶ ଓ ରବି ରଥଙ୍କୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ ପେନ୍‌ସନ ପ୍ରଦାନ କରାଯିବା ପାଇଁ ବୋର୍ଡ଼ ସ୍ଥିର କରିଛି।

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜାତୀୟ ପ୍ରେସ୍ ଦିବସରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି, ୱାଲଡ୍ ଅସୋସିଏସନ ଅଫ୍ ପ୍ରେସ୍ କାଉନସିଲ୍‌ସ୍‌ର ସାଧାରଣ ସମ୍ପାଦକ କିଶୋର ଶ୍ରେଷ୍ଠ ଉଦ୍‌ଘାଟକ, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟବକ୍ତା, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ତଥା 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଏହାଛଡ଼ା ବିଭିନ୍ନ ସାମ୍ବାଦିକ ୟୁନିୟନର ପ୍ରତିନିଧିମାନେ ମଧ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରକାଶ କରିଛନ୍ତି।

# ମେଲ୍, ଏକ୍ସପ୍ରେସ୍, ପାସେଞ୍ଜର ଓ ବିଶେଷ ଟ୍ରେନ୍ ପୂର୍ବଭଳି ଚାଲିବ



ଭୁବନେଶ୍ୱର,୧୪/୧୧ (ନି.ପ୍ର): ଦେଶରେ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ବର୍ତ୍ତମାନ ଚଳାଚଳ କରୁଥିବା ମେଲ, ଏକ୍ସପ୍ରେସ୍, ପାସେଞ୍ଜର ଏବଂ ଛୁଟିଦିନର ସ୍ୱତନ୍ତ୍ର ଟ୍ରେନ୍ ସେବାକୁ ନିୟମିତ ସେବାରେ ପରିବର୍ତ୍ତନ କରିବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ ପୂର୍ବଭଳି ଟ୍ରେନ ଭଡ଼ା ଅନୁଯାୟୀ ତତ୍କାଳ ଟ୍ରେନ୍ ଚଳାଚଳ କରାଇବା ପାଇଁ ମଧ ନିଷ୍ପତ୍ତି ନିଆଯାଇଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା କିମ୍ବା ଯାତ୍ରା ସମାପ୍ତ କରୁଥିବା ପ୍ରାୟ ୭୬ଟି ମେଲ୍, ଏକ୍ସପ୍ରେସ ଓ ଛୁଟିଦିନର ସ୍ୱତନ୍ତ୍ର ଟ୍ରେନ୍ ଏବଂ ୧୪ଟିପାସେଞ୍ଜର ଟ୍ରେନ୍ ତୁରନ୍ତ ଚଳାଚଳ କରାଇବା ପାଇଁ ସ୍ଥିର ହୋଇଛି। କୋଭିଡ୍ ମହାମାରୀ ସମୟରେ ଲାଗୁ ହୋଇଥିବା ପ୍ରତିବନ୍ଧକ ଏହା ସହିତ ଜାରି ରହିବ। ଟ୍ରେନ ନମ୍ବରର ପ୍ରଥମ ଅଙ୍କ ବର୍ତ୍ତମାନ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍ ପରି ଶୂନ୍ୟ ରହିବ ନାହିଁ। ଟ୍ରେନ୍ ଗୁଡିକ ବର୍ତ୍ତମାନ ସେମାନଙ୍କର ନିୟମିତ ସଂଖ୍ୟା ସହିତ ପୂର୍ବଭଳି ଚଳାଚଳ କରିବ ଏବଂ ଟ୍ରେନ ଭଡା କୋଭିଡ୍ ପୂର୍ବବର୍ତୀ ସମୟ ପରି ସ୍ୱାଭାବିକ ଅବସ୍ଥାକୁ ଫେରିବ। କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ନିୟମିତ ମେଲ, ଏକ୍ସପ୍ରେସ୍ ଟ୍ରେନ୍ ଗୁଡିକ ସ୍ୱତନ୍ତ୍ର ମେଲ୍, ଏକ୍ସପ୍ରେସ୍ ଏବଂ ଛୁଟିଦିନର ସ୍ୱତନ୍ତ୍ର ଟ୍ରେନ୍ ଭାବରେ ପରିଚାଳିତ ହେଉଥିଲା। ବର୍ତ୍ତମାନ ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକୁ ୱାର୍କିଂ ଟାଇମ୍ ଟେବୁଲ୍ ୨୦୨୧ରେ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିସ୍ତୃତ ନିୟମ ଅନୁଯାୟୀ ଟ୍ରେନ୍ ସେବା ନିୟମିତ ନମ୍ବର ଏବଂ କୋଭିଡ୍ ପୂର୍ବ ଭଡ଼ା ସହିତ ସମ୍ପୃକ୍ତ ଶ୍ରେଣୀ ଏବଂ ଟ୍ରେନ୍ ଗୁଡିକର ପ୍ରକାର ପାଇଁ ପ୍ରଯୁଜ୍ୟ ହେବ। ଦୀର୍ଘ ଦୂରତା ମେଲ୍ ଏକ୍ସପ୍ରେସ୍ ଟ୍ରେନରେ ଦ୍ୱିତୀୟ ଶ୍ରେଣୀ (ସାଧାରଣ କୋଚ୍ ଏବଂ ଏସଏଲଆର୍ କୋଚର ଯାତ୍ରୀ ଅଂଶ) ସଂରକ୍ଷିତ ଭାବରେ ବୁକ୍ ହୋଇ ରହିବ ଏବଂ ବିଶେଷ କ୍ଷେତ୍ରରେ ଅନୁମତିପ୍ରାପ୍ତ କେତେକ ଟ୍ରେନରେ ଅଣସଂରକ୍ଷିତ ଉପଲବ୍ଧ ହେବ।

# ଦାଉ ସାଧିଲାଣି ଅଦିନିଆ ବର୍ଷା: ବୁଡ଼ିଲା ଫସଲ, କ୍ଷୟକ୍ଷତି ଆକଳନ ଆରମ୍ଭ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ଅପେକ୍ଷା ଆଉ କିଛି ଦିନର ଥିଲା, ଏହା ପରେ ଚାଷୀ ଧାନ ବିକ୍ରି କରି ଥାଆନ୍ତା। ମାତ୍ର ଅଦିନିଆ ବର୍ଷା ଅନେକ ଚାଷୀଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ସଅଳ କିସମ ଧାନ ଯାହା ଅମଳ ହେବାକୁ ଯାଉଥିଲା, ତାହା ନଷ୍ଟ ହୋଇଥିବା ସ୍ପଷ୍ଟ ହୋଇଛି। ଆଉ କିଛି କିସମ ଧାନ ବର୍ତ୍ତମାନ ଠିକ ରହିଛି କିନ୍ତୁ ଲଗାତାର ୭୨ ଘଣ୍ଟା ବର୍ଷା ହେଲେ ଏହା ବରବାଦ ହୋଇଯିବ। ପରିବା ଏବଂ କପା ଫସଲ ପ୍ରତି ମଧ ବିପଦ ଦେଖାଦେଇଛି। ଏ ସଂକ୍ରାନ୍ତରେ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି। ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ସ୍ଥାନରେ ଅଦିନିଆ ବର୍ଷା ପରିପ୍ରେକ୍ଷୀରେ ଫସଲ ପରିଚାଳନା ପାଇଁ ପରାମର୍ଶ ଜାରି କରିଛନ୍ତି କୃଷି ବିଭାଗ।

ରାଜ୍ୟ କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚଳିତ ବର୍ଷ ରାଜ୍ୟରେ ଖରିଫରେ ୫୯ ଲକ୍ଷ ହେକ୍ଟର ଫସଲ ହୋଇଥିଲା। ଏଥିରୁ ପ୍ରାୟ ୩୫ ଲକ୍ଷ ହେକ୍ଟର ଧାନ ଫସଲ। ଏଥିରୁ ୨୦ ପ୍ରତିଶତ ଅର୍ଥାତ ପ୍ରାୟ ୫ ଲକ୍ଷ ହେକ୍ଟର କଟାଯାଇ ସାରିଛି। ବାକି ସ୍ଥାନରେ ବର୍ଷା କେତେ ପ୍ରଭାବିତ କରିଛି, ତାର ଆଖିଦେଖା ଆକଳନ ପାଇଁ ଜିଲ୍ଲା ସ୍ତରରେ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୬୦ ହେକ୍ଟର ଧାନ ଚାଷ ହୋଇଛି। ଏଥିରୁ ବାଣପୁର, ଚିଲିକା ଏବଂ ଟାଙ୍ଗିରେ ସର୍ବାଧିକ ବର୍ଷା ହୋଇ ଫସଲ ପ୍ରଭାବିତ ହୋଇଛି। ଅର୍ଥାତ ଟାଙ୍ଗିରେ ୪୮୮ ହେକ୍ଟର, ଚିଲିକାରେ ୪୨୦ ହେକ୍ଟର, ବାଣପୁରରେ ୪୫୦ ହେକ୍ଟର ଫସଲ ପ୍ରଭାବିତ ହେବା ନେଇ ପ୍ରାଥମିକ ଆକଳନ ହୋଇଛି। ବିସ୍ତୃତ ରିପୋର୍ଟ କିଛି ଦିନ ମଧ୍ୟରେ ପହଞ୍ଚିଯିବ। ଏଠାରେ ୧୨୨୦ ହେକ୍ଟର ଷ୍ଟାଣ୍ଡିଂ କ୍ରପ, ୨୧୫ ହେକ୍ଟର ଜମି ବିଲରେ ଧାନ କଟା ହୋଇ ବର୍ଷା ପାଣିରେ ବୁଡ଼ିଛି। ଗଞ୍ଜାମ ଜିଲ୍ଲାରେ ୧ ଲକ୍ଷ ୯୯ ହଜାର ଧାନ ଚାଷ ହୋଇଛି। ଏଠାରେ ଧାନ କ୍ଷୀର ଢୋକିବା ସମୟ। ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ଧାନ ପଡ଼ିଛି। କିନ୍ତୁ କ୍ଷତି ସମ୍ପର୍କରେ ସୋମବାର ଜଣାପଡ଼ିବ ବୋଲି ମୁଖ୍ୟ କୃଷି ଅଧିକାରୀ କହିଛନ୍ତି। ସମୁଦାୟ ଚାଷର ପ୍ରାୟ ୧ ପ୍ରତିଶତ ଅଞ୍ଚଳରେ ଧାନ ପଡ଼ିଥିବା ନେଇ ଆଶଙ୍କା ରହିଛି। ଆଜି ଦିନ ତମାମ ଛତ୍ରପୁର, ପୁରୁଷୋତ୍ତମପୁର, ଗଂଜାମ ଅଞ୍ଚଳରେ ସର୍ବାଧିକ ବର୍ଷା ହୋଇଛି। ଏହି ଅଞ୍ଚଳକୁ ଜିଲ୍ଲା କୃଷି ଅଧିକାରୀ ଅନୁଧ୍ୟାନ କରିଛନ୍ତି। ଏଠାରେ ୪ ହଜାର ହେକ୍ଟର କପା ଚାଷ କରାଯାଇଥିଲା। ଏହା ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଥିଲା। ସଅଳ କିସମ ଧାନ ଅମଳ ପରେ କିଛି ଚାଷୀ ଏକ ସପ୍ତାହ ହେଲା ଲଙ୍କା ଚାଷ କରୁଥିଲେ। ତାହା ନଷ୍ଟ ହୋଇଯାଇଛି। ସୋମବାରର ଆଖିଦେଖା ଆକଳନର ସ୍ପଷ୍ଟ ରିପୋର୍ଟ ଆସିବ।

ପୁରୀ ଜିଲ୍ଲାରେ ଚଳିତ ବର୍ଷ ୧ ଲକ୍ଷ ୩୦ ହଜାର ହେକ୍ଟର ଧାନ ଚାଷ ହୋଇଛି। ଅନୁମାନ ଅନୁସାରେ ସର୍ବାଧିକ ୧୫ ହଜାର ହେକ୍ଟର ଜମି ଫସଲ ବୁଡ଼ି ରହିଛି। ଏଥିମଧ୍ୟରୁ ଅଧିକାଂଶ ପାଚିବା ସ୍ଥିତି ଆଡ଼କୁ ଯାଉଛି। ୩୦ ଦିନ ମଧ୍ୟରେ ପାଚିବ। ପୁରୀ ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀଙ୍କ ଅନୁସାରେ, ଆଜିର ବର୍ଷା ଚାଷ ପାଇଁ ସହାୟତା କରିବ। କିନ୍ତୁ ୫ ଦିନ ପର୍ଯ୍ୟନ୍ତ ପାଣି ଜମିଗଲେ, କ୍ଷତି କରିବ। ଏହି ସମୟ ମଧ୍ୟରେ ପାଣି କଟିଗଲେ, ଭଲ ଅମଳ ହେବ। ନୟାଗଡ଼ ଜିଲ୍ଲାରେ ଚଳିତ ବର୍ଷ ୯୯ ହଜାର ୩୦୬ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଏଥିମଧ୍ୟରୁ କିଛି ଜମିର ଫସଲ କଟା ଆରମ୍ଭ ହେଲାଣି ତ ଆଉ କିଛି ସ୍ଥାନରେ କଟାଯିବ ଏବଂ ଆଉ କିଛି ସ୍ଥାନରେ ଧାନ କ୍ଷୀର ଖାଇବା ଭଳି ଅବସ୍ଥା ହୋଇଛି। ବର୍ଷାରେ ଫସଲ ପ୍ରଭାବ ସମ୍ପର୍କରେ ଆକଳନ ପରେ ହିଁ ଜଣାପଡ଼ିବ। ରାୟଗଡ଼ା ଜିଲ୍ଲାରେ ଚଳିତ ବର୍ଷ ୪୬ ହଜାର ୬୩୦ ହେକ୍ଟର ଧାନ, ୪୫ ହଜାର ୮୪ ହଜାର ହେକ୍ଟର କପା ଚାଷ ହୋଇଛି। ରାୟଗଡ଼ା କୃଷି ଅଧିକାରୀଙ୍କ ଅନୁସାରେ, ଏଠାରେ ଧାନ ପାଚି ନାହିଁ। ତେଣୁ ବର୍ତ୍ତମାନ ସୁଦ୍ଧା ବିପଦ ସୃଷ୍ଟି ହୋଇ ନାହିଁ। କିନ୍ତୁ ୭୨ ଘଣ୍ଟା ବର୍ଷା ହେଲେ କ୍ଷତି ହେବ। କପା ଚାଷ ଫୁଟିବା ଆରମ୍ଭ ହେଉଛି, ସେଠି ବର୍ଷା ଯୋଗୁଁ କପା ଓଦା ହୋଇଛି। ଖରା ହେଲେ ସ୍ଥିତି ସ୍ୱଭାବିକ ହେବ। କିନ୍ତୁ ନହେଲେ କଳା ହୋଇ ଖରାପ ହୋଇଯିବ। ସୋମବାର ପରେ ସ୍ଥିତି ସ୍ପଷ୍ଟ ହେବ। ଆଉ କିଛି ଦିନ ବର୍ଷାର ପୂର୍ବାନୁମାନ ରହିଥିବାରୁ ବିପଦ ବର୍ତ୍ତମାନବି ଟଳି ନାହିଁ।

# ବିଜେପି ଇସାରାରେ କାମ କରୁଛନ୍ତି କଂଗ୍ରେସ ନେତା ଭକ୍ତ ଦାସ: ବିଜେଡି

## ମହାଲିଙ୍ଗ କଲେଜ ଚଳାଉଥିବା ଟ୍ରଷ୍ଟର ମୁଖ୍ୟ ଭକ୍ତଙ୍କ ପୁଅ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ଓଡିଶା କଂଗ୍ରେସ ହେଉଛି ଓଡିଶା ବିଜେପିର ବି-ଟିମ୍ ଏବଂ କଂଗ୍ରେସ ନେତା ଭକ୍ତ ଚରଣ ଦାସଙ୍କ ସାମ୍ବାଦିକ ସମ୍ମିଳନୀ ଓଡିଶା କଂଗ୍ରେସ ଦ୍ୱାରା ବି-ଟିମ୍ ଉଦ୍ୟମର ଏକ ନିୟମିତ କାର୍ଯ୍ୟକ୍ରମ। କଂଗ୍ରେସ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର କହିଛନ୍ତି ଭକ୍ତ ଚରଣ ଦାସଙ୍କ ପୁଅ କ୍ରାନ୍ତି ଟ୍ରଷ୍ଟର ପ୍ରତିଷ୍ଠାତା ଟ୍ରଷ୍ଟି ଏବଂ ସଭାପତି ଏବଂ ଅଧ୍ୟକ୍ଷ ଥିବା ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହ ମିଶି ଏହାକୁ ଚଳାଉଥିଲେ। ତାଙ୍କ ପୁଅ ମହାଲିଙ୍ଗ କଲେଜ ଚଳାଉଥିବା ଟ୍ରଷ୍ଟର ପ୍ରତିଷ୍ଠାତା ଟ୍ରଷ୍ଟି ଥିଲେ କି ନାହିଁ ଏବଂ ଯେତେବେଳେ ଭକ୍ତ ଦାସଙ୍କ ପୁଅ ଏହି ଟ୍ରଷ୍ଟର ସଭାପତି ଥିଲେ ସେତେବେଳେ ଅଧ୍ୟକ୍ଷ ଭାବରେ ଗୋବିନ୍ଦ ସାହୁ ଥିଲେ କି ନାହିଁ। ଅଭିଯୁକ୍ତ ଏବଂ ପୀଡିତାଙ୍କ ସହିତ ଶ୍ରୀ ଦାସଙ୍କର ଯେଉଁ ଫଟୋଗ୍ରାଫ ରହିଛି ତାହା ୨୦୨୦ରେ ଏକ ଉଦଘାଟନ କାର୍ଯ୍ୟକ୍ରମ ସମୟର କି ? ଯଦି କାଗଜପତ୍ର ପ୍ରମାଣ, ଫଟୋ ଏବଂ ଭିଡିଓ ଏକ ଅପରାଧ ସହିତ ଜଡିତ ହେବାର ପ୍ରମାଣ, ତେବେ ଆମେ ଆପଣଙ୍କ ଆଗରେ କାଗଜପତ୍ରର ପ୍ରମାଣ ରଖିଛୁ ଯେଉଁଥିରେ ଭକ୍ତ ଚରଣ ଦାସ ମହାଲିଙ୍ଗ କଲେଜ ଏବଂ ଅଭିଯୁକ୍ତଙ୍କ ନିକଟତର ରହିଛନ୍ତି। ଭକ୍ତ ଦାସ ସ୍ୱୀକାର କରିଛନ୍ତି ଯେ ସେ ତାଙ୍କ ସାଂସଦ ହାତପାଣ୍ଠିରୁ ମହାଲିଙ୍ଗ କଲେଜକୁ ବାରମ୍ବାର ଅର୍ଥ ପ୍ରଦାନ କରିଛନ୍ତି, କଲେଜରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଶ୍ରୀ ଦାସଙ୍କ ଯୁକ୍ତି ଆଧାରରେ ତାଙ୍କୁ ମଧ ଗିରଫ କରାଯିବା ଉଚିତ୍। ଏସବୁ ବ୍ୟତୀତ ତେଲେଙ୍ଗାନାର ରଙ୍ଗାରେଡି ଜିଲ୍ଲା କଂଗ୍ରେସ କମିଟି (ଡିସିସି) ସଭାପତି କିଆମା ମାଲେଶ ଅଡିଓ ଟେପ୍ ଜାରି କରି କହିଥିଲେ ଯେ ଭକ୍ତ ଦାସ ୨୦୧୮ରେ ଇବ୍ରାହିମପାଟନମ୍ ବିଧାନସଭା ଆସନ ଟିକେଟ୍ ପାଇଁ ତାଙ୍କ ଠାରୁ ୩ କୋଟି ଟଙ୍କା ଦାବି କରିଥିଲେ। ଏହା ଦର୍ଶାଏ ଯେ ତାଙ୍କ ଦଳର ନେତାମାନେ ଭାବନ୍ତି ଯେ ଭକ୍ତ ଦାସ ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଯିଏ ଦଳୀୟ ଟିକେଟ ବିକ୍ରି କରନ୍ତି। ତେଲେଙ୍ଗାନାରେ କଂଗ୍ରେସର ଆଶାକୁ ସଫଳତାର ସହିତ ଧ୍ୱଂସ କରିବା ପରେ କଂଗ୍ରେସ ଦଳ ତାଙ୍କୁ ତେଲେଙ୍ଗାନାରୁ ବାହାର କରିଦେଇଥିଲା। ଅକ୍ଟୋବର, ୨୦୨୧ରେ ବିହାର କଂଗ୍ରେସ ଦଳର ଶତାଧିକ ସଦସ୍ୟ ଏବଂ ସମର୍ଥକ ପାଟ୍‌ନାରେ ଶ୍ରୀ ଦାସଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଗତ ମାସରେ ବିହାର ଉପନିର୍ବାଚନରେ ସେ ଟିକେଟ୍ ବିକ୍ରି କରୁଥିବା ଏବଂ ଟଙ୍କା ସଂଗ୍ରହ କରୁଥିବାରୁ ତାଙ୍କୁ ପଦରୁ ହଟାଇବାକୁ ଦାବି କରିଥିଲେ। ଭକ୍ତ ଦାସ ବିହାରରେ ବିଜେପିର ଏଜେଂଟ ଭାବେ କାର୍ଯ୍ୟ କରି ଆରଜେଡି-କଂଗ୍ରେସ ମହାମେଂଟକୁ ଭାଙ୍ଗିବା କାର୍ଯ୍ୟ କରିଥିଲେ। ଓଡିଶା ବିଜେପି ବର୍ତ୍ତମାନ ତାଙ୍କୁ କାଳାହାଣ୍ଡିରେ ଏହାର ରାଜନୈତିକ ଏଜେଂଟ ଭାବରେ ବ୍ୟବହାର କରୁଛି।

ଯଦି ତାଙ୍କ ନିକଟରେ କିଛି ପ୍ରମାଣ ଅଛି, ତେବେ ସେ ମହାଲିଙ୍ଗ କଲେଜର ମାଲିକ ହୋଇଥିବାରୁ ଓଡ଼ିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଖଲ କରନ୍ତୁ ଏବଂ କୋର୍ଟଙ୍କୁ ଏହା ଉପରେ ନିଷ୍ପତି ନେବାକୁ ଦିଅନ୍ତୁ। ତାଙ୍କର ଭିତିହୀନ ଓ ବିଭ୍ରାନ୍ତକାରୀ ପ୍ରକୃତି ଯୋଗୁଁ ୨୦୧୯ ସଂସଦ ନିର୍ବାଚନରେ କଳାହାଣ୍ଡି ଲୋକେ ଶ୍ରୀ ଦାସଙ୍କୁ ତୃତୀୟ ସ୍ଥାନକୁ ଠେଲି ଦେଇଥିଲେ। ଆଜି ପୁଣିଥରେ କଳାହାଣ୍ଡି ଓ ଓଡିଶାବାସୀଙ୍କ ସମ୍ମୁଖରେ ତାଙ୍କର ମୁଖା ଖୋଲିଯାଇଛି ବୋଲି ବିଜେଡି ମୁଖପାତ୍ର ଡକ୍ଟର ପାତ୍ର କହିଛନ୍ତି।

# ନିର୍ଦ୍ଧାରିତ ସମୟ ମଧ୍ୟରେ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସାର

ଭୁବନେଶ୍ୱର ,୧୪/୧୧ (ନି.ପ୍ର): ଓଡ଼ିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ତାଙ୍କର ଦୁଇ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତ ପରିପ୍ରେକ୍ଷୀରେ ଗୁରୁବାର ଭବାନୀପାଟଣା ଓଏଲ୍‌ଆଇସି ଡିଭିଜନରେ କାର୍ଯ୍ୟକାରୀ ହେଉଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଓ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଭବାନୀପାଟଣା ସଦର ମହକୁମାଠାରେ ଏ ସମ୍ପର୍କିତ ଏକ ବୈଠକରେ ଯୋଗଦେଇ ଅଧ୍ୟକ୍ଷ ଶ୍ରୀ ପତ୍ରୀ କହିଲେ ଯେ, ମୁଖ୍ୟମନ୍ତ୍ରୀ କୃଷିର ଉନ୍ନତି ଓ କୃଷକମାନଙ୍କ କଲ୍ୟାଣ ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ସମ୍ପ୍ରତି ରବି ଚାଷ କାର୍ଯ୍ୟ ସମୟରେ କୃଷି କ୍ଷେତ୍ରକୁ ଆବଶ୍ୟକ ପରିମାଣର ଜଳ ଯୋଗାଣକୁ ନିଶ୍ଚିତ କରିବାର ଆବଶ୍ୟକତା ଥିବାରୁ କୃଷକମାନଙ୍କୁ ସେମାନଙ୍କର ରହିଥିବା ସମସ୍ୟାର ସମାଧାନ କରିବାରେ ସହଯୋଗ କରିବାକୁ ଶ୍ରୀ ପତ୍ରୀ ଗୁରୁତ୍ୱାରୋପ କରିଥିଲେ। ୫ଟି ଆଧାରରେ ସ୍ୱଚ୍ଛତା ଓ ସାଧୁତା ଅବଲମ୍ବନ ପୂର୍ବକ କାର୍ଯ୍ୟ କରି ନିର୍ମାଣାଧୀନ ସମସ୍ତ ଉଠାଜଳସେଚନ ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶୀଘ୍ର ସମ୍ପୂର୍ଣ୍ଣ କରିବା, ମରାମତି ଆବଶ୍ୟକ କରୁଥିବା ପ୍ରକଳ୍ପର ସମୀକ୍ଷା କରି ସେସବୁକୁ ପୁନଃ ସଚଳ କରିବା ପାଇଁ ଆବଶ୍ୟକତା ଅନୁସାରେ ତ୍ୱରିତ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ନର୍ଲା ବିଧାୟକଙ୍କ ପ୍ରତିନିଧି ସୁଧୀର ମହାନ୍ତି, ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ଋତୁରାଜ ମାଝି, ଭବାନୀପାଟଣା ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ସାହୁ, ଭବାନୀପାଟଣା ସଦର ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ଼, ଅଧୀକ୍ଷଣ ଯନ୍ତ୍ରୀ ଦିଲ୍ଲୀପ କୁମାର ଦାଶ, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ, ସହକାରୀ ଯନ୍ତ୍ରୀ ଦିଗମ୍ବର ପାତ୍ର, ସେଲାଇ ନାଏକ ଓ ଚୈତନ୍ୟ ବାସ୍କେଙ୍କ ସମେତ ଉଠାଜଳସେଚନ ଡିଭିଜନ ଏବଂ ସଂପୃକ୍ତ ସବ୍ ?ଡିଭିଜନ ଅନ୍ତର୍ଗତ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବୈଠକରେ ଲାଞ୍ଜିଗଡ଼ ବିଧାୟକ ଶ୍ରୀ ଦିଶାରୀ ଓ ଅନ୍ୟ ବିଧାୟକଙ୍କ ପ୍ରତିନିଧିମାନେ ନିଜ ନିର୍ବାଚନମଣ୍ଡଳୀରେ ଉଠା ଜଳସେଚନ ପ୍ରକଳ୍ପର ସ୍ଥିତି ଓ ସମସ୍ୟାର ସମାଧାନ ସଂପର୍କରେ ଓଏଲ୍‌ଆଇସି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମୀକ୍ଷା ବୈଠକ ପରେ ଅଧ୍ୟକ୍ଷ ଶ୍ରୀ ପତ୍ରୀ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଭେଜିପଦର-୧ ଠାରେ ନଦୀ ପ୍ରକଳ୍ପ ଉଠାଜଳସେଚନ ପ୍ରକଳ୍ପ ଏବଂ ଶରଧାପୁର ଗଭୀର ସେଚ କୂପ କ୍ଲଷ୍ଟର ପରିଦର୍ଶନ କରିଥିଲେ।

## ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡା

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏହା ପରେ ବିର୍ସାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଦମନଲୀଳାର ମୁଖ୍ୟକେନ୍ଦ୍ର ଖୁଣ୍ଟିଥାନାକୁ ନିଆଁ ଲଗାଇ ଦେଲେ, କନେଷ୍ଟବଳ ରଘୁରାମକୁ ହତ୍ୟାକଲେ ଓ ଅନ୍ୟ ପୁଲିସ୍‌ମାନଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଲେ। ଏହାର ପ୍ରତ୍ୟୁତ୍ତରରେ ୩୦୦ ଫୁଟ ଉଚ୍ଚା ଡୋମ୍ବରି ପାହାଡ଼, ଯେଉଁଠି ବିର୍ସା ଓ ତାଙ୍କ ସହକର୍ମୀ ନରସିଂହ ଅନ୍ୟ ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଉଥିଲେ, ତାକୁ ଘେରିଗଲେ ଓ ଆତ୍ମସମର୍ପଣ କରିବାପାଇଁ ଘୋଷଣା କଲେ। ବିଦ୍ରୋହୀମାନେ ଏଥିରେ ରାଜି ନ ହୋଇ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ। ଫଳତଃ ଇଂରେଜମାନଙ୍କ ତରଫରୁ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇ ଯାଇଥିଲେ। ବିର୍ସା ଅଳ୍ପକେ ବର୍ଞ୍ଚିଯାଇ ଆତ୍ମ ଗୋପନପାଇଁ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ। ସରକାର ବିର୍ସାଙ୍କ ସନ୍ଧାନ ନ ପାଇବାରୁ ମୁଣ୍ଡାମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କଲେ ଓ ସେମାନଙ୍କ ଘରେ ନିଆଁ ଲଗାଇଦେଲେ। ଏଥିରୁ ସେମାନଙ୍କୁ ରକ୍ଷା କରିବାପାଇଁ ତାଙ୍କ ସହକର୍ମୀ ଡେନକା ମୁଣ୍ଡା ଓ ମାଝିଆ ମୁଣ୍ଡା ସରକାରଙ୍କ ପାଖରେ ଆତ୍ମସମର୍ପଣ କଲେ, ଯେଉଁମାନଙ୍କୁ ପରବର୍ତ୍ତୀ ସମୟରେ ଦେଶରୁ ନିର୍ବାସିତ କରି ଦିଆଯାଇଥିଲା।

ତଥାପି ଦେଶପ୍ରେମୀ ବିର୍ସାଙ୍କ ମନରେ ସ୍ୱାଧୀନତାର ଆଶା ମଉଳି ନ ଥିଲା। ସଂଗ୍ରାମକୁ ନୂଆରୂପ ଦେବାପାଇଁ ସେ ଓଡ଼ିଶା ଛାଡ଼ି ସିଂହଭୂମି ଜିଲ୍ଲାକୁ ଚାଲି ଯାଇଥିଲେ। ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିଡା ମାରିଆ ୫୦୦ ଟଙ୍କା ଲୋଭରେ ବିର୍ସା ସେନ୍ତେରା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଲୁଚିରହିଥିବାର ଖବର ଇଂରେଜ ସରକାରକୁ ଜଣାଇ ଦେଲେ। ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ତାଙ୍କୁ ଗିରଫକରି ରାଞ୍ଚି ଜେଲ୍‌କୁ ନିଆଗଲା। ଏହାଦେଖି ଶହ ଶହ ଅନୁଗାମୀ ତାଙ୍କ ସହ ଜେଲ୍ ଯିବାକୁ ବାହାରି ପଡ଼ିଲେ। ତେଣୁ ସୁରକ୍ଷା କାରଣରୁ ତାଙ୍କୁ ହଜାରିବାଗ ଜେଲ୍‌କୁ ସ୍ଥାନାନ୍ତରିତ କରାଗଲା। କିନ୍ତୁ ତାଙ୍କର ସ୍ୱାସ୍ଥ୍ୟ ଠିକ୍ ରହୁ ନ ଥିବା କାରଣରୁ ତାଙ୍କୁ ପୁଣି ରାଞ୍ଚି ଜେଲ୍‌କୁ ଅଣାଗଲା। ତାଙ୍କ ପାଦରେ କଡ଼ା ପିନ୍ଧାଇ ଦିଆଯାଇଥିଲା, ଅନେକ ପ୍ରକାରର ନିର୍ଯ୍ୟାତନା ଦିଆଯାଉଥିଲା ଓ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆ ଯାଇଥିଲା। ଏସବୁର ମୂକସାକ୍ଷୀ ଥିଲେ ଜେଲ୍‌ର ଡାକ୍ତର ଅମୂଲ୍ୟ ଓ ମେହେନ୍ତର ଶିବନା। ତାଙ୍କ ଅପରାଧର ବିଚାରପାଇଁ ତାଙ୍କୁ ବିଚାରାଳୟକୁ ନିଆଯାଇଥିଲା। ଇଂରେଜମାନଙ୍କ ଭୟରେ ସେଠାରେ କେହି ତାଙ୍କ ସପକ୍ଷରେ ସାକ୍ଷ୍ୟ ଦେଇ ନ ଥିଲେ। ବିଚାରାଳୟ କୋଠରୀରେ ବିର୍ସା ପ୍ରଳାପ କରୁଥିବାର ଦେଖି ବିଚାରପତି ବିଚାରକୁ ସ୍ଥଗିତ ରଖି ତାଙ୍କୁ ପୁନଃ ଜେଲକୁ ପଠାଇଦେଲେ। ମାତ୍ର ପଚିଶ ବର୍ଷ ବୟସ୍କ ବିଦ୍ରୋହୀ ବିର୍ସା ରାଞ୍ଚି ଜେଲ୍‌ରେ କଳବଳ ହୋଇ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗକଲେ।ବିର୍ସା ମୁଣ୍ଡା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଗଣ୍ୟ ସଂଗ୍ରାମୀ ଯାହାଙ୍କର ସାହସ ଓ ବଳିଦାନ ହଜାର ହଜାର ଭାରତୀୟଙ୍କୁ ଅନୁପ୍ରାଣିତ କରିଥିଲା। ଜନଜାତି ଜନନାୟକ ତଥା ମହାନ୍ ସ୍ୱତନ୍ତ୍ରତା ସେନାନୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ୧୫ ନଭେମ୍ବରରୁ ୨୨ ନଭେମ୍ବର ପର୍ଯ୍ୟନ୍ତ 'ଜନଜାତୀୟ ଗୌରବ ଦିବସ' ଭାବରେ ପାଳନ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି।ଭାରତ ସରକାରଙ୍କ ଏହି ଯୁଗାନ୍ତକରୀ ନିଷ୍ପତି ଓଡ଼ିଶା ସମେତ ଦେଶର ଜନଜାତି ସଂପ୍ରଦାୟଙ୍କ ପୂର୍ବ ବୀରଗାଥା ଏବଂ ଗୌରବମୟ ଇତିହାସକୁ ଉଜ୍ଜିବୀତ କରିବା ସଙ୍ଗେସଙ୍ଗେ ସେମାନଙ୍କ ସଂସ୍କୃତି, ପରମ୍ପରା ସାରା ଭାରତବର୍ଷରେ ଆଦୃତ ହେବ ବୋଲି ମୋର ଆଶା। ସେହି ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।

+ ବି.ଏସସି, ବି.ଇଡ଼ି (ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା, ପିନ୍-୭୫୨୦୩୫
(ମୋ) ୬୩୭୦୨୦୮୪୨୮

## ବାଲିଆପାଳ ମିଡିଆ ଫୋରମର ନୂତନ କମିଟି ଗଠିତ

ବାଲିଆପାଳ,୧୪/୧୧ (ନି.ପ୍ର): ବାଲିଆପାଳ ମିଡିଆ ଫୋରମର ନୂତନ କମିଟି ଶନିବାର ଗଠିତ ହୋଇଯାଇଛି । କମିଟି ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିବ । ନବଗଠିତ ଏହି କମିଟିରେ ପ୍ରତାପ କୁମାର ପାତ୍ର ସଭାପତି, ତାରାକାନ୍ତ ଜେନା ଉପସଭାପତି, ଅଜିତ କୁମାର ଦାସ ସଂପାଦକ, ହାଡିବନ୍ଧୁ ରାଉତ ଓ ଗୋପବନ୍ଧୁ ସାହୁ ଯୁଗ୍ମ ସଂପାଦକ, ସାଗର ପଟ୍ଟନାୟକ କୋଷାଧକ୍ଷ ରହିଛନ୍ତି । ଏଥିପାଇଁ ଏକ ଉପଦେଷ୍ଟା କମିଟି ମଧ ଗଠନ କରାଯାଇଛି । ବ୍ୟୋମକେଶ ସାହୁ, ଝାଡେଶ୍ୱର ପ୍ରଧାନ, ସନ୍ୟାସୀ ବେହେରା, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ଓ ସୁକାନ୍ତ ଗିରି ପ୍ରମୁଖ ରହିଛନ୍ତି । ସଦସ୍ୟ ଭାବେ ଉମାକାନ୍ତ ନାୟକ, ପଙ୍କଜ ସାହୁ, ଶମ୍ଭୁନାଥ ଦାସ, ସୁଶାନ୍ତ ଦାସ, ଚନ୍ଦନ କୁମାର ଜେନା, ପ୍ରକାଶ ଚନ୍ଦ୍ର ପ୍ରଧାନ, ଶାନ୍ତନୁ ମହାପାତ୍ର ପ୍ରମୁଖ ରହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୭୭ ଜଣ ମନ୍ତ୍ରୀଙ୍କୁ ୮ଟି ....

ଧର୍ମେନ୍ଦ୍ର ପ୍ରଧାନ, ସ୍ମୃତି ଇରାନୀ ଓ ଅନୁରାଗ ଠାକୁର ପ୍ରମୁଖ ରହିଛନ୍ତି। ଏହି ମନ୍ତ୍ରୀମାନେ ସେମାନଙ୍କର ଅନ୍ୟ କ୍ୟାବିନେଟ ସହକର୍ମୀଙ୍କ ସହ ମିଳିତ ଭାବେ ସବୁ ନିଷ୍ପତ୍ତି ନେବେ। ଏହାଦ୍ୱାରା ଶାସନ ବ୍ୟବସ୍ଥାରେ ଅଧିକ ସୁଧାର ଆସିବା ସହ କାର୍ଯ୍ୟ କରିବାରେ ମନ୍ତ୍ରୀମାନେ ଅଧିକ ସହଜ ଅନୁଭବ କରିବେ। ଗ୍ରୁପରେ ଥିବା ମନ୍ତ୍ରୀମାନେ ପରସ୍ପର ସହ ଅଧିକ ସମୟ ବିତାଇବେ। ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଭଲ ବୁଝାମଣା ହୋଇପାରିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ଟିଫିନ ବୈଠକର ଉଦାହରଣ ଦେଇଛନ୍ତି। ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ ମୋଦି ଏପରି ବୈଠକ କରୁଥିଲେ। ମନ୍ତ୍ରୀମାନେ ସେମାନଙ୍କ ଘରୁ ଟିଫିନ ଆଣିବା ସହ ପରସ୍ପର ସହ ମିଶି ଖାଉଥିଲେ।

### ଏଣିକି ୫ ବର୍ଷ ଯାଏ....

କାର୍ଯ୍ୟକାଳ ୨ ବର୍ଷ ରହିବ ବୋଲି କହିଥିଲେ। ଏଥିସହ ସିବିଆଇକୁ ପୂର୍ଣ୍ଣ ସ୍ୱାଧୀନତାର ସହ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ଦଶନ୍ଧି ଧରି ଏହି ନିୟମ ଲାଗୁ ହେଉଥିଲା। କିନ୍ତୁ ଏବେ କେନ୍ଦ୍ର ସରକାର ଇଡି ଓ ସିବିଆଇ ମୁଖ୍ୟଙ୍କ କାର୍ଯ୍ୟକାଳକୁ ୫ ବର୍ଷ ଯାଏ ବୃଦ୍ଧି କରିଛନ୍ତି। ଦିଲ୍ଲୀ ସ୍ପେଶାଲ ପୁଲିସ୍ ଏଷ୍ଟାବ୍ଲିଶମେଣ୍ଟ(ସଂଶୋଧନ) ଅଧାଦେଶ ୨୦୨୧ ବଳରେ କେନ୍ଦ୍ର ସରକାର ସିବିଆଇ ମୁଖ୍ୟଙ୍କ କାର୍ଯ୍ୟକାଳକୁ ୨ ବର୍ଷରୁ ୫ ବର୍ଷକୁ ବୃଦ୍ଧି କରିଛନ୍ତି। ସେହିପରି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ(ଅଧାଦେଶ) ୨୦୨୧ ବଳରେ ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷକୁ ବଢ଼ାଯାଇଛି। ଏହି ୫ ବର୍ଷର ସମୟସୀମା ଶେଷ ହେବା ପରେ ସରକାର ସେମାନଙ୍କ କାର୍ଯ୍ୟକାଳକୁ ବଢ଼ାଇ ପାରିବେ ନାହିଁ। ଆଗାମୀ ଶୀତ ଅଧିବେଶନ ବେଳେ ଏହାକୁ ସଂସଦରେ ଉପସ୍ଥାପନ କରାଯିବ।

### ନକ୍ସଲଙ୍କ ବର୍ବର କାଣ୍ଡ....

ତଥା ବିଶ୍ୱାସଘାତକଙ୍କୁ ମୃତ୍ୟୁ ଦେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଏହା ହେଉଛି ତାଙ୍କର ଚାରିଜଣ ସାଥୀ ଅମରଶ, ସୀତା, ଶିବପୁଜନ ଏବଂ ଉଦୟଙ୍କ ହତ୍ୟାର ପ୍ରତିଶୋଧ। ଆଗକୁ ମଧ ଏଭଳି କାର୍ଯ୍ୟ ଜାରି ରହିବ। ଘଟଣାସ୍ଥଳରେ ମରାଯାଇଥିବା ପୋଷ୍ଟରରେ ଜନ ମୁକ୍ତି ଛାପାକର ସେନା, ମଧ ଜୋନ୍ ଝାଡଖଣ୍ଡ, ସିପିଆଇ (ମାଓବାଦୀ) ଙ୍କ ନାଁ ଉଲ୍ଲେଖ ରହିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଗୟା ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି ।

### ଲଘୁଚାପର ରୂପ ନେଲା ଦକ୍ଷିଣ ଆଣ୍ଡାମାନ ....

ଉପକୂଳ ଅତିକ୍ରମ କରିବା ସମୟରେ ଅଧିକ ଘନୀଭୂତ ହୋଇ ଗଭୀର ଅବପାତର ରୂପ ନେଇପାରେ । ଫଳରେ ଆନ୍ଧ୍ର ଉପକୂଳ ଏବଂ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଗଞ୍ଜାମ, ଗଜପତି, ପୁରୀ, ରାୟଗଡା, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଉପକୂଳ ଜିଲ୍ଲାଗୁଡିକରେ ମଧ ବର୍ଷା ହେବ । ତେବେ ଉପକୂଳ ଅତିକ୍ରମ କରିବା ସମୟରେ ୪୦ କିଲୋମିଟରରୁ କମ୍ ବେଗରେ ପବନ ବହିବ ବୋଲି କହିଛି ପାଣିପାଗ ବିଭାଗ ।

# ଭାରତର ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ ଉପରେ ଜାତୀୟ ୱେବିନାର

ଭୁବନେଶ୍ୱର,୧୪/୧୧(ନି.ପ୍ର): ସାରା ଦେଶର ଜନଜାତି ସମୁଦାୟଙ୍କ ପାଇଁ 'ଭଗବାନ' ମାନ୍ୟତା ପାଇଥିବା ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫ ତାରିଖକୁ ଭାରତ ସରକାର 'ଜନଜାତି ଗୌରବ ଦିବସ' ଭାବେ ପାଳନ କରିବା ଲାଗି ଘୋଷଣା କରିଛନ୍ତି। ସାରା ଦେଶ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରୁଥିବା ସମୟରେ, ଦେଶର ବିଭିନ୍ନ କୋଣ ଅନୁକୋଣରେ ଅତ୍ୟାଚାରୀ ବ୍ରିଟିଶ ଶାସନ ବିରୋଧରେ ସାହସର ସହିତ ସଂଗ୍ରାମ କରି ନିଜର ପ୍ରାଣବଳୀ ଦେଇଥିବା ବହୁ ଆଦିବାସୀ ନେତା ଓ ସଂଗ୍ରାମୀମାନଙ୍କର ମଧ ସ୍ମୃତିଚାରଣ କରାଯାଉଛି। ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯିବା ଏହି ପୂଜନୀୟ ଆଦିବାସୀ ନେତାଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ଏହା ମଧ ଦେଶର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପରାକ୍ରମ, ଆତିଥେୟ ଓ ଜାତୀୟ ଗୌରବ ଭଳି ଭାରତୀୟ ମୂଲ୍ୟବୋଧର ପ୍ରୋତ୍ସାହନ ଦିଗରେ ଜନଜାତି ସମୁଦାୟଙ୍କ ଯୋଗଦାନକୁ ମାନ୍ୟତା ପ୍ରଦାନ କରିଥାଏ। ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଓ ପ୍ରାଣବଳୀ ଦେଇଥିବା ଅନାଲୋଚିତ ମହାନ ଜନଜାତି ନାୟକମାନଙ୍କ ସ୍ମୃତିଚାରଣ ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ନଭେମ୍ବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଆଇକନିକ ସପ୍ତାହ ପାଳନ କରାଯିବ। ଏହି ଅବସରରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆଜାଦୀ କା ଅମୃତ ମହୋତ୍ସବର ସ୍ମରଣୀୟ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଜନଜାତି ଲୋକ, ସଂସ୍କୃତି ଓ ଉପଲବ୍ଧିର ସମୃଦ୍ଧଶାଳୀ ଇତିହାସର ସ୍ମୃତିଚାରଣ ଓ ପାଳନ କରିବା ଲାଗି ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଏବଂ ଜାତି ଉନ୍ନୟନ ବିଭାଗ ପକ୍ଷରୁ ୧୫ରୁ ୨୨ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଯୋଜନା କରାଯାଇଛି। ଏହି ସମାରୋହର ଅଂଶବିଶେଷ ସ୍ୱରୂପ, ୱେବିନାର, ପ୍ରତିଯୋଗିତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଯାହାକି ଅଭିନବ ଜନଜାତି ସାଂସ୍କୃତିକ ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମରେ ଜନଜାତି ମାନଙ୍କର ଯୋଗଦାନକୁ ପ୍ରଦର୍ଶିତ କରିବ। ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଆଇକନିକ ସପ୍ତାହ ପାଳନର ଅଂଶବିଶେଷ ସ୍ୱରୂପ, "ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଯୋଗଦାନ" ସମ୍ପର୍କରେ ଏକ ଜାତୀୟ ୱେବିନାର (ଭର୍ଚୁଆଲ ମାଧମ) ୧୫ ନଭେମ୍ବର ୨୦୨୧ରେ ଆୟୋଜନ କରାଯିବ। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଏବଂ ଜାତି ଉନ୍ନୟନ ବିଭାଗ ଅଧୀନ ଏସସିଏସଟିଆରଟିଆଇ (ଟିଆରଆଇ, ଓଡ଼ିଶା) ଏବଂ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଏହି ୱେବିନାର ଆୟୋଜନ କରାଯାଉଛି। ୱେବିନାରର ଉଦଘାଟନୀ ଅଧିବେଶନରେ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଏବଂ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା, ଅନୁସୂଚିତ ଜନଜାତି ଏବଂ ଜାତି ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡକ୍ଟର ନଭଲଜୀତ୍ କପୁର, ଏସସିଏସଟିଆରଟିଆଇ (ଟିଆରଆଇ, ଓଡ଼ିଶା)ର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଡକ୍ଟର ଏ.ବି ଓତା ପ୍ରମୁଖ ଯୋଗ ଦେବେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବିଜୟ ଏସ ସହାୟ ଉଦଘାଟନୀ ଅଧିବେଶନରେ 'ଭଗବାନ ବିର୍ସା ମୁଣ୍ଡା ସଂସ୍କୃତିର ନିର୍ମାଣ : ଚାଷୀ ଆନ୍ଦୋଳନରୁ ସ୍ୱାଧୀନତା ସଂଗ୍ରାମ ଆଡ଼କୁ ଜଣେ ଜନଜାତି ମହାନାୟକଙ୍କ ଯାତ୍ରା' ଶୀର୍ଷକ ବିଷୟବସ୍ତୁ ଉପରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରାଧାପକ ପ୍ରଫେସର ସୁମହନ ବନ୍ଦୋପାଧାୟ, ଝାଡ଼ଖଣ୍ଡ ରାଞ୍ଚି ଠାରେ ମୁଣ୍ଡାରୀ ଲୋକଭାଷା ପାଠ୍ୟକ୍ରମର ସଂଯୋଜକ ଗୁଞ୍ଜଲ ଇକିର ମୁଣ୍ଡା, ରାଞ୍ଚିସ୍ଥିତ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ସତ୍ୟ ନାରାୟଣ ମୁଣ୍ଡାଙ୍କ ଭଳି ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଶିକ୍ଷାବିତ ବୈଷୟିକ ଅଧିବେଶନରେ ଆଲୋଚକ ଭାବେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିବେ। ଏହି ୱେବିନାରରେ ସାରା ଦେଶରୁ ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷାବିତ୍, ଗବେଷକ, କର୍ମୀ, ଜନଜାତି ବିକାଶ ସଂସ୍ଥାନ (ଟିଆରଆଇ) ଓ ଉତ୍କର୍ଷ କେନ୍ଦ୍ରର ପ୍ରତିନିଧି, ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟର ଜନଜାତି ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିବେ।

## ଶିଶୁ ଦିବସ ଉପଲକ୍ଷେ ମନସା ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ପାରାଦୀପ,୧୪/୧୧ (ନି.ପ୍ର): ନଭେମ୍ବର ୧୪ ଶିଶୁ ଦିବସ ଓ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମନସା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାରାଦୀପ ହନୁମାନ ମନ୍ଦିର ନିକଟସ୍ଥବେଳାଭୂମିରେ ରବିବାର ଦିନ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଟ୍ରଷ୍ଟର ସଭ୍ୟ ଓ ଛୋଟ ଛୋଟ ପିଲାମାନେ କୁମ୍ଭିର ପାର୍କ ନିକଟରେ ଥିବା ନେହେରୁଙ୍କ ପ୍ରତିମୂର୍ତ୍ତୀରେ ମାଳାର୍ପଣ କରି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। "ଆମର ଉନ୍ନତ ଭବିଷ୍ୟତ ପାଇଁ ବୃକ୍ଷରୋପଣ" ଏକାନ୍ତ ଜରୁରୀ ବୋଲି ସମାଜକୁ ଶିଶୁମାନଙ୍କ ଦ୍ୱାରା ଏହି ବାର୍ତ୍ତା ଦେବା ପାଇଁ ଏହି କାର୍ଯ୍ୟକ୍ରମ ଥିଲା ବୋଲି ଟ୍ରଷ୍ଟର ଅଧକ୍ଷ ଶ୍ରୀ ମିଶ୍ର କହିଛନ୍ତି । ତେବେ ଟ୍ରଷ୍ଟର ଏପରି ନିରବଚ୍ଛିନ୍ନ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ମହିଳା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



ଜଳେଶ୍ୱର, ୧୪/୧୧(ନିପ୍ର): ସମାଜରେ ମହିଳା ମାନଙ୍କର ସର୍ବାଙ୍ଗୀନ ଉନ୍ନତି ଫଳରେ ସାମାଜିକ ବିକାଶ ସମ୍ଭବ। ୨୦ବର୍ଷ ତଳେ ମହିଳା ମାନଙ୍କ ସାମାଜିକ ସ୍ଥାନ ଓ ଏବେ ମୁଖ୍ୟ ମନ୍ତ୍ରୀଙ୍କ ପ୍ରଚେଷ୍ଟା ଫଳରେ ମହିଳାମାନଙ୍କ ସଶକ୍ତିକରଣ ଦ୍ୱାରା ସାମାଜିକ ବିକାଶ ପ୍ରଣିଧାନ ଯୋଗ୍ୟ ବୋଲି ଆଜି ଜଳେଶ୍ୱର ମୁରଲି କଲ୍ୟାଣ ମଣ୍ଡପ ପରିସରରେ ମହିଳା ବିଜୁ ଜନତା ଦଳର ପରିବର୍ଦ୍ଧିତ କାଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇଛି । ପୂର୍ବସୂଚନା ଅନୁଯାୟୀ ଆୟୋଜିତ ସଭାରେ ବ୍ଲକ ସଭାନେତ୍ରୀ ସଂଜିତା ସେନାପତି ପୌରହିତ୍ୟ କରି ମହିଳା ମାନଙ୍କ ବିକାଶର ଆବଶ୍ୟକତା ସଂପର୍କରେ କହିଥିଲେ । ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସୁବାଶିନୀ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଓଡିଶାର ବିକାଶ ଘଟିଥିବା ବେଳେ ମହିଳାମାନଙ୍କ ସଶକ୍ତିକରଣହିଁ ବିକାଶର ଚାବିକାଠି ବୋଲି କହିଛନ୍ତି । ଚଳିତମାସ ବାଲେଶ୍ୱର ଜିଲାରେ ବିଜୁ ସ୍ୱସ୍ଥ୍ୟ କାର୍ଡ ବଣ୍ଟନ ହେବାକୁ ଯାଉଥିବା ବେଳେ ପ୍ରତି ପଂଚାୟତର ୧୦ଜଣ ଛାମୁଆ ମହିଳା ବିଭିନ୍ନ ସ୍ଥାନରେ ଏହି କାର୍ଡ ବଣ୍ଟନ କରିବେ । ପୁରୁଷଙ୍କୁ ୫ଲକ୍ଷ ଟଙ୍କାର ଚିକିତ୍ସା ସୁବିଧାର ବ୍ୟବସ୍ଥା ଥିବା ବେଳେ ମହିଳା ମାନଙ୍କୁ ୧୦ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ସମଗ୍ର ଦେଶର ୨ଶହଟି ଚିକିତ୍ସା କେନ୍ଦ୍ରରେ କରାଯିବ ବୋଲି କହିଛନ୍ତି । ଏଥିରେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ଭାରତୀୟ ସଂସ୍କୃତିରେ ମହିଳାଙ୍କର ସ୍ୱତନ୍ତ୍ର ଭୂମିକା ଥିବାରୁ ଏବେ ସାମାଜିକ ସ୍ତରରେ ମହିଳାଙ୍କ ବିକାଶ ସହିତ ନିର୍ବାଚନରେ ୫୦ଭାଗ ସଂଗ୍ରକ୍ଷଣବ୍ୟବସ୍ଥା କରି ମହିଳାଙ୍କୁ ନ୍ୟାୟ ଦେବାରେ ସେ ଶ୍ରେଷ୍ଠ ଭୂମିକା ତୁଲାଇଛନ୍ତି ବୋଲି କହିଥିଲେ ।

## ଜଳେଶ୍ୱର ଆର୍ଟ ଫାଉଣ୍ଡେସନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନ

ଜଳେଶ୍ୱର, ୧୪/୧୧(ନିପ୍ର): କରୋନା କଟକଣାରେ ବନ୍ଦ ହୋଇଥିବା ଚିତ୍ରକଳା ପ୍ରଦର୍ଶନ ଆଜି ପୁଣି ପୂର୍ତ୍ତବିଭାଗ ପରିସରରେ ପ୍ରଦର୍ଶନ ଆରମ୍ଭ ହୋଇଛି । ରୋଟାରିଆନ୍ ସୁବ୍ରତ କୁମାର ରଣାଙ୍କ ସଭାପତିତ୍ୱରେ ଇଂ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚିତ୍ରକଳା ଏ ଦେଶର ସଂସ୍କୃତି, ପରମ୍ପରାକୁ ଉଦ୍‌ଜିବୀତ କରି ରଖିଛି ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ରୋଟାରୀ କ୍ଲବ ସଭାପତି ରାଜେଶ ଖଟୁଆ ଯୋଗ ଦେଇ ଚିତ୍ରକରମାନେ ମଧ୍ୟ ଦେଶର ସାମ୍ପ୍ରତିକ ଅବସ୍ଥାକୁ ଗଣତାନ୍ତ୍ରୀକ ମାଧ୍ୟମରେ ପରିବର୍ତ୍ତନ କରିବାର ପ୍ରଚେଷ୍ଟା କରିଥାନ୍ତି ବୋଲି କହିଥିଲେ । ଚିତ୍ରକର ମୁକ୍ତିପଦ ନନ୍ଦି ଏହାର ସୂଚନା, ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ସମୌରତିକ୍ ପାତ୍ର ମଂଚ ଆହ୍ୱାନ କରିଥିବା ବେଳେ ଅରଉଣ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଝାଡଖଣ୍ଡର ତପନ ରାୟ, ପଶ୍ଚିମବଂଗର ରାନୁ ନିସ୍କଲ, ବାଲେଶ୍ୱରର ନିତ୍ୟାନନ୍ଦ ସାହୁ, ପ୍ରମୁଖ ବିଭିନ୍ନ ଚିତ୍ର ଅଂକନ କରି ପ୍ରଦର୍ଶନୀରେ ଭାଗ ନେଇଥିଲେ ।

## ଅଶ୍ଲୀଳ ଇଙ୍ଗିତ ମରାକୁ କେନ୍ଦ୍ରକରି ମାରପିଟ : ୨ ଗୁରୁତର



ବାଲିଆପାଳ,୧୪/୧୧ (ନି.ପ୍ର): ବାଲିଆପାଳ ଥାନା ଛଡା ଗ୍ରାମରେ ଅଶ୍ଲୀଳ ଇଙ୍ଗିତ ମରାକୁ କେନ୍ଦ୍ର କରି ରବିବାର ଗଣ୍ଡଗୋଳ ମାରପିଟ ହୋଇଯାଇଛି । ଏଥିରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଏନେଇ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଏହି ଗ୍ରାମର ବାସନ୍ତୀ ଦଳାଇ ତାର ପରିବାର ସହ ଦୀର୍ଘ ଦିନରୁ ଏକ ସରକାରୀ ଜାଗାରେ ବସବାସ କରିଆସୁଥିଲେ । ତାଙ୍କ ଘରକୁ ଲାଗି ପଂଚାୟତର ଏକ ପୋଖରୀ ରହିଛି । ଏହି ପୋଖରୀକୁ ରଞ୍ଜନ ଭୂୟାଁ ଲିଜ ନେଇ ମାଛ ଚାଷ କରନ୍ତି । ପୋଖରୀ ଆଡିରେ ଏକ ଚାଳିଆ ଘର କରି ରଞ୍ଜନ ରହନ୍ତି । ସେହି ପୋଖରୀ ପାଣିକୁ ବାସନ୍ତୀ ଓ ତାଙ୍କର ପରିବାର ଲୋକ ବ୍ୟବହାର କରନ୍ତି । ବାସନ୍ତୀଙ୍କ ଦୁଇ ବୋହୂ ପୋଖରୀକୁ ଗାଧୋଇବାକୁ ଗଲେ ରଞ୍ଜନ ସେମାନଙ୍କୁ ଅଶିଳ ଇଙ୍ଗତ ମାରେ ପୂର୍ବରୁ କେତେ ଥର ଗଣ୍ଡଗୋଳ ହୋଇଛି । ଆଜି ବାସନ୍ତୀର ଦୁଇ ବୋହୂ ପୋଖରୀକୁ ଗାଧେଇବାକୁ ଯାଇଥିବା ବେଳେ ରଞ୍ଜନ ସେମାନଙ୍କୁ ଅଶୀଳ ଇଙ୍ଗିତ ମାରିଥିଲା । ସେମାନେ ପ୍ରତିବାଦ କରିବାରୁ ରଞ୍ଜନ ସେମାନଙ୍କୁ ଘଟଣାସ୍ଥଳରେ ପିଟାମାରା କରିଥିଲା । ବାସନ୍ତୀଙ୍କ ସ୍ୱାମୀ ଭାସ୍କର ,ପୁଅ ଶମ୍ଭୁନାଥ ଓ ବୋହୂ ମାନଙ୍କୁ ନିସ୍ଠୁକ ପିଟିଥିଲେ । ରଞ୍ଜନର ମାଡରେ ବାପ ପୁଅ ଗୁରୁତର ହୋଇଛନ୍ତି । ତେବେ ଗ୍ରାମବାସୀ ଘଟଣାସ୍ଥଳରେ ପହଂଚିଯିବାରୁ ରଞ୍ଜନ ଚମ୍ପଟ ମାରିଥିଲେ । ଗୁରୁତର ଆହତ ଭାସ୍କର ଓ ଶମ୍ଭୁନାଥ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଏନେଇ ଆଜି ବାଲିଆପାଳ ଥାନାରେ ବାସନ୍ତୀ ଅଭିଯୋଗ କରିଛନ୍ତି । ତେବେ ପୁଲିସ ତଦନ୍ତ ପରେ ପଦକ୍ଷେପ ନେବ ବୋଲି କହିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୭୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଢେଙ୍କାନାଳ ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି ।

## ତାଲୁକ ଆଇନସେବା ତରଫରୁ ଶିଶୁ ଦିବସ ପାଳିତ

ଉଦଳା, ୧୪/୧୧ (ନି.ପ୍ର): ତାଲୁକ ଆଇନ ସେବା ସମିତି ଉଦଳା ତରଫରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସବ୍ ଜଜ୍ ଅଞ୍ଜଳି ପାଢ଼ୀଙ୍କ ଅଧକ୍ଷତାରେ ଶିଶୁ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ତାଲୁକ ଆଇନସେବା ସମିତି ସଦସ୍ୟ ଡ଼. ଶ୍ୟାମସୁନ୍ଦର ପଣ୍ଡା, ସମାଜସେବୀ ପ୍ରମିଳା ପଣ୍ଡା, ଏସ୍.ଡ଼ି.ଜେ.ଏମ୍. ନିଖିଲ ଭାରତ ମହାନ୍ତି, ଆଇନଜୀବି ସତ୍ୟବ୍ରତ ମିଶ୍ର ଓ ରବିନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଜିର ଶିଶୁ କାଲିର ଭବିଷ୍ୟତ, ତେଣୁ ଶିଶୁର ଶାରିରିକ, ମାନସିକ, ବୈଦ୍ଧିକ, ନୈତିକ ବିକାଶ ପାଇଁ ପିତା, ମାତ. ଅବିଭାବକ, ଗୁରୁଜୀ, ଗୁରୁମା ସମସ୍ତେ ଶତତ ଚେଷ୍ଟିତ ହେବା ଆବଶ୍ୟକ । ଏମାନଙ୍କ ମଧରେ ବ୍ୟବହାରିକ ଶିକ୍ଷା ସହିତ ମାନବିକତା, ନୈତିକତା, ଦେଶପ୍ରାଣତା ଭାବର ବୀଜ ବପନ କଲେ ଭବିଋତରେ ଏହି ପିଲାମାନେ ଭଲ ମଣିଷ ହେବା ସହିତ ସୁ ନାଗରିକ ହୋଇ ଗଢ଼ି ତୋଳିବେ, ତେଣୁ ଦେଶର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଚାହିଁଥିଲେ ଦେଶର ପ୍ରତେକଟି ମା ଶିକ୍ଷିତ ହୋଇ ଶିଶୁ ମାନଙ୍କୁ ଉପଯୁକ୍ତ ନାଗରିକ ଭାବରେ ଗଢ଼ି ତୋଳନ୍ତୁ । ଗୁରୁମା ଗିତାଞ୍ଜଳି ମିଶ୍ର, ଇନ୍ଦ୍ରାଣୀ ପାଣିଗ୍ରାହୀ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିବା ସହିତ ଶେଷରେ ଶାନ୍ତି ପାଠ କରିଥିଲେ । ତାଲୁକ ସଭାର ଆଇନ ଜୀବି ନିରାକାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଶେଷରେ ସାମୁହିକ ବନ୍ଦେ ମାତରଂ ଗାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରକାଶିତା ବାଛିନୀ, ପ୍ରଭାସିନି ସାହୁ, ସସ୍ମିତା ଦାସ, ସର୍ସ୍ମିତା ବେହେରା, ସିତାକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଭାନୁପୁର ଯୋଗାଶ୍ରମରେ ଶିବମୁନିଙ୍କର ୧୩୮ ତମ ଜୟନ୍ତୀ ପାଳନ



ଜଳେଶ୍ୱର,୧୪/୧୧(ନି.ପ୍ର): ଭାନୁପୁର ଗ୍ରାମରେ ଅବସ୍ଥିତ ଦିବ୍ୟଜ୍ଞାନ ଶିବମୁନି ଯୋଗାଶ୍ରମରେ, ଆଦିମୁନିଶ୍ୱର ଯୋଗେଶ୍ୱର ଶିବମୁନିଜୀଙ୍କର ୧୩୮ ତମ ଜନ୍ମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ସର୍ବ ପ୍ରଥମେ ସତ୍ୟପତାକା ଉ□ାଳନ କରିଥିଲେ ଏବଂ ଜ୍ଞାନଜଜ୍ଞରେ ସଭାପତି ଆସନ ଅଳଙ୍କୃତ କରିଥିଲେ ଆଶ୍ରମର ଅଧ୍ୟକ୍ଷ ମୁନିବର ପ୍ରଭାକର ଆଚାର୍ଯ ମହୋଦୟ । ମୁଖ୍ୟ ଅତିଥି ହିସାବରେ ହାତିଆଡିହା ଆଶ୍ରମରୁ ଆସିଥିବା ବରିଷ୍ଠ ସାଧକ ଯୋଗୀ ପରମାନନ୍ଦ ମୁନି ଶିବମୁନିଙ୍କ ଦର୍ଶନ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଥିଲେ ବ୍ରହ୍ମିତ୍ ଯୋଗୀ ମୋହିମ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗୀ ଜନ୍ମେଞ୍ଜୟ ମୁନି, ଯୋଗୀ କୃପାସିନ୍ଧୁ ମୁନି, ଯୋଗୀ ପଦ୍ମଲାଭ ମୁନି, ମୁନି ନେଲିନ କୁମାର ପ୍ରଧାନ ଏବଂ ଭାଗବତ ମୁନି ଶିବମୁନିଙ୍କ ଜୀବନୀ ଉପରେ ଆଲୋକ ପାତ କରିଥିଲେ । ଆଧାତ୍ମିକ ମୁନି ସଙ୍ଗୀତ ଗାନ କରିଥିଲେ ଯୋଗଶିକ୍ଷୟତ୍ରୀ କମଳିନୀ ଦେବୀ, ଯୋଗୀ ଗଦାଧର ମୁନି, ମୁନିମତୀ ସୁମତୀ ପ୍ରଧାନ ଏବଂ ମୁନିମତୀ ସସ୍ମିତା ପ୍ରଧାନ । ଶେଷରେ ଯୋଗାଚାର୍ଯ୍ୟ ସୁଧାଂଶୁ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆନ୍ତଃରାଜ୍ୟ ଗ୍ରାମାଂଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଜଳେଶ୍ୱର, ୧୪/୧୧(ନିପ୍ର): ଖେଳ ଏକ ମନୋରଂଜନ କାର୍ଯ୍ୟକ୍ରମ ନୁହେଁ ବରଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନ, ଅର୍ଥ ଉପାର୍ଜନର ଅନ୍ୟଏକ ମାଧ୍ୟମ ବୋଲି ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ଦୀନକୃଷ୍ଣ ଯୁବ କ୍ରୀଡାଙ୍ଗନ ପଡିଆରେ ଅନୁଷ୍ଠିତ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମତପ୍ରକାଶ ପାଇଛି । ଏତ ତ୍ରୀକୋଣିୟ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣମେଣ୍ଟ ଗତ ୩୮ବର୍ଷ ଧରି ଖୁଆଡ ସ୍ଥିତ ଶଚିନ୍ଦ୍ରନାଥ କ୍ରିଡା ପରିଷଦ ପକ୍ଷରୁ ହୋଇ ଆସୁଛି । ଏଥିରେ ଓଡିଶାର ବାଲେଶ୍ୱର, ମୟୂରଭଂଜ, ପଶ୍ଚିମବଂଗର ପଶ୍ଚିମ ଓ ପୂର୍ବ ମେଦିନୀପୁର, ଝାଡଗ୍ରାମ ଓ ଝାଡଖଣ୍ଡ ରାଜ୍ୟରୁ ପ୍ରତିଯୋଗୀ ଦଳମାନେ ଭାଗ ନେଇଥାନ୍ତି । ଚଳିତ ବର୍ଷ ଅକ୍ଟୋବର ୧୮ ତାରିଖରେ ଏହି ଆନ୍ତଃରାଜ୍ୟ ଖେଳକୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ । ଗତ ଶନିବାର ଏହାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେବାବେଳେ ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ପାତ୍ର ଅଧ୍ୟକ୍ଷତା କରିଥିଲେ । ବିଭିନ୍ନ ରାଜ୍ୟର ୨୩ଟି ଫୁଟବଲ ଦଳ ଏଥିରେ ଭାଗ ନେଇଥିବା ବେଳେ ହାତୀଗଡ ଏକାଦଶ ଚମ୍ପିଆନ ହୋଇ ଟ୍ରଫି ଓ ନଗଦ ୭ହଜାର ଟଙ୍କା ଓ ଅସନଶୋଳିଆ ଫୁଟବଲ ଟିମ୍ ରନର୍ସ ଅପ ହୋଇ ଟ୍ରଫି ସହିତ ୫ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଥିଲା । ଏଥିରେ ବାଲେଶ୍ୱରର ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଖେଳରୁ ମେଳି ବା ବନ୍ଧୁତା ସୃଷ୍ଟି ହୋଇଥାଏ । ଏହା ବ୍ୟତିତ ଏବେ ଅର୍ଥ ଉପାର୍ଜନରେ ଏକ ମାଧ୍ୟମ ହୋଇଥିବା ବେଳେ ସୁସ୍ଥ ସ୍ୱାସ୍ଥ୍ୟ ପ୍ରଦାନ କରିଥାଏ ବୋଲି କହିଥିଲେ । ବାଲେଶ୍ୱର ଟାଉନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ସୋର ବିଇଓ ସୁଧାଂଶୁ ସେଖର ଜେନା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ପ୍ରତିଷ୍ଠାତା ସଂପାଦକ ତଥା ବିଧାୟକ ଅଶ୍ୱିନୀ ପାତ୍ର, ବିଆର୍‌ସିସି ଲଲାଟେନ୍ଦୁ ଜେନା, ଜଳେଶ୍ୱର ବିଇଓ ଭଗୀରଥ ଗିରି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଣବ କୁମାର ପାତ୍ର, ରାମେଶ୍ୱର ପାତ୍ର, ଶିବଶଂକର ସାହୁ, ଶଂକର ପାତ୍ରଙ୍କ ନେତୃତ୍ୱରେ ସ୍ମୃତି କ୍ରୀଡା ପରିଷଦ ପକ୍ଷରୁ ପରିଚାଳନା କରାଯାଇଥିଲା । ପ୍ରାରମ୍ଭରେ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଚକ୍‌ଦେ ଇଣ୍ଡିଆ ନୃତ୍ୟ ପ୍ରଦର୍ଶନ କରିଥିଲେ ।

## ପ୍ରତିଯୋଗୀ ମନୋଭାବ ସଫଳତାର ଶୀର୍ଷରେ ପହଞ୍ଚାଏ

ପୁରୀ,୧୪/୧୧ (ନି.ପ୍ର): ପ୍ରତିଯୋଗିତା ମନୋଭାବ ଛାତ୍ର ଛାତ୍ରୀମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ରହିଥିବା ବହୁମୁଖି ପ୍ରତିଭାର ବିକାଶ ଲାଗି ବିଦ୍ୟାଳୟ କର୍ତ୍ତୃପକ୍ଷ ନିରନ୍ତର ଉଦ୍ୟମ କରିବାକୁ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ଅନୁଷ୍ଠିତ ହୋଇଯାଇଛି । ଭାରାପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୀତେନ୍ଦ୍ରୀୟ ଜେନା ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ସାମର୍ଥା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜକ ବରଦା ପ୍ରସନ୍ନ ରାଉତ, ବିଭାଧିକାରୀ ବିଚିତ୍ରାନନ୍ଦ ଜେନା, କାର୍ତ୍ତିକେଶ୍ୱର ପ୍ରଧାନ, କମଳାକାନ୍ତ ରଥ, ମମତା ବେହେରା, ବିଶ୍ୱ ରଞ୍ଜନ ପ୍ରଧାନ, ଇତିଶ୍ରୀ ହୋତା ଓ ରଶ୍ମୀ ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସମଗ୍ର ଶିକ୍ଷା ପକ୍ଷରୁ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, ଚିତ୍ରାଙ୍କନ ଓ ସଂସ୍କୃତିକ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା କୃତୀପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ମଣ୍ଡଳ ଶିକ୍ଷାଧିକାରୀ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀଙ୍କ ସମେତ ୧୧ ଗୋଟି ବ୍ଲକରୁ ୯୯ଛାତ୍ର ଛାତ୍ରୀ ଓ ୭୭ଜଣ ଗାଇଡ୍ ଶିକ୍ଷକ ଯୋଗଦେଇଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ

ପାରାଦୀପ,୧୪/୧୧ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ଅଧିନରେ ରବିବାର ଦିନ ପାରାଦୀପ ବନ୍ଦର ଚିକିତ୍ସାଳୟ ଠାରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି । ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନାଦ ଉପାଧ୍ୟକ୍ଷ ଏ.କେ.ବୋଷ, ଲେଡିଜ୍ କ୍ଲବର ସଭାନେତ୍ରୀ ଗିରିଜା ହାରାନାଦ, ଉପସଭାନେତ୍ରୀ ସୁଚିସ୍ମିତା ବୋଷଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପଦଯାତ୍ରାକୁ ବନ୍ଦର ଅଧ୍ୟକ୍ଷ ଶ୍ରୀ ହାରାନାଦ ଶୁଭାରମ୍ଭ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ବନ୍ଦର ଚିକିତ୍ସାଳୟ ପରିସରରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡା ଙ୍କ ତତ୍ତ୍ୱାବଧାନରେ ମଧୁମେହ ସମେତ ଅନ୍ୟାନ୍ୟ ରୋଗର ମାଗଣା ପରିକ୍ଷା କରାଯାଇଥିଲା ।

## ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୧'



ବାଲେଶ୍ୱର,୧୪/୧୧ (ନି.ପ୍ର): ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୧' ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୨ଟି ବ୍ଲକରୁ ୫ଟି ବିଭାଗ ଯଥା- ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ ଓ ଏକ ଭାରତ-ଶ୍ରେଷ୍ଠ ଭାରତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବିଷ୍ଣୁ ମୋହନ ସୂତାର ଅଧ୍ୟକ୍ଷତା ସହ ସରକାରଙ୍କ ନୂତନ ଶିକ୍ଷାନୀତିରେ ଶିଶୁ ମହୋତ୍ସବ 'ସୁରଭି' ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶରେ ସହାୟକ ହୋଇପାରିଛି ବୋଲି କହିଥିଲେ । ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପିବତ୍ରମାହନ ବାରିକ ଓ ଧରଣୀଧର ପାତ୍ର ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଶିଶୁ ମହୋତ୍ସବର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଏହା ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ପାଇଁ ସୁଯୋଗ ଆଣିଦେଇଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରେମୁଣା ବିଆରସିସି ଶୈଳବାଳା ବେହେରା ଏଥିରେ ଅତିଥି ପରିଚୟ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଏଥିରେ ପୁରୁସ୍କୃତ କରିଥିଲେ ।

## ଶିକ୍ଷୟିତ୍ରୀ ପୁଷ୍ପରାଣୀଙ୍କ ଅନଶନ : ସ୍ୱାଧିନତା ପରେ କପ୍ତିପଦା ଉପଖଣ୍ଡର ପ୍ରଥମ ଘଟଣା



ଉଦଳା,୧୪/୧୧ (ନି.ପ୍ର): ଉଦଳା ପଞ୍ଚାୟତ ଅନ୍ତର୍ଗତ ଢ଼ିହିରାକୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ପୁଷ୍ପରାଣୀ ମହାପାତ୍ର ଚଳିତ ନଭେମ୍ବର ୨ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଏକସପ୍ତାହ ଧରି ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ । ଏ ବାବଦରେ ସେ ବହୁ ପୂର୍ବରୁ ମହାମହିମ ରାଜ୍ୟପାଳଙ୍କ ସମେତ ବିଭାଗୀୟ ସମସ୍ତ ଅଧିକାରୀ ମାନଙ୍କୁ ଲିଖିତ ଆକାରରେ ଜଣାଇଥିଲେ । ୧୯୯୮ ମସିହାରେ ତାଙ୍କ ସହ ନିଯୁକ୍ତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତାଙ୍କ ପୂର୍ବରୁ ପଦନ୍ନୋତି ନେଲେ କିପରି ବୋଲି ସେ ପ୍ରଶ୍ନ କରିବା ସହିତ ଚଞ୍ଚକତା କରି ଶିକ୍ଷା ବିଭାଗ ତାଙ୍କୁ ଅଣଦେଖା କରିଛି ବୋଲି ସେ ଅଭିଯୋଗ କରିଥିଲେ । ଶେଷରେ ଗୋଷ୍ଠୀ ଶିକ୍ଷାଧିକାରୀ ଏହାର ତଦନ୍ତ କରାଯିବ ବୋଲି ଲିଖିତ ପ୍ରତିଶୃତି ଦେବା ପରେ ସେ ଅନଶନ ପ୍ରତ୍ୟାହାର କରି ନେଇଥିବାର ଜଣାଯାଇଛି । ତେବେ ଉକ୍ତ ଘଟଣାକୁ କେନ୍ଦ୍ର କରି ବର୍ତ୍ତମାନ ସମଗ୍ର କପ୍ତିପଦା ଉପଖଣ୍ଡରେ ଚର୍ଚ୍ଚା ଜୋର ଧରିଛି । ଦେଶ ସ୍ୱାଧିନ ହେବା ପରେ ଜଣେ ମହିଳା କୌଣସି ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିର୍ଘ ୭ ଦିନ ଧରି ଅନଶନରେ ବସିବା ପ୍ରଥମ ଘଟଣା ବୋଲି ଶୁଣିବାକୁ ମିଳିଛି । ଆଉ କେତେକ ଉକ୍ତ ଘଟଣାରୁ ଶିକ୍ଷା ବିଭାଗ ଯେ କେତେ ଦୁର୍ନିତୀରେ ବୁଡ଼ି ରହିଛି ତାହା ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ମତ ଦେଉଛନ୍ତି ।

## ପ୍ରଚାର ପ୍ରସାରକୁ ନେଇ ଲୋକ ପ୍ରତିନିଧିଙ୍କ ଅସନ୍ତୋଷ

ଖଇରା,୧୪/୧୧(ନି.ପ୍ର): ଖଇରା ବ୍ଲକ ପରିସରରେ ଏହିଭଳି ଶିବିର ଆୟୋଜନ ପାଇଁ ଅକ୍ଟୋବର ୨୬ରୁ ବ୍ଲକକୁ ଚିଠି କରାଯାଇଥିବା ବେଳେ ମାତ୍ର ଆୟୋଜନ ର ୨ଦିନ ପୂର୍ବରୁ ମାଇକ ପ୍ରଚାର ଓ ବିଭିନ୍ନ ଲୋକପ୍ରତିନିଧି ଚିଠି କରାଯିବାକୁ ନେଇ ଖଇରା ବ୍ଲକ ର ବହୁ ଲୋକପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଛନ୍ତି । ଉପକରଣ ଅପେକ୍ଷାରେ ଥିବା ବହୁ ଦିବ୍ୟାଙ୍ଗଙ୍କୁ ଖବର ଦିଆଯାଇ ପାରିନାହିଁ ବୋଲି ନନ୍ଦୁର ସରପଞ୍ଚ ସୁରେନ୍ଦ୍ର ପ୍ରସାଦ ନାୟକ ଅଭିଯୋଗ କରିଛନ୍ତି ।

## ଦିବ୍ୟାଙ୍ଗ ଉପକରଣ ପାଇଁ ଚିହ୍ନଟ ହେଲେ ୫୭୦



ଖଇରା,୧୪/୧୧ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ପରିସରରେ ଗୁରୁବାର ଦିନ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଉପକରଣ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସାମାଜିକ ସୁରକ୍ଷା ବିଭାଗ ତଥା ଓଲଟପୁର ଜାତୀୟ ଥଇଥାନ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଉଦ୍‌ଘାଟନ କରିଥିବା ବେଳେ ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚକ୍ଷୁ, କର୍ଣ୍ଣନାଶାଗଳା, ଅସ୍ଥିଶଲ୍ୟ ବିଶେଷଜ୍ଞ ଙ୍କ ଦ୍ୱାରା ମୋଟ ୫୭୦ଜଣ ଭିନ୍ନକ୍ଷମ ବିଭିନ୍ନ ଉପକରଣ ପାଇଁ ଚିହ୍ନଟ ହୋଇଥିଲେ । ପରବର୍ତ୍ତୀ ସମୟରେ ସେମାନଙ୍କୁ ବ୍ଲକକୁ ଡକାଯାଇ ଉପକରଣ ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ କହିଛନ୍ତି । ଶିବିର ପରିଚାଳନାରେ ଗଗନ କୁମାର-ଜେନା, ସଙ୍ଗୀତା ମୁଦୁଲୀଙ୍କ ସମେତ ଜନହିତ ଯୁବକ ସଂଘର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

## ୨ପ୍ରତିଷ୍ଠାତାଙ୍କ ବିୟୋଗରେ ସ୍ମୃତିସଭା

ଖଇରା, ୧୪/୧୧ (ନି.ପ୍ର): ଖଇରା ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବାଲେଶ୍ୱର ଜିଲା କୁପାରୀସ୍ଥିତ ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାର ମୁନୀ ଉଦାସୀନ ଓ କୁପାରୀ ବାଳିକା ବିଦ୍ୟାଳୟର ପ୍ରତିଷ୍ଠାତା କମଳାକାନ୍ତ ବିଶ୍ୱାଳଙ୍କ ପାଇଁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି । ଖଇରା ଠାରେ ଆୟୋଜିତ ଏହି ସଭାରେ ଶରତ କୁମାର ବିଶ୍ୱାଳ ପୌରହିତ୍ୟ କରିଥିଲେ । ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ ପରେ ୨ମିନିଟ ନିରବ ପ୍ରାର୍ଥନା ଓ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ପାତ୍ର, ବୁଦ୍ଧିରାମ ପାଣିଗ୍ରାହୀ, ସନ୍ତୋଷ ଶତପଥି, ନାରାୟଣ ପେଡା, ନାରାୟଣ ପଣ୍ଡା, ଦେବେନ୍ଦ୍ର ରାଉତ, ଅରୁଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ୨ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିଭା ଉପରେ ଆଲୋକପାତ କରିଥିଲେ । କୋଷାଧକ୍ଷ ଅନାମ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ଆଇନଜିବୀଙ୍କ ପରଲୋକରେ ଜିଲ୍ଲା ଦୌରାଜଜ୍ ଙ୍କ ସ୍ମୃତିସଭା



ବାରିପଦା, ୧୪/୧୧ (ନି.ପ୍ର): ଜିଲ୍ଲା ଓକିଲ ସଂଘ ବାରିପଦାର ବରିଷ୍ଠ ଆଇନଜିବୀ ତଥା ସରକାରୀ ଓକିଲ ବିଶେଶ୍ୱର ଗିରିଙ୍କ ମୃତ୍ୟରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରା ଯାଇଛି । ସେ ଦେଓ୍ୱାନୀ ମକର୍ଦମା ଲଢ଼ିବାରେ ଦକ୍ଷ ଆଇନଜ୍ଞ ଥିଲେ । ତାଙ୍କର ମୃତ୍ୟୁରେ ଜିଲ୍ଲା ଓକିଲ ସଂଘ, ବାରିପଦାର ଅପୁରଣୀୟ କ୍ଷତି ଘଟିଛି ବୋଲି କୁହାଯିବା ସହ ତାଙ୍କ ମୃତ୍ୟୁ ସମୟରେ ସଂଘର କର୍ମକର୍ତ୍ତା ଏବଂ ସଂଘର ସଭ୍ୟ ତାଙ୍କ ବାସଭବନରେ ଉପସ୍ଥିତ ରହି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବାସହ ଜିଲ୍ଲା ଓକିଲ ସଂଘ ସଭାଗୃହରେ ସଭାପତି ଶ୍ରୀଯୁକ୍ତ ପ୍ରବୀର କୁମାର ବସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଶୋକ ସଭାରେ ବରିଷ୍ଠ ଆଇନଜିବୀ ପ୍ରଦୀପ ରଥ, କୃଷ୍ଣଚନ୍ଦ୍ର ଦାସ, ବିଭୁପ୍ରସାଦ ଦାସ, ସଂପାଦକ ବସନ୍ତ କୁମାର ଭୋଳ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ସଂଘର ସମସ୍ତ ସଦସ୍ୟ/ସଦସ୍ୟାମାନେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ପରେ ଜିଲ୍ଲା ଓ ଦୌରା ଜଜ୍ ମାନ୍ୟବର ପ୍ରଦୀପ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲ୍ଲା ଓ ଦୌରା ଜଜ୍ ଙ୍କ ପ୍ରକୋଷ୍ଠରେ ମଧ୍ୟ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା ।

## 'ଶ୍ରୀଜୀ ଲାଇଫ କେୟାର'ପକ୍ଷରୁ ଡାଇବେଟିସ ପରୀକ୍ଷା ଶିବିର

ବାଲେଶ୍ୱର,୧୪/୧୧ (ନି.ପ୍ର): ବିଶ୍ୱ ମଧୁମେହ ଦିବସ ଅବସରରେ 'ଶ୍ରୀଜୀ ଲାଇଫ କେୟାର' ଓ 'ଜ୍ୟୋତି ଆନନ୍ଦ ହେଲଥ କେୟାର'ର ମିଳିତ ସହଯୋଗରେ ଏକ ନିଃଶୁଳ୍କ ଡାଇବେଟିସ ପରୀକ୍ଷା ଶିବିର ଗୋପାଳଗାଁସ୍ଥିତ ଶ୍ରୀଜୀ ଲାଇଫ କେୟାର କ୍ଲିନିକରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ମାନସ ରଞ୍ଜନ ନାୟକ ଓ ଡାକ୍ତର ଆକଶ ମୋଦି ଏହି ଶିବିରରେ ଯୋଗଦେଇ ମଧୁମେହ ରୋଗର ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଞ୍ଚଳର ବହୁ ପୁରୁଷ ଓ ମହିଳା ଏହି ଶିବିରରେ ରୋଗ ପରୀକ୍ଷା କରିଥିଲେ । ଡାକ୍ତର ସୌଭାଗ୍ୟ ମିଶ୍ର, ରାଜୀବ ଦାଶ, ତାପସ କୁମାର ପ୍ରଧାନ, ପ୍ରଦୀପ୍ତ ଶେଖର ମହାପାତ୍ର, ଶୁଭଜିତ ବିନ୍ଧାଣୀ ପ୍ରମୁଖ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଉତ୍କଳ ବାଳାଶ୍ରମରେ ଶିଶୁ ମହୋତ୍ସବ 'ମହକ'

ବାଲେଶ୍ୱର,୧୪/୧୧ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବହାରଲାଲ ନେହେରୁଙ୍କ ଜୟନ୍ତୀ ତଥା ପବିତ୍ର ଶିଶୁ ଦିବସ ଅବସରରେ ବାଲେଶ୍ୱରର ଉତ୍କଳ ବାଳାଶ୍ରମ ପରିସରରେ ଦ୍ୱାଦଶ ଶିଶୁ ମହୋତ୍ସବ 'ମହକ' ରବିବାର ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ପରିବାରଠାରୁ ଦୂରେଇ ଆସିଏହିଭଳି ଆଶ୍ରମରେ ରହି ପାଠପଢୁଥିବା ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶରେ ଆୟୋଜିତଶିଶୁ ଉତ୍ସବ ମହକ ବେଶ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ଶରୀରିକ ବିକାଶରେ ମହକ ବେଶ ସହାୟକ ହୋଇଛି ବୋଲି କହିଥିଲେ । ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ, ସମାଜ ବାଲେଶ୍ୱର ସଂସ୍କରଣ ଡେସ୍କ ଇନଚାର୍ଯ ଶଶିରଞ୍ଜନ ମଲିକ, ଅକ୍ଷୟ ମଲିକ, ଉତ୍ପଳ ମହାନ୍ତି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଉଦ୍ୟମରେ ୧୨ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଶିଶୁ ଉତ୍ସବ 'ମହକ'ବାଳାଶ୍ରମ ପାଇଁ ଏକ ପରମ୍ପରା ହୋଇଛି ବୋଲି ଅତିଥିମାନେ କହିଥିଲେ । ତେବେ ବାଳାଶ୍ରମର ମୌଳିକ ତଥା ବ୍ରିଟିଶ ଅମଳର କୋଠା ନଷ୍ଟ କରାଯାଇଥିବାକୁ ନେଇ ଅତିଥି ଭାବେ ଅସନ୍ତାଷ ପ୍ରକାଶ କରିଥିଲେ । ବାଲେଶ୍ୱର ଜିଲା ପାଇଁ ଏହା ଐତିହ୍ୟ ହୋଇଥିବା ଏହି କୋଠାକୁ ସମ୍ପୂର୍ଣ୍ଣ ଭାଙ୍ଗିଦେବା ଆଦୌ ଉଚିତ ନଥିଲା ବୋଲି ଅତିଥିମାନେ କହିଥିଲେ । ସାମ୍ବାଦିକ ମୁଖ୍ୟ ସତ୍ୟଶିବ ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଯୁବନେତା ତୁଷାରକାନ୍ତି ତପସୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥାର ବାର୍ଷିକ ସାରସ୍ୱତ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ



ବାଲିଆପାଳ,୧୪/୧୧ (ନି.ପ୍ର): ବାଲିଆପାଳ ବ୍ଲକ ସତସଂଘ ନିକଟ ଜଗନ୍ନାଥ ସେବା ସଂସ୍ଥାର ବାର୍ଷିକ ସାରସ୍ୱତ ଉତ୍ସବ,ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ରବିବାର ପାରୁଳିଆଛକସ୍ଥିତ ଦୁର୍ଗାକଲ୍ୟାଣ ମଣ୍ଡପ ସଭାଗୃହରେ ପାଳିତ ହୋଇଯାଇଛି । ସମାଜରେ ସାମାଜିକ, ସାଂସ୍କୃତିକ ଓ ବୈଦ୍ଧିକ ଅବକ୍ଷୟ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଉତ୍ସବରେ ଯୋଗ ଦେଇଥିବା ଅତିଥମାନେ ଘୋର ଉଦବେଗ ପ୍ରକାଶ ପାଇଥିଲା । ସାହିତ୍ୟ ମଣିଷର ଅସ୍ଥିର ପ୍ରାଣକୁ ଶାନ୍ତି ପ୍ରଦାନ କରିପାରିବ ବୋଲି ଅତିଥିମାନେ ମଧ୍ୟ କହିଥିଲେ । କବି ଓ କଥାକାର ବ୍ରଜେନ୍ଦ୍ର ନାଥ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଡ.ରଶ୍ମିତା ପାଣିଗ୍ରାହୀ ମଂଚଆହ୍ୱାନ, ଅଧାପକ ସୁକାନ୍ତ ଗିରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ବାଲେଶ୍ୱର ରେବତୀ ପତ୍ରିକାର ସଂପାଦିକା ସୁବାସିନୀ ଜେନା ମୁଖ୍ୟ ଅତିଥି,ଜଳେଶ୍ୱର ଦୀନକୃଷ୍ଣ ସ୍ମୃତିପରିଷଦର ସଂପାଦକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟବକ୍ତା, କବି ହରିହର ପାଣିଗ୍ରାହୀ, ଅଧାପକ ଦୟାନିଧି ସାହୁ, କବି ସକୁମାର ଦାସ, ଫକୀରମୋହନସାହିତ୍ୟ ପରିଷଦର ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ, ସମୟ ଚକ୍ରର ସଂପାଦକ ସର୍ବେଶ୍ୱର ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ସୁବାସିନୀ ଜେନା ସଂସ୍ଥାର ମୁଖପତ୍ର ଆମ ଗୌରବକୁ ଉନ୍ମୋଚନ କରିଥିବା ବେଳେ ଜଗନ୍ନାଥ ପ୍ରଧାନଙ୍କ ପୁସ୍ତକ ଅମୃତ ଧାରାକୁ ବିପିନ ବିହାରୀ ବିଶ୍ୱାଳ ଉନ୍ମୋଚନ କରିଥିଲେ । ସାରସ୍ୱତକୃତୀ ଓ କୀର୍ତି ପାଇଁ ସୁବାସିନୀ ଜେନା, ହରିହର ପାଣିଗ୍ରାହୀ, ସୁକୁମାରଦାସ, ମାର୍କଣ୍ଡ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତିର୍ଥେଶ ରାୟ ମହାଶୟ, ଶଙ୍କରିମଣୀ ପ୍ରଧାନ, ପଙ୍କଜ ସାହୁ, ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଂସ୍ଥାର ମୁଖ୍ୟ ଜଗନ୍ନାଥ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୧ ଅନୁଷ୍ଠିତ




ବାରିପଦା,୧୪/୧୧(ନି.ପ୍ର): ପବିତ୍ର ଶିଶୁଦିବସ ଉପଲକ୍ଷେ ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୧ କୋଭିଡ – ୧୯ ଗାଇଡଲାଇନ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନବକିଶୋର ଗିରିଙ୍କର ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟିତ ସମାରୋହରେ ମୁଖ୍ୟ ବକ୍ତା ଭାବେ ଡି.ଆଇ.ଇ.ଟି, ଭଦ୍ରକର ଅଧ୍ୟକ୍ଷ ଡକ୍ଟର ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଦୀପ୍ତି ନାଏକ, ନିତ୍ୟାନନ୍ଦ ବାରିକ ଓ ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତି ଯୋଗଦାନ କରିଥିଲେ । ସେହିପରି ଉଦଯାପନୀ ତଥା ପୁରସ୍କାର ବିତରଣ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନବକିଶୋର ଗିରି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ଶ୍ରୀଯୁକ୍ତ ସୌମ୍ୟରୁପ ସାହୁ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଯୋଗଦାନ କରିଥିଲେ । ଜିଲ୍ଲାର ସମସ୍ତ ୨୬ ଗୋଟି ବ୍ଲକ ମଧ୍ୟରୁ ଜିଲ୍ଲାସ୍ତରୀୟ ଚୟନ କମିଟି ଦ୍ୱାରା ପ୍ରତ୍ୟେକ ପ୍ରତିଯୋଗିତାରୁ ମୂଲ୍ୟାୟନ କରାଯାଇ ସର୍ବଶ୍ରେଷ୍ଠ ୧୦ ଟି ଲେଖାଏଁ ପ୍ରଯୋଗୀଙ୍କୁ ଆମନ୍ତ୍ରଣ କରାଯାଇଥିଲା । ତେବେ ଚଳିତ ବର୍ଷ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗୀତା ଗୁଡିକରେ ଯଥା – ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ରଶ୍ମିରେଖା ମହାକୁଡ, ହାଟବଦ୍ରା ହାଇସ୍କୁଲ, କୁସୁମୀ, ଦ୍ୱିତୀୟରେ ପୁଷ୍ପଲତା ନାଏକ, ଓ.ଏ.ଭି. ଚାନ୍ଦୁଆ, କୁଳିଅଣା, ତୃତୀୟରେ ପୂର୍ଣ୍ଣିମା ଗିରି, ତୋଟାପଡା ବାଳିକା ଉଚ୍ଚ ବିଦ୍ୟାଳୟ, ରାସଗୋବିନ୍ଦପୁର, ତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଲିଜା ବର୍ଦ୍ଧନ, ସେଣ୍ଟ ମେରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା, ଦ୍ୱିତୀୟରେ ଦେବ ରଞ୍ଜନ ଶିଖର, ଓ.ଏ.ଭି. ମାଟିଆଗଡ, ଯଶିପୁର, ତୃତୀୟରେ ଶୁଭ ଲକ୍ଷ୍ମୀ ମାରଣ୍ଡୀ, ଓ.ଏ.ଭି. ଜମିରଡିହା , ବିଶୋଇ, ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମରେ ବିରଗା ଉଗୁରଶୁଣ୍ଡୀ, ଜବାହାରଲାଲ ଉଚ୍ଚ ବିଦ୍ୟାଳୟ, ବଡଖଲାଡି, କପ୍ତିପଦା, ଦ୍ୱିତୀୟରେ ସ୍ୱାଗତିକା ମହାନ୍ତ, ଓ.ଏ.ଭି. ସାନଶୋଳ, ଶାମାଖୁଣ୍ଟା, ତୃତୀୟରେ ଆର୍ଯ୍ୟା ଉପସିତା ପୃଷ୍ଟି, ସରକାରୀ ବାଳିକା ଉ.ପ୍ରା. ବିଦ୍ୟାଳୟ, ସାଇଁକୁଳା, ଗୋପବନ୍ଧୁନଗର, ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମରେ ସୁପ୍ରିୟା ଖୋରଦା, ଜାମବାଦି ଉଚ୍ଚ ବିଦ୍ୟାଳୟ, ଶୁଳିଆପଦା, ଦ୍ୱିତୀୟରେ ରେଗା ସିଂହ, ଓ.ଏ.ଭି. ଭାଲୁବସା, କପ୍ତିପଦା, ତୃତୀୟରେ ଅଲିଭା ମହାପାତ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଆମରା, ଗୋପବନ୍ଧୁନଗର ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶୋଇ ୟୁ.ଜି. ଉଚ୍ଚ ବିଦ୍ୟାଳୟ, ବିଶୋଇ ପ୍ରଥମ, ପୂର୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବାରିପଦା ଦ୍ୱିତୀୟ, ଠାକୁରମୁଣ୍ଡ । ସରକାରୀ ଉ.ପ୍ରା. ବିଦ୍ୟାଳୟ, ଠାକୁରମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତ ପ୍ରତିଯୋଗୀତା ଜିଲ୍ଲା ଶିକ୍ଷକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବାରିପଦାର ଶିକ୍ଷକ ପ୍ରଶିକ୍ଷକ ଓ ଅଭିଜ୍ଞ ଶିକ୍ଷକ ମାନଙ୍କ ସହଯୋଗରେ କରଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ଶ୍ରୀଯୁକ୍ତ ସପନ କୁମାର ପୃଷ୍ଟି, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଶ୍ରୀଯୁକ୍ତ ଅଶୋକ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷକ ସତ୍ୟ ନାରାୟଣ ନାୟକ, ଜଗନ୍ନାଥ ସିଂ, ଗରେନ୍ଦ୍ର ସିଂ, ଶିକ୍ଷୟିତ୍ରୀ ମୌସୁମୀ ସାହୁ, କାର୍ଯ୍ୟାଳୟ ତରଫରୁ ଅଶ୍ୱିନୀ କୁମାର ସିଂହ, ରାଜେଶ କୁମାର ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo